

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୭ ଅଗଷ୍ଟ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 27 August 2024

Vol.No. 35 ■ No.229 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ୩୫ଶ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ

## ନବଲେଖକ ନିର୍ମାଣ ଓ ପ୍ରତିଭାକୁ ସ୍ୱୀକୃତି ଦେବାରେ ଧ୍ୱନି ପ୍ରତିଧ୍ୱନିର ଅବଦାନ ଅତୁଳନୀୟ



ବାଲେଶ୍ୱର, ୨୬/୮ (ନି.ପ୍ର): ବାଲେଶ୍ୱରରୁ ପ୍ରକାଶିତ ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ୩୫ଶ ବାର୍ଷିକ ଉତ୍ସବ ତଥା ସମ୍ମାନ ପ୍ରଦାନ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ତଥା ଧ୍ୱନି ପ୍ରତିଧ୍ୱନିର ଉପଦେଷ୍ଟା ରଘୁନାଥ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଲେଖିକା ପ୍ରଫେସର ସଂଘମିତ୍ରା ମିଶ୍ର ଯୋଗଦେଇ ନିଜ ବକ୍ତବ୍ୟରେ କହିଲେ ଯେ ନବଲେଖକ ନିର୍ମାଣ ଓ ପ୍ରତିଭାକୁ ସ୍ୱୀକୃତି ଦେବାରେ ଧ୍ୱନି ପ୍ରତିଧ୍ୱନିର ଅବଦାନ ଅତୁଳନୀୟ। ଆଜିର ଦିନରେ ଆମ ଉଚ୍ଚଶିକ୍ଷିତ ପିତାମାତାମାନେ ସେମାନଙ୍କ ସ୍ୱପ୍ନକୁ ନିଜ ସନ୍ତାନ ଉପରେ ଲଦି ଦେଉଥିବାରୁ ସନ୍ତାନମାନଙ୍କର ସ୍ୱପ୍ନସବୁ ସମାଧି ଲଭୁଛି। ଏତେବେଳେ ଆମ ଲେଖକମାନେ ଏ ଦିଗରେ ମଧ୍ୟ ନିଜର ଚିନ୍ତାପ୍ରକଟ କରିବା ଉଚିତ୍। ବାଲେଶ୍ୱର ସବୁ ସମୟରେ ଓଡ଼ିଆ ଭାଷା ସାହିତ୍ୟକୁ ବିପୁଳ ଅବଦାନ ଦେଇଛି ତହିଁରେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ଅବଦାନକୁ କେବେ ଅସ୍ୱୀକାର କରିହେବ ନାହିଁ।

କବି ରତ୍ନାକର ରାଉତ, କବି ଓ ଗାଳ୍ପିକ ଡ. ଅଜୟ ସ୍ୱାଇଁ, କବି ତଥା ପ୍ରଫେସର ଗିରିଜା ଶଙ୍କର ଶର୍ମା, ସଂଳାପ ଲେଖକ ଡ. ରଜନୀ ରଞ୍ଜନ ଦାଶ, ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଡ. କାଳୀପଦ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥଲେ। ସର୍ବପ୍ରଥମେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ସଂପାଦିକା ସୈରିନ୍ଧ୍ରୀ ସାହୁ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଅତିଥିମାନଙ୍କୁ ପୁଷ୍ପ ଗୁଚ୍ଛ ଓ ବ୍ୟାଚ ପ୍ରଦାନ ପରେ ମନ୍ତ୍ରପାଠ ସହିତ ପ୍ରଦୀପ ପ୍ରଜ୍ୱଳନରେ ଉତ୍ସବ ଅନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହେଇଥଲା। ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସୃଷ୍ଟିଧର ପରିଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅତିଥିମାନଙ୍କ ଦ୍ୱାରା ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ସ୍ୱନକ୍ଷତ୍ର ସଂଖ୍ୟା ସହିତ ସୁବର୍ଣ୍ଣଶ୍ରୀ ପ୍ରକାଶନୀ ଦ୍ୱାରା ପ୍ରକାଶିତ ସୈରିନ୍ଧ୍ରୀ ସାହୁଙ୍କ କବିତା ସଂକଳନ 'ଅନୁଚ୍ଚାରିତ' ଓ ଜ୍ୟୋସ୍ନା ମିଶ୍ର ପାଣିଗ୍ରାହୀଙ୍କ ଗଳ୍ପ ସଂକଳନ 'ଶେଷ ବସନ୍ତର ଅଶ୍ରୁ' ଉନ୍ମୋଚନ ହୋଇଥଲା। ସଂପାଦିକା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

ଏଠାରେ ଲେଖା ଆରମ୍ଭ କରିଥିବା କବି ଓ ଗାଳ୍ପିକମାନେ ଆଜି ଜଣେ ଜଣେ ପ୍ରତିଷ୍ଠିତ ଲେଖକ, ▶▶ପୃଷ୍ଠା ୭

# ମମତାଙ୍କ 'ଦୁଷ୍କର୍ମ ପ୍ରସଙ୍ଗ' ଚିଠିର କଡ଼ା ଜବାବ ଦେଲା କେନ୍ଦ୍ର



ଭୁବନେଶ୍ୱର, ୨୬/୮ (ନି.ପ୍ର): କୋଲକାତା ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ବ୍ୟାକଫୁଟରେ ଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ କଡ଼ା ଜବାବ ଦେଇଛନ୍ତି କେନ୍ଦ୍ର ସରକାର। ନିକଟରେ ସମଗ୍ର ଦେଶରେ ଘଟୁଥିବା ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ମମତା ଚିନ୍ତା ପ୍ରକଟ କରିଥିଲେ। ସେ ଫାଷ୍ଟଟ୍ରାକ କୋର୍ଟ ଠାରୁ ଆରମ୍ଭ କରି ୧୫ ଦିନରେ ପୀଡ଼ିତାଙ୍କୁ ନ୍ୟାୟ ଦେବା ସପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଥିଲେ। ଏହି ଚିଠିର ଜବାବ ଆଜି କେନ୍ଦ୍ର ପକ୍ଷରୁ ଦିଆଯାଇଛି। କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ବେଙ୍ଗଲ ପାଇଁ ୧୨୩ଟି ଫାଷ୍ଟ ଟ୍ରାକ କୋର୍ଟର ବ୍ୟବସ୍ଥା କରାଯାଇଛି। ଦୁଷ୍କର୍ମ ଓ ଶିଶୁ ନିର୍ଯାତନାର ଶୁଣାଣି ପାଇଁ ଏତେ ସଂଖ୍ୟକ କୋର୍ଟଙ୍କୁ ମଞ୍ଜୁରୀ ଦିଆଯାଇଛି। କିନ୍ତୁ ସେଗୁଡ଼ିକ ମଧ୍ୟରୁ ଏଯାଏ ଅଧିକାଂଶ କୋର୍ଟ କାର୍ଯ୍ୟକ୍ଷମ ହୋଇପାରିନାହିଁ। ମମତା ବାନାର୍ଜୀ ଗତ ସପ୍ତାହରେ ମୋଦିଙ୍କୁ ▶▶ପୃଷ୍ଠା ୭

# ବିଜେପିର ଜମ୍ମୁ-କଶ୍ମୀର ପ୍ରାର୍ଥୀ ଟ୍ୱିଷ୍ଟ: ପ୍ରତ୍ୟାହାର ପରେ ଆସିଲା ନୂଆ ଲିଷ୍ଟ



ନୂଆଦିଲ୍ଲୀ, ୨୬/୮ : ଜମ୍ମୁ-କଶ୍ମୀର ନିର୍ବାଚନକୁ ନେଇ ଦ୍ୱନ୍ଦ୍ୱରେ ବିଜେପି। କାହାକୁ ଟିକେଟ୍ ଦେବ କାହାକୁ ଦେବନି, ତାକୁ ନେଇ ଦଳ ଭିତରେ ଚାଲିଛି କସରତ। ଏହାରି ଭିତରେ ପ୍ରଥମେ ପ୍ରାର୍ଥୀ ତାଲିକା ପ୍ରକାଶ କରି ପ୍ରତ୍ୟାହାର କରିନେବା ପରେ ପୁଣି ଥରେ ନୂଆ ତାଲିକା ପ୍ରକାଶ କରିଛି ଦଳ। ନୂଆ ତାଲିକାରେ କାଣ୍ଟଛାଣ୍ଟ କରି କେବଳ ୧୫ ଜଣଙ୍କୁ ଟିକେଟ୍ ଦେଇଛି ବିଜେପି। ପୂର୍ବରୁ ୪୪ ଜଣିଆ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରିଥିଲା ଦଳ। ତିନୋଟି ପର୍ଯ୍ୟାୟ ପାଇଁ ଦଳ ୧୦, ୧୫ ଓ ୧୯ କ୍ରମରେ ପ୍ରାର୍ଥୀ ଦେଇଥିଲା। ହେଲେ ଏହାର କିଛି ସମୟ ପରେ ଏହାକୁ ପ୍ରତ୍ୟାହାର କରିନେଇଥିଲା। ନୂଆ ତାଲିକାରେ କେବଳ ୧୫ ଜଣଙ୍କ ନାଁ ଅଛି। ଫଳରେ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ବଢ଼ାଇଛି ଦଳ। ତେବେ ଏହା ପଛର କ'ଣ କାରଣ ଦଳ ସ୍ପଷ୍ଟ କରିନାହିଁ। ସେପ୍ଟେମ୍ବର ୧୮ରେ ଜମ୍ମୁ-କଶ୍ମୀରରେ ପ୍ରଥମ ପର୍ଯ୍ୟାୟ ଭୋଟ୍ ଗ୍ରହଣ ହେବ। ଏହି ପର୍ଯ୍ୟାୟ ପାଇଁ ୧୫ ଜଣିଆ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି ଦଳ। ବାକି ଦୁଇଟି ପର୍ଯ୍ୟାୟ ଭୋଟ୍ ପାଇଁ ଦଳ ପରବର୍ତ୍ତୀ ସମୟରେ ପ୍ରାର୍ଥୀ ତାଲିକା ପ୍ରକାଶ କରିବ ବୋଲି ଜଣାପଡ଼ିଛି। ଧାରା ୩୭୦ ଉଚ୍ଛେଦ ପରେ ପ୍ରଥମ ଥର ପାଇଁ ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ମୋଟ ୯୦ଟି ଆସନରେ ଭୋଟିଂ ହେବ।ସେପ୍ଟେମ୍ବର ୧୮ରେ ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ହେବାକୁ ଥିବା ବେଳେ, ୨୫ରେ ଦ୍ୱିତୀୟ ଓ ଅକ୍ଟୋବାର ୧ ତାରିଖରେ ତୃତୀୟ ପର୍ଯ୍ୟାୟ ଭୋଟ୍ ଗ୍ରହଣ ହେବ।



ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ୩୫ଶ ବାର୍ଷିକୋତ୍ସବରେ ଅତିଥିମାନଙ୍କ ହସ୍ତରେ ଉନ୍ମୋଚିତ ହେଉଛି ଗାଳ୍ପିକା ଜ୍ୟୋସ୍ନା ମିଶ୍ର ପାଣିଗ୍ରାହୀଙ୍କ ଗଳ୍ପ ପୁସ୍ତକ 'ଶେଷ ବସନ୍ତର ଅଶ୍ରୁ'।

# ଜୀବନ ସଂଗ୍ରାମରେ ଥିବା ବର୍ଷିୟାନ୍ ବ୍ୟକ୍ତିଙ୍କୁ ଏକ ନିଆରା ସମ୍ବର୍ଦ୍ଧନା



ବାଲେଶ୍ୱର, ୨୬/୮ (ନି.ପ୍ର): ପବିତ୍ର ଜନ୍ମାଷ୍ଟମୀ ଦିନ ବାଲେଶ୍ୱର ସହରରେ ବିଭିନ୍ନ କ୍ଷେତ୍ରରେ ନିଜର ଜୀବନ ଜୀବିକା ନିର୍ବାହ କରୁଥିବା ୧୭ ଜଣ ବରିଷ୍ଠ ସଂଗ୍ରାମୀ ତଥା ସ୍ୱାଭିମାନୀ ବ୍ୟକ୍ତିଙ୍କୁ ବାଲେଶ୍ୱର ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ, ଉତ୍କଳ ସମ୍ମିଳନୀ ଜିଲ୍ଲା ଶାଖା ଓ ଖଇରା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଏକ ନିରାଡମ୍ବର ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି। ଖବରକାଗଜ ହକର,. ପାନଦୋକାନୀ, ରାସ୍ତାକଡ଼ର ପରିବାବିକାଳି, ଚା'ଦୋକାନୀ, ଜୋତା ମରାମତି କରୁଥିବା ଲୋକ, ପଇଡ଼ ବିକାଳି, ଲେମ୍ବୁବିକାଳି ଓ ହୋଟେଲରେ ବାସନ ଧୋଉଥିବା ମହିଳା ଶ୍ରମିକମାନଙ୍କୁ ଉତ୍ତରୀୟ, ଛତା, ବର୍ଷାତୀ, ଶାଢ଼ୀ, ଶ୍ରୀଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ର ଓ ପୁଷ୍ପ ଅତିଥିମାନେ ପ୍ରଦାନ କରି ସେମାନଙ୍କୁ ସମ୍ମାନ ପ୍ରଦର୍ଶନ କରିଥିଲେ। ଭାଗବତ ହାଲଦାର, ଗୋପାଳକୃଷ୍ଣ ସେନ୍, ଗଙ୍ଗାଧର ବେହେରା, ବାଞ୍ଛାନିଧି ଦାସ, ସପନ କୁମାର ସେନ୍, କେ. ପାଣ୍ଡୁରାଓ, ବଂଶୀଧର ସେଠୀ, ରାଜନ କୁମାର ନାଥ, ମଲ୍ଲୀ ପଡ଼ିଆରୀ ଓ ପୁରୁଷୋତ୍ତମ ପରିଡ଼ା ପ୍ରମୁଖ ଏହି ସମ୍ବର୍ଦ୍ଧନା ଗ୍ରହଣ କରି ସଂଗଠନମାନଙ୍କ ପ୍ରତି ସେମାନଙ୍କର କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ସମ୍ବର୍ଦ୍ଧିତ ବ୍ୟକ୍ତିମାନଙ୍କ ଜୀବନାବଳୀ ସଂପର୍କିତ ଏକ ପୁସ୍ତିକା 'ବର୍ଷୀୟାନ୍' ଉନ୍ମୋଚନ କରାଯାଇଥିଲା। ରାଜ୍ୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଭାଗୃହରେ ଏକ ନିଆରା ଉତ୍ସବରେ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀ ▶▶ପୃଷ୍ଠା ୭

## ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ହତ୍ୟାର ତଦନ୍ତ ରିପୋର୍ଟ ସାର୍ବଜନୀନ ହେବ: ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୨୬/୮ (ନି.ପ୍ର): ହିନ୍ଦୁ ଧର୍ମଗୁରୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାର ବିଚାର ବିଭାଗୀୟ ତଦନ୍ତ କମିଶନ ରିପୋର୍ଟକୁ ରାଜ୍ୟ ସରକାର ଖୁବଶୀଘ୍ର ସାର୍ବଜନୀନ କରିବେ। ମୁଖ୍ୟମନ୍ତ୍ରୀଙ୍କ ସହ ଏନେଇ ଆଲୋଚନା ହୋଇସାରିଛି ଓ ନିଷ୍ପତ୍ତି ଖୁବଶୀଘ୍ର ନିଆଯିବ ବୋଲି ଆଜି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏପଟେ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ହତ୍ୟାର ୧୬ତମ ଶ୍ରାଦ୍ଧବାର୍ଷିକୀରେ ଶତାଧିକ ସାଧୁସନ୍ଥ ଏକଜୁଟ ହୋଇ ତୁରନ୍ତ ଦୋଷୀଙ୍କୁ ଦଣ୍ଡ ପ୍ରଦାନ ଦିଗରେ ବିଜେପି ସରକାର ପଦକ୍ଷେପ ନିଅନ୍ତୁ ବୋଲି ଦାବି କରିଛନ୍ତି। ଆଜି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ମାମଲାର ବିଚାରବିଭାଗୀୟ ତଦନ୍ତ ରିପୋର୍ଟକୁ ରାଜ୍ୟ ସରକାର ଖୁବଶୀଘ୍ର ସାର୍ବଜନୀନ କରିବେ। ମୁଖ୍ୟମନ୍ତ୍ରୀଙ୍କ ସହ ଏନେଇ ଆଲୋଚନା ସରିଛି। କମିଶନ ରିପୋର୍ଟ ଓ ଅନ୍ୟାନ୍ୟ ତଥ୍ୟକୁ ସାର୍ବଜନୀନ କରାଯିବ। ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଆରଏସଏସ୍ ▶▶ପୃଷ୍ଠା ୭

# ଟଙ୍କା ବୁହା ଗାଡ଼ିରୁ ୫୦ କେଜି ସୁନା ଜବତ



ଭୁବନେଶ୍ୱର, ୨୬/୮ (ନି.ପ୍ର): କିଲେ କି ଦୁଇ କିଲୋ ନୁହେଁ। ଜବତ ହୋଇଛି ୫୦ କେଜି ସୁନା ସହ ୨ କୁଇଣ୍ଟାଲ ରୁପା। ଭୁବନେଶ୍ୱର ବିମାନବନ୍ଦର ପାଖରୁ ଏତେ ପରିମାଣର ସୁନା ଏବଂ ରୁପା ଜବତ କରିଛି ସିଟି ଜିଏସଟି ବିଭାଗ। ଏସବୁ ସୁନା ଏବଂ ରୁପାକୁ ଟଙ୍କା ବୁହା ଗାଡ଼ିରୁ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୩୦ କୋଟି ଟଙ୍କା ହେବ ବୋଲି କୁହାଯାଉଛି। ୨ଟି ଗାଡ଼ିରେ ସୁନା, ରୁପା ଆସୁଥିବା ବେଳେ ଧରିଥିଲା ସ୍କ୍ୱାଡ୍। ତେବେ କେଉଁଠାରୁ ଏହି ▶▶ପୃଷ୍ଠା ୭

# ୯/୧୧ ଭଳି ୩୮ ମହଲା କୋଠାରେ କଲା ବୋମାମାଡ଼ ୟୁକ୍ରେନ

## ୟୁକ୍ରେନ ଉପରେ ରୁଷର କ୍ଷେପଣାସ୍ତ୍ର ଓ ଡ୍ରୋନ ବର୍ଷା



ନୂଆଦିଲ୍ଲୀ, ୨୬/୮ : ରୁଷିଆ-ୟୁକ୍ରେନ ଯୁଦ୍ଧ ଅଧିକ ଭୟଙ୍କର ହେବାରେ ଲାଗିଛି। ପୂର୍ବରୁ, ୟୁକ୍ରେନ ଯୁଦ୍ଧରେ ରୁଷିଆଠାରୁ ପଛରେ ଥିଲା। କିନ୍ତୁ ବର୍ତ୍ତମାନ ୟୁକ୍ରେନ ଆଗରେ ଚାଲୁଛି। ୟୁକ୍ରେନ ପ୍ରଥମେ ରୁଷିଆର ଜମି ଦଖଲ କରି ରୁଷିଆରେ ପ୍ରବେଶ କରିଥିଲା। ବର୍ତ୍ତମାନ ରାଷ୍ଟ୍ରପତି ଭୋଲଡିମେୟର ଜେଲେନସ୍କିଙ୍କ ୟୁକ୍ରେନ ସେନା ରାଷ୍ଟ୍ରପତି ବ୍ଲାଡିମିର ପୁଟିନଙ୍କୁ ଗଭୀର ଆଘାତ ଦେଇଛି। ୟୁକ୍ରେନ ରୁଷିଆରେ ଉପରେ ଏକ ବଡ଼ ଆକ୍ରମଣ କରିଛି। ୟୁକ୍ରେନ ସେନା ରୁଷିଆର ସାରାତୋଭ ସହରର ସବୁଠାରୁ ବଡ଼ କୋଠା ଉପରେ ଡ୍ରୋନ୍ ସାହାଯ୍ୟରେ ଆକ୍ରମଣ କରିଛି। ଏହି ଆକ୍ରମଣ ପରେ ରୁଷିଆର ଏହି କୋଠା ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ବାସ୍ତବରେ, ରୁଷିଆ ଉପରେ ୟୁକ୍ରେନ ସେନାର ଏହି ଆକ୍ରମଣ ୯/୧୧ ଆକ୍ରମଣ ପରିହୋଇଛି। ୟୁକ୍ରେନ ଡ୍ରୋନ୍ ସାହାଯ୍ୟରେ ସାରାତୋଭରେ ଥିବା ଏକ ଆବାସିକ ଅଞ୍ଚଳରେ ଥିବା ୩୮ ମହଲା କୋଠା ଉପରେ ଆକ୍ରମଣ କରିଛି। କୁହାଯାଉଛି ଯେ ୟୁକ୍ରେନର ଟାର୍ଗେଟ ହେଉଛି ରୁଷିଆର ଏଙ୍ଗେଲସ୍ ଏୟାରବେସ୍। ମାତ୍ର ୧୨ କିଲୋମିଟର ପୂର୍ବରୁ ୟୁକ୍ରେନର ଡ୍ରୋନ୍ ସାରତୋଭରେ ଥିବା ଏକ କୋଠା ସହିତ ଧକ୍କା ହୋଇଥିଲା। ଏହା ପରେ ଏକ ବଡ଼ ଧରଣର ବିସ୍ଫୋରଣ ହୋଇଥିଲା ଏବଂ କୋଠାଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଥିଲା। କୋଠା ଚାରିପଟେ ବହଳ ଧୂଆଁ ଘେରି ଯାଇଥିଲା। ଏହି ଆକ୍ରମଣରେ ରୁଷିଆର କେତେ କ୍ଷତି ହୋଇଛି ତାହା ଏପର୍ଯ୍ୟନ୍ତ ଜଣା ପଡିନାହିଁ। ସାରାତୋଭ ଅଞ୍ଚଳର ଥିବା ଦୁଇଟି ▶▶ପୃଷ୍ଠା ୭

# ପାଣ୍ଡିଆନଙ୍କ ଶଳା କହି ଲକ୍ଷାଧିକ ଟଙ୍କା ଠକେଇ: ଜଣେ ଗିରଫ, ଫେରାର ୨ ଜଣଙ୍କ ମଧ୍ୟରେ ଅଛନ୍ତି ବିଜେଡି ନେତ୍ରୀ



ଭୁବନେଶ୍ୱର, ୨୬/୮ (ନି.ପ୍ର): ଭିକେ ପାଣ୍ଡିଆନଙ୍କ ଶଳା ପରିଚୟ ଦେଇ ଚାକିରି କରାଇ ଦେବା ନାଁରେ ଲକ୍ଷାଧିକ ଟଙ୍କା ଠକେଇ। କେନ୍ଦ୍ରାପଡ଼ାରୁ ମାଲକାନଗିରି ପର୍ଯ୍ୟନ୍ତ ଲମ୍ବିଛି ଏହି ଠକେଇର ଚେର। ଆଉ ଏଭଳି ଠକେଇ ଅଭିଯୋଗରେ କେନ୍ଦ୍ରାପଡ଼ାର ରମେଶ ରାଉତଙ୍କୁ ଭୁବନେଶ୍ୱରରୁ ଗିରଫ କରିଛି ପୁଲିସ। ଗିରଫ ରମେଶ ରାଉତ ନିଜକୁ ଭିକେ ପାଣ୍ଡିଆନଙ୍କ ଶଳା କହି ବିଭିନ୍ନ ଲୋକଙ୍କ ଠାରୁ ଲକ୍ଷାଧିକ ଟଙ୍କା ଠକିଥିବା ଅଭିଯୋଗ ହୋଇଛି। ରମେଶଙ୍କ ସହ ଆଉ ୨ ଜଣ ଏହି ରାକେଟରେ ସଂପୃକ୍ତ ଥିବା ନେଇ ଏତଲା ଦିଆଯାଇଛି। ସେମାନଙ୍କ ମଧ୍ୟରେ ରହିଛନ୍ତି ମାଲକାନଗିରି ଜିଲ୍ଲା ମାଥିଲିର ଜୋନ-୩ର ବିଜେଡି ଜିଲ୍ଲା ପରିଷଦ ସଭ୍ୟ ସସ୍ମିତା ମାଝୀ। ସେ ଫେରାର ▶▶ପୃଷ୍ଠା ୭

# ଫାଶୀ ଦେଇ ପୂର୍ବତନ ସରପଞ୍ଚଙ୍କ ପୁତ୍ର ଜୀବନ ହାରିଲେ

ଲଙ୍ଗଳେଶ୍ୱର,୨୬/୦୮ (ନି.ପ୍ର): ବାଲିଆପାଳ ବ୍ଲକ ଜମ୍ବିରାଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ଜୟନ୍ତୀ ନାୟକଙ୍କ ପୁତ୍ର କାର୍ତ୍ତିକ ନାୟକ (୫୫) ରବିବାର ସକାଳେ ନିଜ ବାଡ଼ି କଡ଼ କୁଟୁଳା ଗଛରେ ଫାଶି ଦେଇ ଆତ୍ମହତ୍ୟା କରିଛନ୍ତି ।ରବିବାର ସକାଳେ ନିଜ ବାଡିକଡ଼ ତାଳଗଛରୁ ତାଳ କୁଡାଇ ଘରକୁ ପଠାଇ କାର୍ତ୍ତିକ ଆଉ ଘରକୁ ଫେରିନଥିଲେ ।କିଛି ସମୟ ପରେ କାର୍ତ୍ତିକ କୁଟୁଳା ଗଛରେ ଫାଶି ଦେଇଥିବାର ଦେଖି ପଡୋଶୀ ତାଙ୍କ ପରିବାରକୁ ଖବର ଦେଇଥିଲେ । ପରେ ପଡୋଶୀଙ୍କ ସହଯୋଗରେ ପରିବାର ଲୋକମାନେ କାର୍ତ୍ତିକକୁ ବସ୍ତା ହସ୍ପିଟାଲକୁ ନେଇଥିଲେ ।ମାତ୍ର ଡାକ୍ତର ମୃତ ଘୋଷଣା କରିଥିଲେ ବୋଲି ପରିବାର ଲୋକ କହିଛନ୍ତି ।କାର୍ତ୍ତିକ ନାୟକ ବିଜୁ ଜନତା ଦଳର ଜଣେ ଟାଣୁଆ ନେତା ଥିଲେ ।ତାଙ୍କ ମା ସରପଞ୍ଚ ଥିବାବେଳେ ତାଙ୍କର ସମସ୍ତ କାର୍ଯ୍ୟ କରି ପଞ୍ଚାୟତରେ ବେଶ ଲୋକ ପ୍ରିୟତା ଅର୍ଜନ କରିଥିଲେ ।ତାଙ୍କର ଦୁଇ ଜଣ ଝିଅ ଓ ଜଣେ ପୁତ୍ର ଅଛନ୍ତି ।ଦୁଇ ଝିଅଙ୍କ ବିବାହ ସରିଥିବା ବେଳେ ୭ବର୍ଷର ଜଣେ ପୁଅ ଅଛନ୍ତି ।ମୃତ୍ୟୁ ଖବର ପାଇ ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା,ବିଜେପି ନେତା ରବୀନ୍ଦ୍ର ଅଣ୍ଡିଆ, ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ,ନିଶାକର ସେଠୀ, ଅଜୟ ସାମଲ,ପୂର୍ବତନ ସରପଞ୍ଚ ମନ୍ମଥ ନାୟକଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତି ମାନେ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଅମରାତ୍ମାର ସଦଗତି କାମନା କରିଛନ୍ତି ।ମୃତ୍ୟୁ ର କାରଣ ଜଣା ପଡି ନାହିଁ ।କାର୍ତ୍ତିକର ଡେଡ଼ ବଡିକୁ ଏକ ବିଶାଳ ଶୋଭାଯାତ୍ରାରେ ପଞ୍ଚାୟତର ସମସ୍ତ ଗ୍ରାମ ପରିକ୍ରମା କରି ସମୁଦ୍ର କୂଳରେ ଶବ ଦାହ କରାଯାଇଥିଲା ।

# ଉତ୍ତମ ପ୍ରଦର୍ଶନ ନିମନ୍ତେ ପୁଇଁତଲା ପ୍ରଗତି ଏଫପିଓ ସମ୍ମାନିତ

ବଲାଙ୍ଗିର,୨୬/୦୮ (ନି.ପ୍ର): ବଲାଙ୍ଗିର - କୃଷି ଏବଂ କୃଷକଙ୍କ ପାଇଁ ସମର୍ପିତ ପୁଇଁତଲା ପ୍ରଗତି କୃଷକ ଉତ୍ପାଦକ କମ୍ପାନୀ । ଭୁବନେଶ୍ୱର ସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ (ଓୟୁଏଟି)ର ୬୩ତମ ସମାବର୍ତ୍ତନ ଉତ୍ସବ ପାଳନ ଅବସରରେ ମୋହନ ଚରଣ ମାଝି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ କନକ ବର୍ଦ୍ଧନ ସିଂଦେଓ ଉପମୁଖ୍ୟମନ୍ତ୍ରୀ ପୁଇଁତଲା ଏଫ ପି ଓ କୁ ସମ୍ମାନିତ କରିଛନ୍ତି । ପୁଇଁତଲା ପ୍ରଗତି ଏଫ ପି ଓ ତରଫରୁ ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ ପ୍ରଧାନ ମାନପତ୍ର ଗ୍ରହଣ କରିଥିଲେ । ବଲାଙ୍ଗିର ଜିଲ୍ଲାରେ ଭାରତ ସରକାରଙ୍କ କେନ୍ଦ୍ରୀୟ ଯୋଜନାରେ ନାବାର୍ଡ ଏବଂ ମହାଶକ୍ତି ଫାଉଣ୍ଡେସନ ଦ୍ୱାରା ଗଠିତ ୧୧ ଗୋଟି କୃଷକ ଉତ୍ପାଦକ କମ୍ପାନୀ ମଧ୍ୟରେ ପୁଇଁତଲା ପ୍ରଗତି ଏଫ ପି ଓ ଅନ୍ୟତମ । ଡିସେମ୍ବର ୨୦୨୨ ରେ ଗଠିତ ଏହି କୃଷକ ଉତ୍ପାଦକ କମ୍ପାନୀ ବର୍ତ୍ତମାନ ସୁଦ୍ଧା ୭୫୧ ଅଂଶୀଦାର କୃଷକଙ୍କୁ ନେଇ କାମ କରୁଛି । ସମ୍ପ୍ରତି ଏହି କୃଷକ ଉତ୍ପାଦକ କମ୍ପାନୀ ଡାଲି ଜାତୀୟ ଫସଲ, ତୈଳବୀଜ, ପନିପରିବା, ଧାନ ମଞ୍ଜି ଉତ୍ପାଦନ,ପ୍ରକ୍ରିୟାକରଣ ଏବଂ ବିକ୍ରୟ କ୍ଷେତ୍ର ତଥା ବ୍ୟବସାୟୀକ ସଜନା ଚାଷ ଇତ୍ୟାଦିରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । କୃଷକ ମାନଙ୍କୁ ଏକତ୍ରିତ କରାଇ ତାଙ୍କର ଉତ୍ପାଦିତ ସାମଗ୍ରୀକୁ ସଠିକ ଦରରେ ବିକ୍ରି କରି ସେମାନଙ୍କ ଆର୍ଥିକ ମାନଦଣ୍ଡକୁ ସମୃଦ୍ଧ କରି ପାରିଛି । ଅଧୁନା କୃଷି କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ସ୍ୱରୂପ ଏବେ ଡ୍ରୋନମାଧ୍ୟମରେ ସାର ଏବଂ କୀଟନାଶକ ସିଂଚନ ପାଇଁ ଚାଷୀ ମାନଙ୍କୁ ଡ୍ରୋନ ସେବା ଯୋଗାଇ ଦିଆ ଯାଉଛି । ଆଜିର ଏହି ସଫଳତା ପାଇଁ ସବୁଆଡୁ ପୁଇଁତଲା ଏଫ ପି କୁ ଶୁଭେଚ୍ଛାର ସୁଅ ଛୁଟୁଛି ।

# ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ 'ଅନ୍ତରିକ୍ଷ ବିଜ୍ଞାନ ପ୍ରଦର୍ଶନୀ'



ବାରିପଦା,୨୬/୦୮ (ନି.ପ୍ର): ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ରେ ଜାତୀୟ ଅନ୍ତରିକ୍ଷ ଦିବସ ପାଳନ ଅବସରରେ ଏକ 'ଅନ୍ତରିକ୍ଷ ବିଜ୍ଞାନ ପ୍ରଦର୍ଶନୀ ' ମହାସମାରୋହ ରେ ଅନୁଷ୍ଠିତ ହୋଇ ଯାଇଛି । ରସାୟନ ବିଜ୍ଞାନ ଓ ପଦାର୍ଥ ବିଜ୍ଞାନ ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକ ଓ ସରୋଜ ଦାସ ଙ୍କ ପ୍ରତକ୍ଷ୍ୟ ତତ୍ୱାବଧାନ ରେ ଅନୁଷ୍ଠିତ ଏହି ପ୍ରଦର୍ଶନୀ ରେ କଲେଜ ର ଛାତ୍ର ଛାତ୍ରୀ ମାନେ ଦଳଗତ ଭାବେ ପ୍ରକଳ୍ପ ପ୍ରସ୍ତୁତ କରିଥିଲେ ଓ ବାରିପଦା ର ବହୁ ସଂଖ୍ୟକ ବିଦ୍ୟାଳୟ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ର ଛାତ୍ର ଛାତ୍ରୀ ଙ୍କ ସହିତ ସାଧାରଣ ଜନତା ପ୍ରଦର୍ଶନୀ ବୁଲି କଲେଜର ଉଦ୍ୟମ କୁ ପ୍ରଶଂସା କରିଥିଲେ। ଉଦଘାଟନ ଉତ୍ସବ ଜଗନ୍ନାଥ ଙ୍କ ଚରଣରେ ଭକ୍ତିପୂତ ନିବେଦନ ସହ ସହକାରୀ ପ୍ରଫେସର ଉମେଶ ଚନ୍ଦ୍ର ମାଝୀଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିଲା ଏଥିରେ ବିଶିଷ୍ଟ ବିଜ୍ଞାନ ଶିକ୍ଷାବିତ ସୁଦର୍ଶନ ପଣ୍ଡା ଯୋଗଦେଇ ନିଜର ବକ୍ତବ୍ୟ ଉପସ୍ଥାପନା କରିବା ସହ ପରବର୍ତ୍ତୀ ସମୟରେ ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଖିରୋଦ କୁମାର ଚୌଧୁରୀ ସରୋଜ ଦାସ, ଡକ୍ଟର ଚିତ୍ରସେନ ସେଠୀ ବକ୍ତବ୍ୟ ପ୍ରଦାନ କରିଥିଲେ, ନବୀନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ । ଉଦଯାପନୀ ଉତ୍ସବ ରେ ଅଧ୍ୟାପକ ସମରେନ୍ଦ୍ର ବସା, ଅଧ୍ୟାପକ ଅଶୋକ ପୁଷ୍ଟି ଅତିଥି ଭାବେ ଯୋଗଦେଇ ବିଜୟୀ ଓ ରନର୍ସ ଅଫ ଦଳ ଙ୍କୁ ସାଟିଫିକେଟ ଟ୍ରଫି ଓ ନଗଦ ରାଶି ପୁରସ୍କାର ରୂପେ ପ୍ରଦାନ କରିଥିଲେ । କେ ଲକ୍ଷ୍ମୀ ସେନାପତି ସ୍ୱାଗତ ଭାଷଣ ଦେଇଥିବା ବେଳେ ସନ୍ଦୀପ ସିଂ ଧନ୍ୟବାଦ ଅର୍ପଣ କରିଥିଲେ । .ପ୍ରଜ୍ଞା ରାଭୋର ପ୍ରକଳ୍ପ ର ସତ୍ୟବ୍ରତ ଖମାରୀ, ଦିଲ୍ଲୀପ କୁମାର ମଲ୍ଲିକ ଓ ଓମପ୍ରକାଶ ପଣ୍ଡା ଙ୍କ ଦଳ ବିଜୟୀ ହୋଇଥିବା ବେଳେ ବିକ୍ରମ ଲେଣ୍ଡେର ପ୍ରକଳ୍ପର ରାଜେଶ କୁମାର ନାୟକ, ଶମ୍ଭୁନାଥ ବେହେରା, ସୁବ୍ରତ ପାତ୍ର ଓ ଶିବ ସିଂ ଙ୍କ ଦଳ ରାନର୍ସ ଅଫ ହୋଇଥିଲେ । ପ୍ରକଳ୍ପ ଗୁଡିକର ମୂଲ୍ୟାୟନ ବିଶେଷଜ୍ଞ ଓ ସହପାଠୀ ଙ୍କ ଦ୍ୱାରା କରାଯାଇଥିଲା ।

# ଜଗନ୍ନାଥ ମନ୍ଦିର ପରିବାର ପକ୍ଷରୁ ମେଗା ରକ୍ତଦାନ ଶିବିର: ୬୧ ୟୁନିଟ୍ ରକ୍ତ ସଂଗ୍ରହ



ବସ୍ତା ,୨୬/୦୮ (ନି.ପ୍ର): ପବିତ୍ର ଜନ୍ମାଷ୍ଟମୀ ଅବସରରେ ବସ୍ତା ବ୍ଲକ ଦୁଧହଂସା ପଞ୍ଚାୟତର ସୁନ୍ଦରହଟା ଗ୍ରାମର ଆଠବାଟିଆ ଠାରେ ସରସସୁନ୍ଦର କ୍ଷେତ୍ରରେ ଦୁଇ ଦିନ ଧରି କୃଷ୍ଣଜନ୍ମ, ଭାଗବତ ପାରାୟଣ, ଝୁଲଣ ଉତ୍ସବ ଅନୁଷ୍ଠିତ ହେବ। ପ୍ରଥମ ଦିନରେ ରକ୍ତଦାନ ଶିବିର ଜଗନ୍ନାଥ ପରିବାର ଓ ସୁରେନ୍ଦ୍ରନାଥ ଜେନା ସ୍ମୃତି କମିଟି ମିଳିତ ସହଯୋଗରେ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ବସ୍ତା ତହସିଲଦାର ରାଧା ରଞ୍ଜନ ଦାସ ଶିବିରକୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ କୁମାର ଚକ୍ରବର୍ତ୍ତୀ, ବିଶିଷ୍ଟ ଅତିଥି ଭାବେ ସମାଜସେବୀ ତଥା ଜିଲ୍ଲା ରକ୍ତଦାତା ସଂଘର ଉପସଭାପତି ସୁମନ୍ତ କୁମାର ଜେନା, ଡାକ୍ତର ସତିଶ ଚନ୍ଦ୍ର ଜେନା, ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହ ଜଗନ୍ନାଥ ମନ୍ଦିର ପରିବାର ଏଭଳି ମହତ୍ ସେବା କାର୍ଯ୍ୟ କରିଥିବାରୁ ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ଡାକ୍ତର ଜେନାଙ୍କ ନେତୃତ୍ୱରେ ବାଲେଶ୍ୱର ରକ୍ତ କେନ୍ଦ୍ରର କର୍ମଚାରୀ ମାନେ ରକ୍ତ ସଂଗ୍ରହ କରିଥିଲେ। ଜଗନ୍ନାଥ ପରିବାର ସଭାପତି ରତିକାନ୍ତ ପଣ୍ଡା, ମହେଶ୍ୱର ପଣ୍ଡା, ଚନ୍ଦ୍ରକାନ୍ତ ପଣ୍ଡା, ପ୍ରଶାନ୍ତ ଧଳ, ଶିକ୍ଷକ ହେମନ୍ତ କୁମାର ସାହୁ, ତ୍ରିଲୋଚନ ରାଉତ, ସୁବ୍ରତ ପରିଡ଼ା ଓ କାର୍ତ୍ତିକ ଚନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରୁ ୬୧ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ବିଶ୍ୱନାଥ ମହାପାତ୍ର, ଚକ୍ରଧର ବେହେରା, ପ୍ରଦୀପ ନାୟକ, ପୂର୍ଣ୍ଣ ଚନ୍ଦ୍ର ଜେନା, ଶ୍ୟାମସୁନ୍ଦର ସାହୁ, ଶୁଭେନ୍ଦୁ ବେହେରା, ବିଶିକେଶନ ରାଉତ, ରାଧଶ୍ୟାମ ପରିଡ଼ା, ଚକ୍ରଧର ବେହେରା, ବସନ୍ତ କୁମାର ମହାପାତ୍ର,ରଶ୍ମିତା ପଣ୍ଡା, ମିନତି ପଣ୍ଡା, ସ୍ୱେଚ୍ଛାସେବୀ ସୁଜିତ୍ କୁମାର ପରିଡା ଶିବିରକୁ ପରିଚାଳନା କରିଥିବା ବେଳେ ଜଗନ୍ନାଥ ପରିବାର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ମାଲକାନଗିରି ଜିଲ୍ଲାରେ ଶୁଭାରମ୍ଭ ହେଲା କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଜନମନ ଯୋଜନା

ମାଲକାନଗିରି,୨୬/୦୮ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଶୁଭାରମ୍ଭ ହେଲା କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଜନମନ ଯୋଜନା। ୨୩ ଅଗଷ୍ଟରୁ ୧୦ ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲିବ। ମାଲକାନଗିରି ଜିଲ୍ଲାରେ ୧୨୫ ପ୍ରାଚୀନ ତଥା ଦୁର୍ବଳ ଜନଜାତି ସମୂହ ଗ୍ରାମରେ ସୂଚନା , ଶିକ୍ଷା ଏବଂ ଯୋଗାଯୋଗର ଅଭିଯାନ ଚାଲିବ। ପିଏମ ଜନମନ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦୁର୍ବଳ ଜନଜାତି ସମୂହଙ୍କ ବିଶେଷ ବିକାଶ। ସମସ୍ତଙ୍କୁ ପକ୍କା ଘର , ପ୍ରତ୍ୟେକ ଘରକୁ ଜଳ ଜୀବନ ମିଶନରେ ଟ୍ୟାପ ପାଣି , ଦୁର୍ଗମ ଗାଁ ଗାଁକୁ ପକ୍କା ସଡ଼କ , ଘରେ ଘରେ ବିଜୁଳି ଆଲୋକ , ଶିକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ହଷ୍ଟେଲ ସୁବିଧା , ସମସ୍ତଙ୍କ ମଧ୍ୟରେ କୌଶଳ ବିକାଶ , ଜନଜାତି ଗାଁର ପ୍ରତ୍ୟେକ ଘରକୁ ମୋବାଇଲ ମେଡିକାଲ ୟୁନିଟ , ସମସ୍ତଙ୍କୁ ପୋଷଣ , ଉନ୍ନତ ମାନର ଆଜିବିକା , ଗାଁର ପ୍ରତ୍ୟେକଙ୍କ ଘର ପାହାନ୍ତାରେ ମୋବାଇଲ ନେଟୱର୍କ। ବିଶେଷ ଭାବରେ ଦୁର୍ବଳ ଜନଜାତି ସମୂହକୁ ସଚେତନ କରାଇବା ସହ ପ୍ରତି କ୍ଷେତ୍ରରେ ସଶକ୍ତ କରାଇବା ଏହାର ମୁଖ୍ୟ ଲକ୍ଷ୍ୟ। ଭିତ୍ତିଭୂମି ବ୍ୟତୀତ ଯଦି କାହାର ଆଧାର କାର୍ଡ ଯୋଗାଇ ଦେବା , ବ୍ୟାଙ୍କରେ ଖାତା ଖୋଲିବା , ଜଙ୍ଗଲ ଜମି ଅଧିକାର ପଟ୍ଟା ପ୍ରଦାନ , ଜାତିଗତ ପ୍ରମାଣ ପତ୍ର , ସମୁଦାୟ ପ୍ରମାଣପତ୍ର ଯଦି କାହାର ହୋଇ ନଥିବ। ସେ ସମ୍ପର୍କରେ ଜିଲ୍ଲା ପ୍ରଶାସନ ସୁନିଶ୍ଚିତ କରିବା ସହ ସବୁ ପ୍ରକାରର ପ୍ରମାଣପତ୍ର ଯୋଗାଇ ଦିଆଯିବ। ବିଶେଷ କରି ଜଙ୍ଗଲ ଜମି ପଟ୍ଟାକୁ ପ୍ରାଥମିକତା ଦିଆଯିବ ।କାରଣ ଅନ୍ୟାନ୍ୟ ଯୋଜନା ପାଇଁ ପଟ୍ଟା ଏକ ମୌଳିକ ଆବଶ୍ୟକତା । ଏନେଇ ଭିନ୍ନ ଭିନ୍ନ ଅଂଚଳରେ କ୍ୟାମ୍ପ କରାଯିବାର ବ୍ୟବସ୍ଥା ରହିଛି ।ସେହି କ୍ୟାମ୍ପରେ ଗୁଡ଼ିକରେ ଯେଉଁ ଦଶଟି ମାପଦଣ୍ଡକୁ ଗୁରୁତ୍ୱ ଦିଆଯାଇଛି। ସେଥିରେ ସବୁ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ସୁନିଶ୍ଚିତ କରିବା ସହ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବେ। ତେବେ ପ୍ରଥମ ପର୍ଯ୍ୟାୟରେ ଆସନ୍ତା ଏକ ମାସ ମଧ୍ୟରେ ମାଲକାନଗିରି ଜିଲ୍ଲାରେ ଯେଉଁ ୩ଟି ଆଦର୍ଶ ଗାଁକୁ ଚିହ୍ନଟ କରାଯାଇଛି। ସେହି ଗାଁ ଗୁଡିକକୁ ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ପରିପୂର୍ଣ୍ଣ କରାଇବାର ଲକ୍ଷ୍ୟ ଧାର୍ଯ୍ୟ କରିଛୁ ପରେ ମାଲକାନଗିରି ଜିଲ୍ଲାରେ ୧୨୫ ଗାଁକୁ ମଧ୍ୟ ପରିପୂର୍ଣ୍ଣ କରାଇବୁ ବୋଲି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ପ୍ରଧାନମନ୍ତ୍ରୀ ଜନମନ ଯୋଜନାର ଶୁଭାରମ୍ଭ ବେଳେ ସୂଚନା ଦେଇଛନ୍ତି।

# ଆମ ପୁଲିସ ସମିତି କାର୍ଯ୍ୟକ୍ରମ

ମାଲକାନଗିରି,୨୬/୦୮ (ନି.ପ୍ର): ମାଲକାନଗିରି ଜିଲ୍ଲା ଓର୍କେଲ ଥାନା ପରିସରରେ ଆଜି ଆମ ପୁଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏସଡିପିଓ ଆଲେସିୟସ କିସପୋଟାଙ୍କ ତତ୍ତ୍ୱାବଧାନରେ ଥାନା ସଭାଗୃହରେ ସ୍ଥାନୀୟ ବରିଷ୍ଠ ନାଗରିକ ମାନଙ୍କୁ ନେଇ ଆମ ପୁଲିସ ସମିତି କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ନାଗରିକଙ୍କ ସହିତ ଅଂଚଳର ବିଭିନ୍ନ ସମସ୍ୟା , ଉପୁଜୁଥିବା ସମସ୍ୟାର ସମାଧାନ ଏବଂ ଅଂଚଳରେ ଟ୍ରାଫିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହା ସହିତ ଆଜିକାଲି ଯେଉଁ ଭଳି ସାଇବର ଠକେଇ ବା କ୍ରାଇମ ବୃଦ୍ଧି ପାଇଛି। କିପରି ସେହି ସାଇବର ଠକେଇରୁ ନିଜକୁ ବଂଚେଇ ପାରିବା ସେନେଇ ଉପସ୍ଥିତ ସମସ୍ତ ବରିଷ୍ଠ ନାଗରିକ ମାନଙ୍କୁ ସଚେତନତା କରାଯାଇଥିଲା। ବ୍ୟାଙ୍କ କିମ୍ବା ମେଡିକାଲରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଧାଡ଼ିର ବ୍ୟବସ୍ଥା। ପୁଲିସ ସର୍ବଦା ଜନସାଧାରଣଙ୍କ ସେବାରେ ରହିଛି।

# ମଧୁବନ ଉନ୍ନୟନ ପରିଷଦର ନୂତନ ସଭାପତି ଏବଂ ଉପସଭାପତି ମନୋନୀତ: କମିଟିର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ବିସ୍ତୃତ ଆଲୋଚନା




ବାରିପଦା,୨୬/୦୮ (ନି.ପ୍ର): ବାରିପଦାର ମଧୁବନ ଉନ୍ନୟନ ପରିଷଦ ର ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦ ର ପୂର୍ବତନ ସଭାପତି ଶ୍ରୀଯୁକ୍ତ ରାମଚନ୍ଦ୍ର ଦାଶ ଅସୁସ୍ଥତା କାରଣରୁ ଇସ୍ତଫା ଦେଇଥିଲେ ଫଳରେ ପରିଷଦ ର ଜରୁରୀକାଳୀନ ବୈଠକ ଡକାଯାଇଥିଲା। ରବିବାର ଦିନ ବାରିପଦା ମଧୁବନ ସ୍ଥିତ ଦୁର୍ଗା ମଣ୍ଡପ ହଲ ରେ ସମ୍ପାଦକ ବିକ୍ରମ କେଶରୀ ଜେନା ଙ୍କ ଆହ୍ୱାନ କ୍ରମେ ରଘୁନାଥ ପଣ୍ଡା ଙ୍କ ସଭାପତିତ୍ୱ ରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମଧୁବନ ଉନ୍ନୟନ ପରିଷଦ ର ଶତାଧିକ ସଭ୍ୟ ଉପସ୍ଥିତ ରହିଥିଲେ। କମିଟି ର ଉପ ସଭାପତି ରଘୁନାଥ ପଣ୍ଡା ଙ୍କ ସଭାପତିତ୍ୱରେ ମଧୁବନ ଅଞ୍ଚଳ ର ସମସ୍ୟା ଯେପରିକି ଆଡ଼ିବନ୍ଧ ନିର୍ମାଣ, ମଧୁବନ ଠାରେ ଏକ ନୂତନ ବିଦ୍ୟୁତ ସବ ଷ୍ଟେସନ, ଏବଂ ନଦୀ ନାଳ ର ଖନନ ଓ ପଙ୍କୋଦ୍ଧାର ଆଦି ବିଷୟ ରେ ବିସ୍ତୃତ ଆଲୋଚନା କରା ଯାଇଥିଲା ।ଏହି ବୈଠକରେ ବରିଷ୍ଠ ନାଗରିକ କମିଟି ର ସଭାପତି ଯୋଗେନ୍ଦ୍ର ନାଥ ପଣ୍ଡା ଙ୍କ ସମେତ ଚନ୍ଦ୍ରଶେଖର ମହାନ୍ତି , ରବିନ୍ଦ୍ର ନାୟକ, ଶିଶିର ଲେଙ୍କା , ଈଶ୍ୱର ଦାସ ପ୍ରମୁଖ ନିଜ ନିଜ ମତ ଦେଇଥିଲେ। ମଧୁବନ ଉନ୍ନୟନ ପରିଷଦ ୨୦୧୪ ମସିହା ରୁ ଗଢ଼ିଉଠିଥିବା ବେଳେ ଏହି କମିଟି ରେ ଶତାଧିକ ମଧୁବନ ଅଞ୍ଚଳ ର ନାଗରିକ ଯୋଡ଼ି ହୋଇ କେବଳ ମଧୁବନ ନୁହେଁ ବରଂ ବାରିପଦା ର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ରେ ଭାଗିଦାରୀ ରଖିଛନ୍ତି । ଜିଲ୍ଲା ପ୍ରଶାସନ ଠୁ ଆରମ୍ଭ କରି ରାଜନୈତିକ ଦଳ ସହ ମଧୁବନ ଉନ୍ନୟନ ପରିଷଦ ହାତକୁ ହାତ ମିଳାଇ ଉନ୍ନୟନ କାର୍ଯ୍ୟ ସହ ସାମାଜିକ ସମସ୍ୟା ଏବଂ ସମାଧାନ ର କାର୍ଯ୍ୟ ହାତକୁ ନେଇ ତୁଲାଇ ଆସୁଛନ୍ତି। ରବିବାର ମଧୁବନ ଉନ୍ନୟନ ପରିଷଦ ବୈଠକ ରେ ପୂର୍ବତନ ସଭାପତି ନିଜ ଅସୁସ୍ଥତା ଯୋଗୁଁ ଇସ୍ତଫା ଦେବା ପରେ ନୂତନ କମିଟି ମଧ ଗଢା ଯାଇଥିଲା , ଉପସ୍ଥିତ ସଭ୍ୟ ସଭ୍ୟା ଙ୍କ ସହମତି କ୍ରମେ କମିଟି ର ସଦସ୍ୟ ତଥା ବରିଷ୍ଠ ଆଇନଜୀବି ଗୁରୁପ୍ରସାଦ କରଣ ସଭାପତି, ଆଇନଜୀବୀ କାର୍ତ୍ତିକ ଚନ୍ଦ୍ର ରାମ ଉପସଭାପତି ଭାବେ ଚୟନ ହୋଇଥିଲେ। ବୈଠକ ରେ ପୂର୍ଣ୍ଣଚନ୍ଦ୍ର ଦାସ , ଭବେନ୍ଦ୍ର ନାଥ ସାମଲ, ସଦାନନ୍ଦ ଜେନା , ସନ୍ଦିପ୍ କୁମାର ମହାପାତ୍ର, ଅଜିତ୍ କୁମାର ମହାପାତ୍ର, ଉପେନ୍ଦ୍ର କୁମାର ମାଝୀ,ହରିହର ମହାନ୍ତ, କାଳିଚରଣ ସେଠି,ଶ୍ରୀଧର ପରିଡ଼ା, ଖଗେଶ୍ୱର ଦାସ , ନିତ୍ୟାନନ୍ଦ ରଣା , ସୁଧାଂଶୁ କୁମାର ଦ୍ୱିବେଦୀ, ଶୁଶାନ୍ତ କୁମାର ସାମଲ, ଅଶ୍ୱିନୀ କୁମାର ପାତ୍ର,ସୋରଜ କୁମାର ଦଣ୍ଡପାଟ ,ସ୍ୱପାନ କୁମାର ମହାନ୍ତି, ସିଦ୍ଧାନ୍ତ କୁମାର ଅଧିକାରୀ,ଅଞ୍ଜନ କୁମାର ଦାସ ,ସୁକଦେବ ପୃଷ୍ଟି ସମେତ ଶତାଧିକ ସଭ୍ୟ ଉପସ୍ଥିତ ରହିଥିଲେ।

# ଶାନ୍ତିକାନନରେ ଶାସ୍ତ୍ରୀୟ ସଙ୍ଗୀତକାର ପଣ୍ଡିତ ବିଷ୍ଣୁ ଦିଗମ୍ବର ପଲୁସ୍କର ଜୟନ୍ତୀ ପାଳିତ



ବାଲେଶ୍ୱର,୨୬/୦୮ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଓ 'ସାଧନା' ଅନୁଷ୍ଠାନ ମିଳିତ ଆନୁକୂଲ୍ୟରେ କବିତୀର୍ଥ ଶାନ୍ତିକାନନରେ ବିଶିଷ୍ଟ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତକାର ପଣ୍ଡିତ ବିଷ୍ଣୁ ଦିଗମ୍ବର ପଲୁସ୍କରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଏକ ଭବ୍ୟ ସାଂସ୍କୃତିକ ଉତ୍ସବରେ 'ସାଧନା'ର ସଭାପତି ସୁଶ୍ରୀ ଗୀତାଞ୍ଜଳି ସିଂହ, ସଂପାଦକ ବଂଶୀଧର କୁଣ୍ଡୁ, ଉପଦେଷ୍ଟା ବ୍ରହ୍ମନାଥ ରଥ, ମଣିଚରଣ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ପରିଷଦର ସଂପାଦକ ଦୀପକ ବୋଷ ତାଙ୍କ ପ୍ରାକ୍‌ବକ୍ତବ୍ୟରେ ପଣ୍ଡିତ ପଲୁସ୍କରଙ୍କ ସଂକ୍ଷିପ୍ତ ଜୀବନ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରାରମ୍ଭିକ ସଙ୍ଗୀତରେ ମୋନାଲିସା ମହାନ୍ତି, କଲ୍ୟାଣୀ ନନ୍ଦ, ସୌମ୍ୟା ଶତପଥୀ, ମୀନାକ୍ଷି ଦେ, ଚିନ୍ମୟୀ ପ୍ରିୟଦର୍ଶିନୀ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଗୁରୁ ସୁନିତା ଶତପଥୀ ଓ ଟିକାଗୋବିନ୍ଦ ନନ୍ଦ ଶାସ୍ତ୍ରୀୟ ସଙ୍ଗୀତ ଗାନ କରିଥିବାବେଳେ ଗୁରୁ ବଂଶୀଧର ରଣାଙ୍କ ନିର୍ଦ୍ଦେଶନାରେ ସନ୍ଧ୍ୟା ରଣା, ଦିବ୍ୟଜ୍ୟୋତି ସାହୁ ଓ ବୈଷ୍ଣୀ ସ୍ୱାଇଁ ପ୍ରମୁଖ ସମୂହ ଗୀଟାର ବାଦନ କରିଥିଲେ। ସେହିଭଳି ଗୁରୁ ନନ୍ଦକିଶୋର ଦାସଙ୍କ ନିର୍ଦ୍ଦେଶନାରେ ତୋଷିଦ, ଶକ୍ତିପ୍ରସାଦ, ସୁପ୍ରିୟ, ଋତୁରାଜ ଓ ପ୍ରିୟବ୍ରତ ସମୂହ ତବଲା ବାଦନ କରିଥିଲେ। ଏହି ଅବସରରେ ଗୁରୁ ପ୍ରଦୀପ କୁମାର ପ୍ରଧାନ, ଗୁରୁ ଭାସ୍କର ଖିଲାର, ଗୁରୁ ନନ୍ଦକିଶୋର ଦାସ, ଗୁରୁ ସୁନିତା ଶତପଥୀ ଓ ଗୁରୁ ସନ୍ତୋଷ କୁମାର ଭୋଇଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତି କାର୍ଯ୍ୟକ୍ରମକୁ ଗୁରୁ ଅଜିତାନନ୍ଦ ଦେବଗୋସ୍ୱାମୀ ପରିଚାଳନା କରିଥିଲେ। ଉତ୍ସବରେ ଶତାଧିକ ସାହିତ୍ୟିକ, ସଙ୍ଗୀତପ୍ରେମୀ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ଜିଲ୍ଲାରେ କୌଶଳ ରଥ ପରିକ୍ରମାର ଶୁଭାରମ୍ଭ

ସୁବର୍ଣ୍ଣପୁର,୨୬/୦୮ (ନି.ପ୍ର): ଦକ୍ଷତା ବୃଦ୍ଧି ଓ ନିଯୁକ୍ତି, ଦୀର୍ଘକାଳୀନ ଓ ସ୍ୱଳ୍ପକାଳୀନ ବୈଷୟିକ ଶିକ୍ଷା ପ୍ରଶିକ୍ଷଣ ଉପରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଜିଲାର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବୈଷୟିକ ଅନୁଷ୍ଠାନକୁ କୌଶଳ ରଥ ପରିକ୍ରମା କରିବ । ଏହି କୌଶଳ ରଥର ସୁବ୍ୟବସ୍ଥିତ ଜିଲା ପରିକ୍ରମା ନିମନ୍ତେ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ବିଭାଗ ତରଫରୁ ଆବଶ୍ୟକ ପରିକ୍ରମା ମାର୍ଗର ସୁ ନିଶ୍ଚିତ କରାଯାଇଥିବା ବେଳେ ଏହି ରଥ ଗତକାଲି ଠାରୁ ରୁ ଅଗଷ୍ଟ ୨୭ ପର୍ଯ୍ୟନ୍ତ ଜିଲ୍ଲା ପରିକ୍ରମା କରିବ । ସ୍ଥାନୀୟ ସରକାରୀ ପୋଲିଟେକନିକ ପରିସରରୁ ସକାଳ ୦୯ ଘଂଟା ସମୟରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଶ୍ରୀ ଅଶ୍ୱିନୀ କୁମାର ମେହେର ସୁବର୍ଣ୍ଣପୁର ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ରଥର ଜିଲ୍ଲାପରିକ୍ରମା ନିମନ୍ତେ ସବୁଜ ପତାକା ପ୍ରଦର୍ଶନ କରି ଶୁଭାରମ୍ଭ କରିଥିଲେ । ଏହି ରଥ ସମସ୍ତ ୬ଟି ବ୍ଲକର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବୈଷୟିକ ଅନୁଷ୍ଠାନ ପରିକ୍ରମା କରି ଛାତ୍ରଛାତ୍ରୀ, ଅଭିଭାବକ ଏବଂ ପରିଦର୍ଶକଙ୍କ ମଧ୍ୟରେ ଦକ୍ଷତା ବୃଦ୍ଧି ସହ ନିଯୁକ୍ତି, ଦୀର୍ଘକାଳୀନ ଓ ସ୍ୱଳ୍ପକାଳୀନ ବୈଷୟିକ ଶିକ୍ଷା ପ୍ରଶିକ୍ଷଣ ଉପରେ ସଚେତନତାର ବାର୍ତ୍ତା ବାଣ୍ଟିବାର ଲକ୍ଷ୍ୟ ଓ ଉଦେଶ୍ୟ ରହିଥିବା ମୁଖ୍ୟ ଅତିଥି ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ମେହେର ବକ୍ତବ୍ୟ ରେ କହିଛନ୍ତି । ଶୁଭାରମ୍ଭ କାର୍ଯ୍ୟକ୍ରମ ଅବସରରେ ଉପ ନିର୍ଦ୍ଦେଶକ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ , ସମ୍ବଲପୁର ଶଙ୍କର ଚରଣ ମୁର୍ମୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଅଧକ୍ଷ ପୋଲିଟେକନିକ,ସୁବର୍ଣ୍ଣପୁର, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଅନୁଷ୍ଠାନ ର ଆଧପକ ଅଧ୍ୟାପିକା ଛାତ୍ର ଛାତ୍ରୀ ଉପସ୍ଥିତ ରହିଥିଲେ । ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନ ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଆଜି କୌଶଳ ରଥ ଜିଲ୍ଲାର ଜି.ପି.କଲେଜ ଲଛୀପୁର, ଖମ୍ବେଶ୍ୱରୀପାଲି ହାଇସ୍କୁଲ, ମା ମାହେଶ୍ୱରୀ କଲେଜ, ଖମ୍ବେଶ୍ୱରୀପାଲି, ପରିକ୍ରମା କରିଛି। ଆସନ୍ତା କାଲି ଏହି ରଥ କର୍ଣ୍ଣଙ୍ଗ ହାଇସ୍କୁଲ, ବାଳକ ହାଇସ୍କୁଲ,ବିନିକା, ବାଳକ ହାଇସ୍କୁଲ ରାମପୁର, ସମଲେଇଚୁଆଁ ହାଇସ୍କୁଲ ଡୁଙ୍ଗୁରିପାଲି ବ୍ଲକ ପରିକ୍ରମା କରିବ।

# ବ୍ରହ୍ମପୁର ସୁବାହକ ପ୍ରଶିକ୍ଷଣ କେନ୍ଦ୍ରର ବାର୍ଷିକ ଉତ୍ସବ

ବ୍ରହ୍ମପୁର /ଭୁବନେଶ୍ୱର,୨୬/୦୮ (ନି.ପ୍ର): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରରେ ଥିବା ସରକାରୀ ଯାନଚାଳନା ପ୍ରଶିକ୍ଷଣ କେନ୍ଦ୍ର ପ୍ରଥମ ବର୍ଷ ପୂରା କରିଛି । ଏହି ଅବସରରେ ପାଲୁର ହିଲ୍‌ସ ସ୍ଥିତ ତାଲିମ ପ୍ରତିଷ୍ଠାନରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ବିଭୂତି ଭୂଷଣ ଜେନା ଯୋଗ ଦେଇଥିଲେ । ମନ୍ତ୍ରୀ ଶ୍ରୀ ଜେନା କହିଥିଲେ ଯେ ସଡ଼କ ଦୁର୍ଘଟଣା ହ୍ରାସ କରିବା ଉପରେ ବିଭାଗ ପ୍ରାଥମିକତା ଦେଉଛି । ଏ ଦିଗରେ ସୁବାହକ ପ୍ରଶିକ୍ଷଣ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ସରକାର ଓ ଘରୋଇ ସହଭାଗିତାରେ ରାଜ୍ୟର ଚାରିଟି ସ୍ଥାନରେ ବିନା ମୂଲ୍ୟରେ ଯାନଚାଳକମାନଙ୍କୁ ପ୍ରଶିକ୍ଷିତ କରାଯାଉଛି । ପୂର୍ବରୁ ଯାଜପୁର ଜିଲ୍ଲା ଛତିଆରେ ପ୍ରଶିକ୍ଷଣ କେନ୍ଦ୍ର ଥିବାବେଳେ ପରବର୍ତ୍ତୀ ସମୟରେ ଗଞ୍ଜାମ ଜିଲ୍ଲାର ପାଲୁର, ସୁନ୍ଦରଗଡ଼ ଜିଲ୍ଲାର ବଣାଇ ଏବଂ କେନ୍ଦୁଝରରେ ଏଭଳି ତାଲିମ କେନ୍ଦ୍ର ପ୍ରତିଷ୍ଠା ହୋଇଛି । ଏହା ବ୍ୟତୀତ ଭୁବନେଶ୍ୱରରେ ରାଜ୍ୟ ସରକାରଙ୍କ ଡ୍ରାଇଭିଂ ଟ୍ରେନିଂ ସ୍କୁଲ ରହିଛି । ସଡ଼କ ସୁରକ୍ଷା ଦିଗରେ ପଦକ୍ଷେପ ସ୍ୱରୂପ ଆଗକୁ ସରକାରୀସ୍ତରରେ ଏଭଳି ପ୍ରତିଷ୍ଠାନ ସଂଖ୍ୟା ବୃଦ୍ଧି କରାଯିବ ବୋଲି ମନ୍ତ୍ରୀ କହିଥିଲେ।

ପାଲୁର ପ୍ରତିଷ୍ଠାନ କେନ୍ଦ୍ରଟି ସଫଳତାର ସହ ପ୍ରଥମ ବର୍ଷ ପୂରା କରିଥିବାରୁ ସମସ୍ତ କର୍ମକର୍ତ୍ତା ଓ ଅନ୍ତେବାସୀଙ୍କୁ ମନ୍ତ୍ରୀ ଶ୍ରୀ ଜେନା ଅଭିନନ୍ଦନ ଜଣାଇଛନ୍ତି । ଏହି ଯୋଜନାର ଅଧିକରୁ ଅଧିକ ପ୍ରଚାରପ୍ରସାର କରି ଅନେକ ଚାଳକଙ୍କୁ ପ୍ରଶିକ୍ଷଣ ପ୍ରକ୍ରିୟାରେ ଯୋଡିବାକୁ ସେ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ପରିବହନ କମିସନର ଦୀପ୍ତିରଞ୍ଜନ ପାତ୍ର, ଯୁଗ୍ମ ପରିବହନ କମିସନର ପ୍ରଦୀପ କୁମାର ମହାନ୍ତି, ବିକାଶ ଚୌଧୁରୀ, ପରିବହନ ବିଭାଗର ସ୍ୱତନ୍ତ୍ର ଅଧିକାରୀ ଭ୍ରମର ମହାପାତ୍ର, ଗଞ୍ଜାମ ଆରଟିଓ, ଚାରିଟି ପ୍ରଶିକ୍ଷଣ କେନ୍ଦ୍ରର ପ୍ରିନ୍ସପାଲ, ପ୍ରଶିକ୍ଷଣ ଦେଉଥିବା ଅଶୋକ ଲେଲାଣ୍ଡ କମ୍ପାନୀର କର୍ମକର୍ତ୍ତାମାନେ ଉପସ୍ଥିତ ଥଲେ । ସୂଚନାଯୋଗ୍ୟ ଯେ ଏହି ୪ଟି ତାଲିମ କେନ୍ଦ୍ରରୁ ଅଦ୍ୟାବଧି ବିନା ମୂଲ୍ୟରେ ୫ ହଜାରରୁ ଅଧିକ ନୂତନ ଚାଳକ ଓ ୨୨ ହଜାରରୁ ଅଧିକ ଚାଳକ ରିଫ୍ରେଶର କୋର୍ସ କରିସାରିଲେଣି । କେବଳ ପୁରୁଷ ନୁହେଁ, ମହିଳାମାନେ ମଧ୍ୟ ଏହି ତାଲିମ ନେବାରେ ଆଗ୍ରହ ପ୍ରକାଶ କରିଛନ୍ତି । ଏଥିରୁ ଅନେକ ରାଜ୍ୟ ଓ ଦେଶର ପ୍ରତିଷ୍ଠିତ କମ୍ପାନୀରେ ନିଯୁକ୍ତି ପାଇଛନ୍ତି । ଏପରିକି ୩୦ ଜଣ ଦକ୍ଷ ଚାଳକ ଉତ୍ତମ ସୁବିଧା ସୁଯୋଗରେ ଜାପାନ ଦେଶରେ ଚାକିରି କରିବାକୁ ଚୟନ ହୋଇଛନ୍ତି । କାର୍ଯ୍ୟକ୍ରମର ସ୍ମୃତି ସ୍ୱରୂପ ମନ୍ତ୍ରୀ ଶ୍ରୀ ଜେନା ବୃକ୍ଷରୋପଣ କରିଥିଲେ।

# ହେୟାର ଷ୍ଟ୍ରେଟନିଂ କରୁଥିଲେ ସାବଧାନ: କିଡନୀ ଉପରେ ପଡିପାରେ କୁପ୍ରଭାବ



ଫେସିଆଲ୍ ହେଉ କିମ୍ବା ହେୟାର ଷ୍ଟ୍ରେଟନିଂ ଭଳି ପାର୍ଲର ଟ୍ରିଟମେଣ୍ଟର ଚାହିଦା ବଢୁଛି। ଅଧିକାଂଶ ଯୁବପିଢ଼ି କେଶକୁ ସିଧା କରିବା ପାଇଁ ହେୟାର ଷ୍ଟ୍ରେଟନିଂ ଟ୍ରିଟମେଣ୍ଟକୁ ଆପଣାଉଛନ୍ତି। ହେଲେ ଏହି ରୂପସଜ୍ଜା ଉପାଦାନ ବର୍ତ୍ତମାନ କ୍ଷତିକାରକ ସାବ୍ୟସ୍ତ ହୋଇଛି। ହେୟାର ଷ୍ଟ୍ରେଟନିଂ ପରେ ଜଣେ ୨୬ ବର୍ଷୀୟ ଯୁବତୀ କିଡନୀ ସମସ୍ୟାରେ ପୀଡିତ ହୋଇଥିବା ଜାଣିବାକୁ ପାଇଛନ୍ତି ଡାକ୍ତର।

ଦ ନ୍ୟୁ ଇଂଲଣ୍ଡ ଜର୍ଣାଲ ଅଫ୍ ମେଡିସିନରେ ପ୍ରକାଶିତ ରିପୋର୍ଟ ଅନୁସାରେ, ଯୁବତୀ ଜଣକ ଜୁନ୍ ୨୦୨୦, ଏପ୍ରିଲ୍ ୨୦୨୧ ଏବଂ ଜୁଲାଇ ୨୦୨୨ ରେ ଲୋକପ୍ରିୟ ହେୟାର ଟ୍ରିଟମେଣ୍ଟ ପାଇଁ ପାର୍ଲର ଯାଇଥିଲେ। ମହିଳାଙ୍କ ନାମ ଗୋପନ ରଖାଯାଇ କୁହାଯାଇଛି ଯେ, ପୂର୍ବରୁ ତାଙ୍କର କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ନଥିଲା, କିନ୍ତୁ ପ୍ରତ୍ୟେକ ଥର ଷ୍ଟ୍ରେଟନିଂ ପରେ ତାଙ୍କର ବାନ୍ତି, ଡାଇରିଆ, ଜ୍ୱର ଏବଂ ପିଠି ଯନ୍ତ୍ରଣା ହୋଇଥିଲା। ଚିକିତ୍ସା ସମୟରେ ତାଙ୍କ ମସ୍ତିଷ୍କ ଚର୍ମରେ କିଛି ଲାଲ୍ ଦାଗ ଭଳି ଇନଫେକ୍ସନ ଏବଂ ଅଲସର(ଚର୍ମ କିମ୍ବା ଅଙ୍ଗର ପୃଷ୍ଠ ଭାଗରେ କିଛି ଟିସୁ ନଷ୍ଟ) ବିକଶିତ ହୋଇଥିଲା।

ତାଙ୍କ ରକ୍ତରେ କ୍ରିଏଟିନିନ୍ ସ୍ତର ବଢିବା ପରେ ଡାକ୍ତରମାନେ କିଡନୀରେ ତ୍ରୁଟି ଥିବା ଜାଣିବାକୁ ପାଇଥିଲେ। ଏହାପରେ ପରିସ୍ରାରୁ ରକ୍ତ ପଡିବାରୁ ଡାକ୍ତରମାନେ ସିଟି ସ୍କାନ କରାଇଥିଲେ, କିନ୍ତୁ ଏଥିରେ କିଡନୀ ସଂକ୍ରମଣ କିମ୍ବା କିଡନୀ ଅବରୋଧ(ବ୍ଲକେଜ୍)ର କୌଣସି ଲକ୍ଷଣ ଦେଖାଯାଇ ନଥିଲା।

ଏହାପରେ ଯୁବତୀ ଜଣକ ଡାକ୍ତରମାନଙ୍କୁ କହିଥିଲେ ଯେ, ତାଙ୍କ କେଶରେ ଗ୍ଲାୟୋକ୍ସିଲିକ୍ ଏସିଡ୍ ଥିବା ଏକ କ୍ରିମ୍ ବ୍ୟବହାର କରାଯାଇଥିଲା। ଏହା ପରେ ସେହି କେମିକାଲ ପ୍ରଡକ୍ଟକୁ ମୂଷାଙ୍କ ଉପରେ ପରୀକ୍ଷା କରାଯାଇଥିଲା। ଏଥିରୁ ଜଣାଗଲା ଯେ, ଏସିଡ୍ ତାଙ୍କ ଚର୍ମରେ ଅବଶୋଷିତ ହୋଇ କିଡନୀରେ ପହଞ୍ଚିଥିଲା, ଯାହା ପରେ କ୍ଷତି ଘଟାଇଥିଲା।

ଅଧ୍ୟୟନରେ କୁହାଯାଇଛି ଯେ, ଅକ୍ସାଲେଟ୍ ନେଫ୍ରୋପାଥି କାରଣରୁ ଯୁବତୀଙ୍କର ବାରମ୍ବାର କ୍ରନିକ୍ କିଡନୀ ସମସ୍ୟା ହୋଇଥିଲେ। ଏଥିପାଇଁ ଗ୍ଲାୟୋକ୍ସିଲିକ୍ ଏସିଡ୍ ଥିବା କେମିକାଲ ହେୟାର ଷ୍ଟ୍ରେଟନିଂ ପ୍ରଡକ୍ଟ ଦାୟୀ ବୋଲି ଅଧ୍ୟୟନକାରୀ ସୂଚିତ କରିଛନ୍ତି।

ମେରିଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟର ମେଡିସିନ୍ ଏବଂ ଫାର୍ମାସିର ସହଯୋଗୀ ପ୍ରଫେସର ଡ. ଜୋଶୁଆ ଡେଭିଡ୍ କିଙ୍ଗ ଲାଇଭ ସାଇନ୍ସକୁ କହିଛନ୍ତି ଯେ, ଏହି ପରୀକ୍ଷା ନିହାତି ଭାବେ ପ୍ରଡକ୍ଟରେ ଗ୍ଲାୟୋକ୍ସିଲିକ୍ ଏସିଡ୍ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଇବା ସହ ବିଭିନ୍ନ କ୍ରିମ୍ ଉତ୍ପାଦନକାରୀ ପ୍ରଡକ୍ଟ ନିର୍ମାତାମାନେ କିପରି ସ୍ୱାସ୍ଥ୍ୟ ନିରାପଦ ଯୌଗିକ ବ୍ୟବହାର କରିବେ ସେଥିପାଇଁ ଜନ ସଚେତନତା ସୃଷ୍ଟି କରିବ।

# ଥାଇରଏଡ୍ ଗ୍ରନ୍ଥିରେ ସମସ୍ୟା ଥିଲେ ଦୈନିକ କରନ୍ତୁ ଏହି ଗୋଟିଏ ଆସନ, ମିଳିବ ମୁକ୍ତି

**ଶରୀର ଏବଂ ମନକୁ ସୁସ୍ଥ ରଖିବା ପାଇଁ ଯୋଗ ଏକ ପ୍ରଭାବଶାଳୀ ଉପାୟ। ଯଦି ଆପଣ ଯୋଗକୁ ଆପଣଙ୍କର ଦୈନନ୍ଦିନ ଜୀବନର ଏକ ଅଂଶ କରନ୍ତି, ତେବେ ଅନେକ ପ୍ରକାରର ସମସ୍ୟା ଆପଣଙ୍କଠାରୁ ଦୂରରେ ରହିବ ଏବଂ ଆପଣ ସୁସ୍ଥ ରହିବେ ଏବଂ ଦୀର୍ଘ ଜୀବନ ପାଇଁ ଫିଟ୍ ରହିବେ। ଏଠାରେ ଆମେ ଏକ ଯୋଗ ଆସନ ବିଷୟରେ ଆପଣଙ୍କୁ ଜଣେଇବୁ ଯାହା ସାହାଯ୍ୟରେ ଥାଇରଏଡ୍ର ସମସ୍ୟା ମଧ ଭଲ ହୋଇପାରିବ। ଏହି ଆସନ ହେଉଛି ଉଷ୍ଟ୍ରାସନ। ଏହା ଏମିତି ଏକ ଯୋଗାସନ ଯାହା ସାହାଯ୍ୟରେ ଆପଣ ନିଜ ଥାଇରଏଡ୍ ଗ୍ରନ୍ଥିକୁ ସକ୍ରିୟ କରିପାରିବେ। ଏହା ଦ୍ୱାରା ହରମୋନ୍ ସମସ୍ୟା ସହଜରେ ସନ୍ତୁଳିତ ହୋଇପାରିବ। ଆସନ୍ତୁ ଜାଣିବା ଏହାକୁ ଅଭ୍ୟାସ କରିବାର ସଠିକ୍ ଉପାୟ କ'ଣ...**



କିପରି କରିବେ ଉଷ୍ଟ୍ରାସନ: ସର୍ବପ୍ରଥମେ ମ୍ୟାଟ୍ କିମ୍ବା କୌଣସି ଆସନରେ ବଜ୍ରାସନ ସ୍ଥିତିରେ ବସନ୍ତୁ। ଏହି ଅବସ୍ଥାରେ, ଆପଣଙ୍କର ଉଭୟ ଆଣ୍ଠୁ ଆଗକୁ ରହିବ ଏବଂ ଆପଣ ଉଭୟ ଗୋଇଠି ଉପରେ ବସିବେ। ଅଣ୍ଟା ସିଧା ରହିବ ଏବଂ ଦୁଇ ହାତର ପାପୁଲି ଦୁଇ ଆଣ୍ଠୁରେ ରହିବ।

ବଜ୍ରାସନ ସ୍ଥିତିରେ ବସନ୍ତୁ: ବର୍ତ୍ତମାନ ଉଭୟ ପାପୁଲିକୁ ଅଣ୍ଟାରେ ରଖନ୍ତୁ ଏବଂ ଆଣ୍ଠୁ ଉପରେ ଠିଆ ହୁଅନ୍ତୁ। ମନେରଖନ୍ତୁ ଯେ ଉଭୟ ଆଣ୍ଠୁ ଏବଂ ପାଦ ପରସ୍ପର ଯୋଡିହୋଇ ରହିବେ। ବର୍ତ୍ତମାନ ଧୀରେ ଧୀରେ ପଛକୁ ବଙ୍କା ହୋଇ ଡାହାଣ ହାତରେ ଡାହାଣ ଗୋଇଠି ଧରି ରଖିବାକୁ ଚେଷ୍ଟା କରନ୍ତୁ। ଏହା ପରେ ବାମ ହାତରେ ସାବଧାନତାର ସହିତ ବାମ ଗୋଇଠି ଧରି ରଖନ୍ତୁ।



ଏହି ଅବସ୍ଥାରେ ପେଟ ଆଗକୁ ରହିବ, ଜଙ୍ଘ ସିଧା ରହିବ ଏବଂ ମୁଣ୍ଡ ଏବଂ ମେରୁ ହାଡକୁ ଯଥାସମ୍ଭବ ପଛକୁ ଝୁଙ୍କି ରଖନ୍ତୁ। ଏହି ଅବସ୍ଥାରେ ଆରାମରେ ରୁହନ୍ତୁ ଏବଂ ଗଭୀର ଭାବରେ ଶ୍ୱାସ ନିଅନ୍ତୁ ଏବଂ ଛାଡନ୍ତୁ। ଶରୀରର ସମ୍ପୂର୍ଣ୍ଣ ଓଜନ ଗୋଡ ଏବଂ ହାତରେ ରହିବ।

ଉଷ୍ଟ୍ରାସନ ପଦ୍ଧତି:
ଶରୀର ଧନୁ ପରି ବଙ୍କା ରହିବ। ଯଥାସମ୍ଭବ ଏହି ଅବସ୍ଥାରେ ରୁହନ୍ତୁ, ତାପରେ ଧୀରେ ଧୀରେ ହାତକୁ ଗୋଇଠିରୁ ଉଠାନ୍ତୁ ଏବଂ ମୂଳ ଅବସ୍ଥାକୁ ଆସନ୍ତୁ।

ଏହାକୁ ଧ୍ୟାନରେ ରଖନ୍ତୁ:
ଯଦି ଆପଣଙ୍କର ତଳ ପିଠିରେ ଯନ୍ତ୍ରଣା କିମ୍ବା ଆଘାତ ଅଛି, ତେବେ ଏହା କରନ୍ତୁ ନାହିଁ
ଯଦି ଆପଣଙ୍କ ପୂରା ହାତ ଗୋଇଠି ପର୍ଯ୍ୟନ୍ତ ଯାଉନି, ତେବେ ଆଙ୍ଗୁଠିରେ ଗୋଡକୁ ଛୁଇଁ ଆସନ କରନ୍ତୁ
ଯଦି ଆପଣଙ୍କର ଅନ୍ୟ କୌଣସି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ଅଛି ତେବେ ଡାକ୍ତରଙ୍କ ପରାମର୍ଶ ପରେ ହିଁ ଏହାକୁ ଅଭ୍ୟାସ କରନ୍ତୁ
ଉଷ୍ଟ୍ରାସନ ଶିକ୍ଷା

ଏହାର ଉପକାର:
ଏହି ଆସନ କରିବା ଦ୍ୱାରା ହଜମ ଶକ୍ତି ବଢେ, କୋଷ୍ଠକାଠିନ୍ୟର କୌଣସି ଅସୁବିଧା ହୁଏ ନାହିଁ, ପିଠି ଯନ୍ତ୍ରଣାରେ ଆରାମ ମିଳିଥାଏ, ଖରାପ ସ୍ଥିତି ହେତୁ ପିଠିରେ ଥିବା ବ୍ୟତିକ୍ରମକୁ ସଂଶୋଧନ କରେ, ଥାଇରଏଡ୍ ଗ୍ରନ୍ଥିକୁ ସକ୍ରିୟ କରେ।

# କାହିଁକି ହୁଏ ଯକ୍ଷ୍ମା ?

## ଜାଣନ୍ତୁ ରୋଗର କାରଣ, ଲକ୍ଷଣ ଓ ନିରାକରଣ

**ଟ୍ୟୁବରକୁଲୋସିସ୍, ଟିବି ବା ଯକ୍ଷ୍ମା ଏକ ସଂକ୍ରାମକ ରୋଗ। ଏହା ସାଧାରଣତଃ ଫୁସଫୁସକୁ ଆକ୍ରାନ୍ତ କରିଥାଏ। କିନ୍ତୁ ସର୍ବଦା ଏପରି ହୋଇନଥାଏ। ବେଳେ ବେଳେ ଏହା ମସ୍ତିଷ୍କ ଏବଂ ମେରୁଦଣ୍ଡକୁ ମଧ ଆକ୍ରାନ୍ତ କରିପାରେ। ଏବେ ମଧ ଅନେକ ଲୋକ ଏହି ରୋଗ ବାବଦରେ ସଚେତନ ନାହାନ୍ତି।ସଚେତନତା ଉଦ୍ଦେଶ୍ୟରେ ପ୍ରବିର୍ଷ ମାର୍ଚ୍ଚ ୨୪ରେ ବିଶ୍ୱ ଟିବି ଦିବସ ପାଳନ କରାଯାଏ। ତେବେ ଟିବି କଣ, କାହିଁକି ହୁଏ ଜାଣନ୍ତୁ...**



<u>ଯକ୍ଷ୍ମା ରୋଗ କ'ଣ ?</u>
ବାସ୍ତବରେ, ମାଇକୋବ୍ୟାକ୍ଟେରିୟମ୍ ଟ୍ୟୁବରକୁଲୋସିସ୍ ଜୀବାଣୁ ଯକ୍ଷ୍ମା ରୋଗର କାରଣ। ଏହି ଜୀବାଣୁ ସଂକ୍ରମଣରେ ଯକ୍ଷ୍ମା ହୋଇଥାଏ। ଦୁର୍ବଳ ରୋଗପ୍ରତିରୋଧକ ଶକ୍ତି ବ୍ୟକ୍ତିଙ୍କୁ ହେବାର ହେବାର ଆଶଙ୍କା ଅଧିକ ଥାଏ।

<u>ଯକ୍ଷ୍ମା କିପରି ବ୍ୟାପେ ?</u>
ସଂକ୍ରମିତ ବ୍ୟକ୍ତିଙ୍କ କାଶ, ଛିଙ୍କ, କିମ୍ବା ତାଙ୍କ ସହ କଥାବାର୍ତ୍ତା ସମୟରେ ନିଶ୍ୱାସ ମାଧ୍ୟମରେ ଯକ୍ଷ୍ମା ବ୍ୟାପିଥାଏ। ସାଧାରଣତଃ ଟିବି ବାୟୁ ମାଧ୍ୟମରେ ଅନ୍ୟ ଜଣକୁ ବ୍ୟାପିଥାଏ। ସେଥିପାଇଁ ଏହାକୁ ବାୟୁବାହିତ ରୋଗ ବୋଲି କୁହାଯାଏ।

<u>ଯକ୍ଷ୍ମା ଲକ୍ଷଣ:</u>
ସ୍ଥାୟୀ କାଶ ଏବଂ ଛାତି ଯନ୍ତ୍ରଣା, କାଶରେ ରକ୍ତ ପଡ଼ିବା, ଥକ୍କା, ଜ୍ୱର, ରାତିରେ ଝାଳ ବୋହିବା ଏବଂ ଓଜନ ହ୍ରାସ। ସଠିକ୍ ସମୟରେ ଚିକିତ୍ସା କରାନଗଲେ ଯକ୍ଷ୍ମା ସାଂଘାତିକ ହୋଇପାରେ। ତେଣୁ, ଲକ୍ଷଣ ଦେଖାଯିବା ମାତ୍ରେ ପରୀକ୍ଷା କରାଇନିଅନ୍ତୁ। ଯକ୍ଷ୍ମା ବ୍ୟାପିବାକୁ ରୋକିବା ପାଇଁ ପ୍ରଥମେ ଏହାକୁ ଚିହ୍ନଟ କରିବା ଜରୁରୀ। ଲକ୍ଷଣ ଯେତେ ଶୀଘ୍ର ଚିହ୍ନଟ ହେବ, ରୋଗୀଙ୍କ ଚିକିତ୍ସା ସେତେ ସହଜ ହୋଇପାରିବ। ତେଣୁ ସଚେତନ ହୁଅନ୍ତୁ, ରୋଗରୁ ମୁକ୍ତ ରୁହନ୍ତୁ।

## ଏହି ଅଭ୍ୟାସ ଆପଣଙ୍କୁ ବଡ଼ ସମସ୍ୟାରେ ପକାଇପାରେ: ଲୁଣକୁ ଆବଶ୍ୟକଠାରୁ ଅଧିକ ଖାଇବା ମନା

ଅଧିକ ଲୁଣ ଖାଉଛନ୍ତି କି ? ହୋଇପାରେ ଭୟଙ୍କର ରୋଗ। ଲୁଣ ଏପରି ଏକ ଦ୍ରବ୍ୟ ଯାହା ଦୈନନ୍ଦିନ ପ୍ରତ୍ୟେକ ବ୍ୟକ୍ତିଙ୍କ ରୋଷେଇ ଘରେ ଏହା ବ୍ୟବହାର ହୋଇଥାଏ । ବିନା ଲୁଣରେ କୌଣସି ଖାଦ୍ୟ ଖାଇ ହୁଏନାହିଁ ଏବଂ ଲୁଣ ବିନା କୌଣସି ଖାଦ୍ୟର ସ୍ୱାଦ ମଧ ନଥାଏ । ତେବେ କିଛି ଲୋକ ଅତ୍ୟଧିକ ମାତ୍ରାରେ ଲୁଣ ଖାଇଥାନ୍ତି । ସେମାନଙ୍କ ପକ୍ଷରେ ବିନା ଲୁଣରେ କୌଣସି ଖାଦ୍ୟ ଖାଇବା ଅସମ୍ଭବ ହୋଇଯାଇଥାଏ । ଯଦି ଆପଣ ମାତ୍ରାଧିକ ଲୁଣର ସେବନ କରୁଛନ୍ତି। ତେବେ ଆପଣ ଏବେଠୁ ସାବଧାନ ହୋଇଯାଆନ୍ତୁ । ଏହି ଅଭ୍ୟାସ ଆପଣଙ୍କୁ ବଡ଼ ସମସ୍ୟାରେ ପକାଇପାରେ । ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ କହିବା ଅନୁସାରେ, ମେଡିକାଲ କ୍ଷେତ୍ରରେ ଲୁଣକୁ ଆବଶ୍ୟକଠାରୁ ଅଧିକ ଖାଇବା ପାଇଁ ମନା କରାଯାଇଥାଏ । କାରଣ ଲୁଣ ସେବନ ଦ୍ୱାରା ଆପଣ ଅନେକ ବଡ଼ ବଡ଼ ରୋଗର ବଶବର୍ତ୍ତୀ ହୋଇଥାନ୍ତି । ସେଥିରୁ ମୁଖ୍ୟ ହେଉଛି ଉଚ୍ଚ ରକ୍ତଚାପ । ମାତ୍ରାଧିକ ଲୁଣ ସେବନ ଦ୍ୱାରା ପ୍ରଥମେ ଏହି ରୋଗ ହିଁ ମଣିଷକୁ ସଂକ୍ରମଣ କରିଥାଏ । ଶରୀର ଠିକ ଭାବରେ କାର୍ଯ୍ୟକ୍ଷମ ହେବା ପାଇଁ ଲୁଣର ଆବଶ୍ୟକତା ରହିଛି । କିନ୍ତୁ ଏହାର ମାତ୍ରାଧିକ ସେବନ ହୃଦରୋଗ, ରକ୍ତଚାପ, ଷ୍ଟ୍ରୋକ ଭଳି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର କାରଣ ହୋଇଥାଏ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସର୍ଭେ ରିପୋର୍ଟ ଅନୁସାରେ, ଲୁଣ ସମସ୍ତଙ୍କ ଶରୀରରେ ଉଚ୍ଚ ରକ୍ତଚାପ ସୃଷ୍ଟି କରେ । ତେଣୁ ଆପଣମାନେ ଲୁଣକୁ କମେଇବାକୁ ଚେଷ୍ଟା କରନ୍ତୁ । ଆପଣ ପ୍ରତ୍ୟେକ ଦିନ ଖାଦ୍ୟରେ ସାମିଲ ହେଉଥିବା ଲୁଣର ପରିମାଣକୁ କମ କରିବା ଉଚିତ ।

# କିଛି ସରଳ ଉପାୟ: ସଡିବ ନାହିଁ କଦଳୀ-ଟମାଟୋ, ଚାଉଳରେ ଲାଗିବେନି ପୋକ









ପ୍ରାୟତଃ ଗ୍ରୀଷ୍ମ ଏବଂ ବର୍ଷା ଋତୁରେ ପନିପରିବା ଏବଂ ଶସ୍ୟଜାତୀୟ ଜିନିଷ ଅଧିକ ଦିନ ରହିଲେ ନଷ୍ଟ ହୋଇଯାଏ। ଏପରି ପରିସ୍ଥିତିରେ, ଆପଣ ଯଦି ଏହିସବୁ ସମସ୍ୟାକୁ ସାମ୍ନା କରୁଛନ୍ତି, ତେବେ ଆଜି ଆମେ ଆପଣଙ୍କୁ କିଛି ଟିପ୍ସ କହିବୁ ଯାହାକୁ ଅନୁସରଣ କରି ଆପଣ ପନିପରିବା କ୍ଷୟକ୍ଷତିରୁ ଏବଂ ଶସ୍ୟକୁ ପୋକମାନଙ୍କ ଦାଉରୁ ରକ୍ଷା କରିପାରିବେ। ପନିପରିବା ଏବଂ ଶସ୍ୟଜାତୀୟ ଜିନିଷ ପ୍ରାୟତଃ ଗ୍ରୀଷ୍ମ ଏବଂ ବର୍ଷା ଋତୁରେ ଅଧିକ ଦିନ ରହିଲେ ନଷ୍ଟ ହେବାକୁ ଲାଗେ। ଏହି ଋତୁରେ, ପନିପରିବା ପ୍ରାୟତଃ ସଡିଯାଏ। ଚାଉଳରେ ପୋକ ଲାଗିଯାଏ। ଏନେଇ ଲୋକମାନେ ଚାଉଳ ଏବଂ ଅଟାକୁ କୀଟନାଶକରୁ ରକ୍ଷା କରିବା ପାଇଁ ମୁହଁ ବନ୍ଦ ପାତ୍ରରେ ରଖନ୍ତି। ସେହିପରି ପନିପରିବା ଆଦିକୁ ଫ୍ରିଜରେ ରଖନ୍ତି। କିନ୍ତୁ ତା'ପରେ ମଧ ଏସବୁ ନଷ୍ଟ ହୋଇଥାଏ।

ଏପରି ପରିସ୍ଥିତିରେ, ଆପଣ ଯଦି ଏହିସବୁ ସମସ୍ୟାକୁ ସାମ୍ନା କରୁଛନ୍ତି, ତେବେ ଆଜି ଆମେ ଆପଣଙ୍କୁ କିଛି ଟିପ୍ସ କହିବୁ ଯାହାକୁ ଅନୁସରଣ କରି ଆପଣ ପନିପରିବା କ୍ଷୟକ୍ଷତିରୁ ଏବଂ ଶସ୍ୟକୁ ପୋକମାନଙ୍କ ଦାଉରୁ ରକ୍ଷା କରିପାରିବେ। ତେବେ ଆସନ୍ତୁ ସେହି ସରଳ ଉପାୟଗୁଡିକ ଜାଣିବା।

ଚାଉଳରେ ପୋକ ଲାଗିବେ ନାହିଁ: ଯଦି ବର୍ଷା ସମୟରେ ଚାଉଳରେ ପୋକ ଲାଗୁଛନ୍ତି, ତେବେ ସର୍ବପ୍ରଥମେ ଏହାକୁ ଏକ ଏୟାର ଟାଇଟ୍ ପାତ୍ରରେ ରଖନ୍ତୁ। ବର୍ତ୍ତମାନ ଏକ ଟିସୁରେ ଅଦା, ରସୁଣ ଏବଂ ଗୁଜୁରାତି ଭର୍ତ୍ତି କରି ଏହାକୁ ଚାଉଳ ଭିତରେ ରଖନ୍ତୁ। ଏହାଦ୍ୱାରା ପୋକ ଚାଉଳରେ ପ୍ରବେଶ କରିବେ ନାହିଁ। ଏମିତି କଲେ ଚାଉଳରେ ପୋକ ଲାଗିବେ ନାହିଁ

କଦଳୀ ସଡିବ ନାହିଁ: ସାଧାରଣତଃ ପାଚିଲା କଦଳୀ ଦୁଇରୁ ତିନି ଦିନ ମଧ୍ୟରେ ସଡିଯାଏ। ଏପରି ପରିସ୍ଥିତିରେ, ଆପଣ ଏହାକୁ ରକ୍ଷା କରିପାରିବେ। ଏଥିପାଇଁ ପ୍ରଥମେ କଦଳୀକୁ ପାଣିରେ ଧୋଇ ତା'ପରେ ଟିସୁ ପେପରରେ ଏହାକୁ ସଫା କରିଦିଅନ୍ତୁ। ଏହା ପରେ, ଏକ ଟିସୁ ପେପରକୁ ଓଦା କରି ଏହାର ନାସିରେ ଗୁଡ଼ାଇ ଦିଅନ୍ତୁ। ଏହା ଦ୍ୱାରା କଦଳୀ ୨ ସପ୍ତାହ ପର୍ଯ୍ୟନ୍ତ ନଷ୍ଟ ହେବ ନାହିଁ। ଏମିତି କଲେ କଦଳୀ ସଡିବ ନାହିଁ

ତରଭୁଜ ହେବ ନାହିଁ ନଷ୍ଟ: ସାଧାରଣତଃ ତରଭୁଜକୁ ଥରେ କାଟିଦେଲେ ଏହାକୁ ପୁରା ଖାଇବାକୁ ପଡେ। ଯଦି ଆମେ ଏହାକୁ ଅଧା କାଟି ରଖିଦେବା ତେବେ ଏହା ଗନ୍ଧ ହେବା ଆରମ୍ଭ କରେ। ଏହି ସମସ୍ୟାକୁ ଦୂର କରିବା ପାଇଁ ଅଧା କଟା ତରଭୁଜରେ ରସୁଣ ଖୋସି ଦିଅନ୍ତୁ ରଖନ୍ତୁ ଏବଂ ଏହାକୁ ଆଲୁମିନିୟମ ଫଏଲ୍ରେ ଘୋଡାଇ ଦିଅନ୍ତୁ। ଏହା ତରଭୁଜକୁ ସୁରକ୍ଷିତ ରଖିବ ଏବଂ ଶୀଘ୍ର ନଷ୍ଟ ହେବାକୁ ଦେବ ନାହିଁ। ଏମିତି କଲେ କଟା ତରଭୁଜ ହେବ ନାହିଁ ନଷ୍ଟ।

ଟମାଟୋ ସଡିବ ନାହିଁ: ଗ୍ରୀଷ୍ମ ଏବଂ ବର୍ଷା ଋତୁରେ ଅଧିକ ଟମାଟୋ ସଡିଯାଏ। ଟମାଟୋକୁ ସଡିବାରୁ ରକ୍ଷା କରିବା ପାଇଁ, ଟମାଟୋ ଉପରେ ଟେପ୍ ଲଗାଇ ଏହାକୁ କଭର କରି ଦିଅନ୍ତୁ। ଏହା କରିବା ଦ୍ୱାରା ଟମାଟୋରେ କୌଣସି ଆର୍ଦ୍ରତା ରହିବ ନାହିଁ ଏବଂ ଏହା ଅଧିକ ଦିନ ରହିବ।

# ସାବଧାନ: ଏହି ସବୁ ଖାଦ୍ୟ ଓ ପାନୀୟ କାରଣରୁ ତ୍ୱଚା ହୋଇଥାଏ ରୁକ୍ଷ

ଆମେ ଦୈନନ୍ଦିନ ଜୀବନରେ ଏମିତି ଗୁଡ଼ାଏ ଖାଦ୍ୟ ଖାଇଥାଉ ଯାହାକି ଶରୀର ପାଇଁ ଖୁବ୍ କ୍ଷତିକାରକ ହୋଇଥାଏ। ଏମିତି ଅନେକ ଖାଦ୍ୟ ରହିଛି ଯାହା ଆମର ତ୍ୱଚାକୁ ରୁକ୍ଷ କରିଥାଏ। ଖାଦ୍ୟ ଖାଇବା ନେଇ ସତର୍କତା ଅବଲମ୍ବନ କଲେ ଆମେ କିଛି ମାତ୍ରାରେ ଆମ ତ୍ୱଚାର ଚମକ ବଜାୟ ରଖିପାରିବା। ଜୁସ୍: ଅନେକ ଲୋକ ଭାବନ୍ତି ଜୁସ୍ ପିଇବା ଦ୍ୱାରା ତ୍ୱଚାର ଚମକ ବଢ଼ିଥାଏ। ଚମରେ ଉଜ୍ଜ୍ୱଳତା ଆସିଥାଏ। ମାତ୍ର ମନେ ରଖନ୍ତୁ ସିଧା ଫଳକୁ ରସ କରି ପିଇଲେ ଲାଭପ୍ରଦ ହୋଇଥାଏ। ମାତ୍ର ବଜାରରେ ଯେଉଁ ପ୍ୟାକେଟ ଜୁସ୍ ସବୁ ମିଳୁଛି ସେଥିରେ ଅତିରିକ୍ତ ପରିମାଣର ମିଠା ଭାଗ ରହିଥିବା ହେତୁ ତାହା ତ୍ୱଚା ପାଇଁ ହିତକାରକ ହୋଇନଥାଏ। ଗାଈ ଛେନା: ଗାଈ ଛେନା ଅତ୍ୟନ୍ତ ସ୍ୱାଦିଷ୍ଟ ହୋଇଥିବାରୁ ତାହାକୁ ଲୋକେ ବିଭିନ୍ନ ଖାଦ୍ୟରେ ଖାଇଥାନ୍ତି। ମାତ୍ର ମନେ ରଖନ୍ତୁ ଏଥିରେ ତୈଳ ଭାଗ ରହୁଥିବା ହେତୁ ଏହା ବ୍ରଣର କାରଣ ପାଲଟିଥାଏ। କଫି: କଫି ଶରୀର ପାଇଁ ଅନେକ ଭଲ ହୋଇଥାଏ। ମାତ୍ର କଫି ପିଇବା ଦ୍ୱାରା ଶରୀରରୁ ଜଳୀୟ ଅଂଶ ହ୍ରାସ ପାଇଥାଏ। ଫଳରେ ତ୍ୱଚା ଉପରେ ପ୍ରଭାବ ପକାଇଥାଏ। ଥଣ୍ଡା: ଆପଣ ଯେତେ ବି ସ୍ୱାସ୍ଥ୍ୟକର ଖାଦ୍ୟ ଖାଆନ୍ତୁ ପଛେ ଯଦି ଆପଣ ବାରମ୍ବାର ଥଣ୍ଡା ପିଉଛନ୍ତି ତେବେ ଏହା ତାହାର ପ୍ରଭାବ କମ୍ କରିଥାଏ। ଆଲ୍‌କହଲ: ମଦ୍ୟପାନ ରୁକ୍ଷ ତ୍ୱଚାର କାରଣ ହୋଇଥାଏ ଏହା ଆପଣ ଜାଣିଥିବେ ନିଶ୍ଚୟ। ଆପଣ ନିଜ ଶରୀର ଯେତେ ବି ଯତ୍ନ ନିଅନ୍ତୁ ପଛେ ଯଦି ଆଲ୍‌କହଲ ନେଉଛନ୍ତି ତେବେ ସବୁ ବୃଥା।

# ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୨୭ ଅଗଷ୍ଟ ୨୦୨୪, ମଙ୍ଗଳବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଜଳବାୟୁ ପରିବର୍ତ୍ତନ...

ସମୟ ଚିର ଗତିଶୀଳ। ସମୁଦ୍ର ଲହଡ଼ି ପରି ଅବିରତ ଘଣ୍ଟାର ଟିକ୍‌ଟକ୍ ଶବ୍ଦରେ ଆଗେଇ ଚାଲେ। ଏହି ଚିରନ୍ତନ ଧାରାରେ ଆବହମାନ କାଳରୁ ପୃଥିବୀର ନିଜ ଅକ୍ଷ ଚାରିପଟେ ଘୂର୍ଣ୍ଣନକୁ କେନ୍ଦ୍ର କରି ସମୟ ନିର୍ଘଣ୍ଟ କରାଯାଉଥିଲା। କିନ୍ତୁ ୧୯୨୭ ମସିହାରେ ବିଶ୍ୱର ସମୟ ରକ୍ଷକମାନେ ନିର୍ଦ୍ଦିଷ୍ଟ ଓ ସ୍ପଷ୍ଟ ଭାବରେ ସମୟ ନିରୂପଣ ନିମନ୍ତେ ଆଣବିକ ଘଡ଼ିର ବ୍ୟବହାର କଲେ। କିନ୍ତୁ ଏବେ ମଧ ନାବିକମାନେ ଆକାଶରେ ସୂର୍ଯ୍ୟ, ଚନ୍ଦ୍ର ଓ ନକ୍ଷତ୍ରମାନଙ୍କୁ ଦେଖି ସମୟ ନିର୍ଘଣ୍ଟ କରନ୍ତି ଏବଂ ଯାତ୍ରାପଥ ନିର୍ଦ୍ଧାରଣ କରିଥା'ନ୍ତି। ସାଧାରଣତଃ ଦେଖାଯାଇଛି, ନିୟୁତ ନିୟୁତ ବର୍ଷ ତଳୁ ଚନ୍ଦ୍ରର ମାଧ୍ୟାକର୍ଷଣ ଶକ୍ତି ଯୋଗୁଁ ପୃଥିବୀର ଘୂର୍ଣ୍ଣନ ବେଗ ହ୍ରାସ ପାଇଥାଏ। ବହୁକାଳ ପୂର୍ବରୁ ପୃଥିବୀର ଘୂର୍ଣ୍ଣନ ବେଗ ଯଥେଷ୍ଟ ଅଧିକ ଥିଲା। ଜୀବାଶ୍ମର ଅନୁଶୀଳନରୁ ଜଣାପଡ଼େ, ୧୪୦ କୋଟି ବର୍ଷ ପୂର୍ବେ ପୃଥିବୀ ନିଜର ଅକ୍ଷ ଚାରିପଟେ ବୁଲି ଆସିବା ପାଇଁ ମାତ୍ର ୧୯ ଘଣ୍ଟା ସମୟ ନେଉଥିଲା। ଏପରିକି ୩୭ କୋଟି ବର୍ଷ ପୂର୍ବେ ଏହି ଘୂର୍ଣ୍ଣନ ସମୟ ଥିଲା ୨୨ ଘଣ୍ଟା। ଏବେ ଏହା ୨୪ ଘଣ୍ଟା। ଅର୍ଥାତ୍ ଦିନର ଅବଧି ୨୪ ଘଣ୍ଟା। ପୃଥିବୀ ତା' ନିଜ ଅକ୍ଷ ଚାରିପଟେ ୨୪ ଘଣ୍ଟାରେ ଥରେ ବୁଲି ଆସି ପାରୁଛି। ଗତ ମାର୍ଚ୍ଚ ମାସରେ, 'ନେଚର' ପତ୍ରିକାରେ ପ୍ରକାଶିତ ଏକ ଗବେଷଣାତ୍ମକ ପ୍ରବନ୍ଧରେ ଦର୍ଶାଯାଇଛି, ପୃଥିବୀର ଘୂର୍ଣ୍ଣନକୁ ନେଇ କରାଯାଉଥିବା ସମୟ ନିର୍ଘଣ୍ଟ ବିଶ୍ୱସନୀୟ ନୁହେଁ। କାରଣ ଅନେକ ବର୍ଷ ହେଲା ଆଣବିକ ଘଡ଼ି ତୁଳନାରେ ପୃଥିବୀର ଘୂର୍ଣ୍ଣନ ବେଗ କମ୍ ରହୁଥିଲା। ଏହି ବିଷମ ସ୍ଥିତିର ସଠିକ୍ ସଂଯୋଜନା ପାଇଁ ଏକ ସ୍ପଷ୍ଟ ନୀତି ନିର୍ଦ୍ଧାରଣ କରାଯାଇଛି। ଯେତେବେଳେ ଦୁଇଟି ଘଡ଼ିର ସମୟ ମଧ୍ୟରେ ପାର୍ଥକ୍ୟ ଏକ ସେକେଣ୍ଡରେ ୧୦ ଭାଗରୁ ୯ ଭାଗରେ ପହଞ୍ଚିଯାଏ, ସେତେବେଳେ ସମନ୍ୱିତ ବୈଶ୍ୱିକ ସମୟରେ ଏକ ଅଧିସେକେଣ୍ଡ ଯୁକ୍ତ କରାଯାଏ। ୧୯୬୩ ମସିହାରୁ ସରକାରୀ ସ୍ତରରେ ସମୟ ନିର୍ଘଣ୍ଟ ପାଇଁ ସମନ୍ୱିତ ବୈଶ୍ୱିକ ସମୟ ଏକ ମାନକ ରୂପେ ସ୍ୱୀକୃତି ଲାଭ କରିଥିଲା। ବିଶ୍ୱବ୍ୟାପୀ ସହମତି ଭିତ୍ତିରେ ଘଡ଼ି ଓ ସମୟକୁ ନିୟନ୍ତ୍ରିତ କରାଯିବା ନିମନ୍ତେ ଏହା ଏକ ସ୍ଥିରୀକୃତ ମାନକ। ଆନ୍ତର୍ଜାତିକ କ୍ଷେତ୍ରରେ ଯୋଗାଯୋଗ, ନୌସଞ୍ଚାଳନ, ବୈଜ୍ଞାନିକ ଗବେଷଣା ଏବଂ ବ୍ୟବସାୟିକ କାରବାରକୁ ଏହି ସମୟ ନିର୍ଘଣ୍ଟ ସୁଗମ କରିଥାଏ। ପ୍ରଥମଥର ପାଇଁ ୧୯୭୨ ମସିହାରେ ଉଭୟ ସମୟ ନିର୍ଘଣ୍ଟକୁ ସମକାଳକ କରିବା ପାଇଁ ପୃଥିବୀର ଘୂର୍ଣ୍ଣନ ଦ୍ୱାରା ନିର୍ଦ୍ଧାରିତ ସମୟରେ ଏକ ଅଧିସେକେଣ୍ଡ ଯୁକ୍ତ କରାଯାଇଥିଲା। ୧୯୭୨ ପରଠାରୁ ଅଦ୍ୟାବଧି ୨୭ ଥର ଅଧିସେକେଣ୍ଡ ଯୁକ୍ତ କରାଯାଇ ସାରିଲାଣି। ଯାହାଫଳରେ ଆଣବିକ ଘଡ଼ି ସହ ସମନ୍ୱିତ ବୈଶ୍ୱିକ ସମୟ ସମକାଳକ ହୋଇପାରିଛି। ଶେଷଥର ପାଇଁ ଏହି ଅଧିସେକେଣ୍ଡ ଯୁକ୍ତ ପ୍ରକ୍ରିୟା ୨୦୧୬ ମସିହା ୩୧ ତାରିଖରେ ହୋଇଥିଲା। ନେଚର ପତ୍ରିକାରେ ପ୍ରକାଶିତ ପ୍ରବନ୍ଧରେ ଦର୍ଶାଯାଇଛି ୧୯୭୦ ପରବର୍ତ୍ତୀ ସମୟରୁ ମନୁଷ୍ୟକୃତ କାର୍ଯ୍ୟକଳାପ ହେତୁ ବିଶ୍ୱତାପନ ବା ପୃଥିବୀର ତାପମାତ୍ରା ବୃଦ୍ଧି ପାଉଛି। ଏହାର ପ୍ରଭାବରେ ମେରୁ ଅଞ୍ଚଳରେ ଥିବା ସ୍ତୂପୀକୃତ ବରଫ ତରଳି ଯାଉଛି ଏବଂ ପରବର୍ତ୍ତୀ ସମୟରେ ତରଳିଯାଇଥିବା ପାଣି ବିଷୁବରେଖା ଆଡ଼କୁ ଗତି କରୁଛି। ଏଥିଯୋଗୁଁ କ୍ରମଶଃ ପୃଥିବୀର ବର୍ତ୍ତୁଳାକାର ଆକୃତିରେ ସାମାନ୍ୟ ପରିବର୍ତ୍ତନ ଘଟି ଅଧିକ ଚେପ୍‌ଟା ହେବାରେ ଲାଗିଛି। ଏହା ପୃଥିବୀର କୋର ବା କେନ୍ଦ୍ରାଞ୍ଚଳରେ ଘୂର୍ଣ୍ଣନ ବେଗକୁ ହ୍ରାସ କରୁଛି। ଅର୍ଥାତ୍ ଭୂପୃଷ୍ଠର ୫୧୮୦ କିଲୋମିଟର ଗଭୀରରେ ଥିବା 'କୋର' ବା କେନ୍ଦ୍ରାଞ୍ଚଳର ଗତି ମନ୍ଥର ହେଉଛି। ଗବେଷକଙ୍କ ମତରେ 'କୋର'ର ଗତି ମନ୍ଥର ହେଲେ ଏହାର ଉପରକୁ ଏବଂ ଭୂପୃଷ୍ଠର ତଳକୁ ଥିବା 'ମେଣ୍ଟାଲ'ର ଗତି ବୃଦ୍ଧି ପାଏ। ଏହି ପରିବର୍ତ୍ତନ ଲାଗି ପୃଥିବୀ ନିଜ କକ୍ଷ ଚାରିପଟେ ଜୋରରେ ଘୂରିଥାଏ। ସେହି କାରଣରୁ ଦିନର ଅବଧି ଅପେକ୍ଷାକୃତ ହ୍ରାସ ପାଏ। ନିକଟ ଅତୀତରେ ବିଶ୍ୱତାପନ ପ୍ରଭାବରୁ ପୃଥିବୀର 'କୋର'ର ବାହ୍ୟାଞ୍ଚଳ ବା ମେଣ୍ଟାଲ ଅଞ୍ଚଳର ଘୂର୍ଣ୍ଣନ ବେଗ ବୃଦ୍ଧି ପାଉଥିବାରୁ ଏକ ନୂତନ ସମସ୍ୟା ମୁଣ୍ଡ ଟେକିଛି। ପୃଥିବୀର ଘୂର୍ଣ୍ଣନ ବେଗ ଦ୍ୱାରା ନିରୂପିତ ହେଉଥିବା ସମୟ ଆଣବିକ ଘଡ଼ିର ସମୟ ନିର୍ଘଣ୍ଟକୁ ଟପିଯାଉଛି। ଅନ୍ୟ ଅର୍ଥରେ କହିବାକୁ ଗଲେ ଦୁଇ ରକମର ସମୟ ନିର୍ଘଣ୍ଟକୁ ସମକାଳକ କରିବା ପାଇଁ ସମୟ ରକ୍ଷକମାନେ ପ୍ରଥମ ଥର ପାଇଁ ବିଯୁକ୍ତ ଅଧିସେକେଣ୍ଡ ପ୍ରୟୋଗ କରିବେ। ପୂର୍ବରୁ ଏହା କେବେ ଦେଖାଯାଇ ନ ଥିଲା। କାରଣ ପ୍ରତିଥର ସମନ୍ୱିତ ବୈଶ୍ୱିକ ସମୟ ସହ ବିଭିନ୍ନ ସମୟରେ ଆବଶ୍ୟକ ମୁତାବକ ଅଧିସେକେଣ୍ଡ ଯୁକ୍ତ କରାଯାଉଥିଲା। କାରଣ ବିଶ୍ୱବ୍ୟାପୀ ସମସ୍ତ ସମୟର ଭିତ୍ତିଭୂମି ଏକ ହେବା ଆବଶ୍ୟକ। କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଜନୈକ ଗବେଷକ ଡଙ୍କାନ ଆଗନିୟୁଙ୍କ ମତରେ ଯଦି ପୃଥିବୀର ଘୂର୍ଣ୍ଣନ ବେଗରେ ଜଳବାୟୁ ପରିବର୍ତ୍ତନ କାରଣରୁ ଏହି ବୃଦ୍ଧି ଘଟି ନ ଥା'ନ୍ତା, ତେବେ ସମନ୍ୱିତ ବୈଶ୍ୱିକ ସମୟରେ ୨୦୨୬ ବେଳକୁ ଏକ ଅଧିସେକେଣ୍ଡ ଯୁକ୍ତ କରାଯାଇଥା'ନ୍ତା। କିନ୍ତୁ ୧୯୯୦ ମସିହାରୁ ଗ୍ରୀନ୍‌ଲ୍ୟାଣ୍ଡ ଓ ଆଣ୍ଟାର୍କଟିକାରେ ବରଫ ତରଳୁଥିବା ହେତୁ, ପୃଥିବୀର ବାହ୍ୟାଞ୍ଚଳର ଘୂର୍ଣ୍ଣନ ବେଗ ବୃଦ୍ଧି ପାଇଥିବାରୁ ୨୦୨୬ର ତିନିବର୍ଷ ପରେ ୨୦୨୯ରେ ବିଯୁକ୍ତ ଅଧିସେକେଣ୍ଡର ପ୍ରୟୋଗ କରାଯିବ। ଏହି ବିଯୁକ୍ତ ଅଧିସେକେଣ୍ଡ ଉଭୟ ଯୋଗାଯୋଗ ଓ କମ୍ପ୍ୟୁଟର କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରେ। କିନ୍ତୁ ଏହା ଆମର ଦୈନନ୍ଦିନ ରୁଟିନ୍ କାର୍ଯ୍ୟରେ ବିଶେଷ ପ୍ରଭାବ ପକାଇବ ନାହିଁ।

## ପୂର୍ଣ୍ଣମୟ ପ୍ରକୃତି

### ସୌରଚନ୍ଦ୍ର ମହାପାତ୍ର

ଆଜିର ବସ୍ତୁସର୍ବସ୍ୱ ଦୁନିଆରେ ମୂଲ୍ୟବୋଧକୁ ନେଇ ଅନେକଙ୍କ ଭିତରେ ଆଲୋଚନା ଓ ଉତ୍ସୁକତା ସୃଷ୍ଟି ହେଉଛି। ପ୍ରାଚୀନ ଗୁରୁକୁଳରେ ଶିଷ୍ୟ ଗୁରୁଙ୍କ ତତ୍ତ୍ୱାବଧାନରେ ଶିକ୍ଷା ସମାପନ କରିବା ପରେ ଗୁରୁ ତାକୁ ଯେଉଁ ଉପଦେଶ ଦେଉଥିଲେ ଅନ୍ୟ ଦେଶରେ ମଧ ସେ ସବୁର ପଟ୍ଟାନ୍ତର ନାହିଁ 'ମାତୃ ଦେବୋ ଭବ' (ମା ତୁମର ଈଶ୍ୱର ହୁଅନ୍ତୁ), 'ପିତୃ ଦେବୋ ଭବ' (ପିତା ତୁମର ଈଶ୍ୱର ହୁଅନ୍ତୁ), 'ଆଚାର୍ଯ୍ୟ ଦେବୋ ଭବ' (ଗୁରୁ ତୁମର ଈଶ୍ୱର ହୁଅନ୍ତୁ), 'ସତ୍ୟଂ ବଦ' (ସତ୍ୟ କୁହ), 'ଧର୍ମଂ ଚର' (ଉଚିତ ରୂପେ କର୍ମ କର), 'ନେ ଇତରାଣ' (ଅନ୍ୟ ପନ୍ଥା ଅବଲମ୍ବନ କର ନାହିଁ।) ଏସବୁ ଥିଲା ଆଦେଶ। ସମସ୍ତ ଅଧର୍ମ କାର୍ଯ୍ୟରୁ ନିବୃତ୍ତ ହେବା। ଯାହା ଆମର ପ୍ରଗତି ପାଇଁ ସହାୟକ ହେବ କେବଳ ସେଭଳି କର୍ମରେ ଲିପ୍ତ ରହିବା। ଏହା ହିଁ ହେଉଛି ଉପଦେଶ। ପୃଥିବୀ ପାଇଁ ଶାନ୍ତି ପ୍ରାର୍ଥନା କରି ବେଦ, ଉପନିଷଦ ଯେତେବେଳେ ଶାନ୍ତିଃ ଶାନ୍ତିଃ ଶାନ୍ତିଃ କହନ୍ତି ସେମାନେ ଏହି ଆଦେଶ ପ୍ରସଙ୍ଗ ଭଗବାନ ଶ୍ରୀସତ୍ୟସାଇ ଉତ୍ଥାପନ କରିଥାନ୍ତି।

ପୃଥିବୀର ପ୍ରତ୍ୟେକ ବ୍ୟକ୍ତି ବିଜୟ ଆଶା କରନ୍ତି। ସମସ୍ତେ ଧନ ଚାହାନ୍ତି କେହି ଦାରିଦ୍ର୍ୟ କାମନା କରନ୍ତି ନାହିଁ। ମାତ୍ର ବିଜୟ ଅଥବା ସଂପଦ କିପରି ଅର୍ଜନ କରାଯାଇ ପାରିବ? ଏହା ଚିନ୍ତା ଏବଂ ଆବିଷ୍କାର କରିବାକୁ ହେବ। ସମାଧାନ ନିମନ୍ତେ ଆମେ ଦୀର୍ଘକାଳ ଅନୁସନ୍ଧାନ କରିବା ଅନାବଶ୍ୟକ। ମହାଭାରତରେ ସଂଜୟ ରାଜା ଧୃତରାଷ୍ଟ୍ରଙ୍କୁ କହିଛନ୍ତି 'ଯେଉଁ ପକ୍ଷରେ ଯୋଗେଶ୍ୱର କୃଷ୍ଣ ଏବଂ ଧନୁର୍ଦ୍ଧର ଅର୍ଜ୍ଜୁନ ରହିଛନ୍ତି ସେହି ପକ୍ଷ ବିଜୟୀ ଓ ଶ୍ରୀମଣ୍ଡିତ ହେବ।' ଏହାଠାରୁ ଅଧିକ ଉପଦେଶ ଆମେ ଅନ୍ୱେଷଣ କରିବା କାହିଁକି? ବିଜୟ ଲାଭ ନିମନ୍ତେ ଦୈହିକ, ମାନସିକ ଏବଂ ବୌଦ୍ଧିକ, ଏହି ତ୍ରିମୁଖୀ ସଂଗ୍ରାମ ଅନାବ୍ୟଶକ। ଜଣେ ବିବ୍ରତ ଅଥବା ଉଦବିଗ୍ନ ହେବା ଅନାବଶ୍ୟକ। ସଂପଦ ଏବଂ ସମୃଦ୍ଧି ନିମନ୍ତେ ଅଶ୍ରୁ ବର୍ଷଣ କରିବା ଅନାବଶ୍ୟକ। ଭଗବାନଙ୍କର ଶରଣାପନ୍ନ ହେବା, ସାହସର ଧନୁ ଧାରଣ କରି, ଅର୍ଥାତ୍ ହୃଦୟ ନିର୍ମଳ କରିବା। ତାହା ହିଁ ଯଥେଷ୍ଟ। ଯାହାଦ୍ୱାରା ଆମେ ବିଜୟୀ ଓ ଶ୍ରୀମଣ୍ଡିତ ହୋଇପାରିବା। ମାତ୍ର ଆମେ ଯେତେବେଳେ ବିଜୟ ଓ ସଂପଦର ଅନୁସରଣ କରୁଛୁ ସ୍ମରଣ ରଖିବା ଯେ ସେଗୁଡ଼ିକ ଛାୟା ମାତ୍ର, ସେ ସବୁର କୌଣସି ବାସ୍ତବତା ନାହିଁ। ଆମେ ନିଜର ଛାଇକୁ ଧରିପାରିବା ନାହିଁ, ସୂର୍ଯ୍ୟକୁ ପଛ କରି ନିୟୁତ ବର୍ଷ ଏଥିପାଇଁ ଆମେ ଅନବରତ ଉଦ୍ୟମ କରିପାରୁ। କାରଣ ଏହା ଦ୍ରୁତତର ଗତିରେ ପଳାୟନ କରେ ଏବଂ ସର୍ବଦା ଆମ ଠାରୁ ଦୂରକୁ ଚାଲିଯାଏ। କିନ୍ତୁ ସୂର୍ଯ୍ୟକୁ ସାମ୍ନା କରି ଆମେ ଯଦି ଅଗ୍ରସର ହେଉ ତାହେଲେ ଆମର ପଥପ୍ରଦର୍ଶକ ହେବା ପରିବର୍ତ୍ତେ ଛାୟା ଆମ ପଛପଟେ ରହିବ ଏବଂ ଆମକୁ ଅନୁସରଣ କରିବ। ଗୋଟିଏ କ୍ରୀତଦାସ ପରି ଏହା ଆମର ପଦାଙ୍କ ଅନୁସରଣ କରିବ। ଛାୟାକୁ ମାୟାର ପ୍ରତୀକ ବୋଲି ମନେକରିବା ଉଚିତ। ଆମେ ମାୟାର ଅନୁସରଣ କରୁଥିବା ପର୍ଯ୍ୟନ୍ତ ମାଧବ ଉପେକ୍ଷିତ ଓ ଅଦୃଶ୍ୟ ହେବେ। ଯାହାଦ୍ୱାରା ଆମେ ତାଙ୍କର ଶୁଭ ଓ କୃପା ଦୃଷ୍ଟି ପାଇବା ନାହିଁ। ଜନ୍ମ ମୃତ୍ୟୁର ବନ୍ଧନ ମଧ୍ୟରେ ଆମେ ବନ୍ଦୀ ହେବା ଏବଂ ସର୍ବଦା ବନ୍ଧନରେ ହିଁ ରହିବା। ନିର୍ଭର କରିବା ପରିବେଶରୁ ନିଜକୁ ମୁକ୍ତି ପାଇଁ ଜଣେ ଉଦ୍ୟମୀ ହେବା ଉଚିତ। ନଚେତ ଇନ୍ଦ୍ରିୟ ସଂଭୋଗ ନିମନ୍ତେ ଜଣେ ଯଦି ସବୁମନ୍ତେ ଉଦ୍ୟମ କରେ ଏହା ନିଶ୍ଚିତ ରୂପେ ତାର ଅଜ୍ଞତା ସୂଚିତ କରିବ।

ଭାରତୀୟ ଜୀବନର ଏହି ଦିଗଦର୍ଶକ ନିୟମମାନ ଦେଶର ଭୌଗୋଳିକ ସୀମା ଦ୍ୱାରା ସୀମିତ ନଥିଲା। ଏଇ ଦେଶର ଲୋକମାନେ ଇଛା କଲେ ବା ନକଲେ ମଧ ସେମାନେ ଅନ୍ୟ ଦେଶକୁ ପରିବ୍ୟାପ୍ତ ହେଉଛନ୍ତି। ନିଜର ମୂଲ୍ୟବୋଧଗୁଡ଼ିକ ଚିନ୍ତା ଓ ଅନୁଭୂତିରେ ପୂର୍ଣ୍ଣ କରି ସେମାନେ ସାହିତ୍ୟକୁ ରୂପାନ୍ତରିତ କରୁଛନ୍ତି। ପ୍ରାକୃତିକ ବିଜ୍ଞାନ ଆତ୍ମା ମାନଙ୍କୁ କେବଳ ଅନ୍ନ, ବସ୍ତ୍ର ଏବଂ ଅନୁରୂପ ପଦାର୍ଥ ଦେଇପାରିବ। କେବଳ ଆଧ୍ୟାତ୍ମିକ ବିଜ୍ଞାନ ଆତ୍ମସତ୍ତାକୁ ଶକ୍ତିମନ୍ତ ଏବଂ ଅପରିବର୍ତ୍ତିତ ରଖିପାରିବ। ଏହି ବିଷୟ ପ୍ରତି ଶିକ୍ଷାର୍ଥୀ ମାନେ ବିଶେଷ ଧ୍ୟାନ ଦେବା ଆବଶ୍ୟକ। ଯଦି ଆତ୍ମସତ୍ତାର ଶକ୍ତି ନାହିଁ ଅଥବା ଦୃଢ଼ତା ନାହିଁ, ଅନ୍ନ, ବସ୍ତ୍ର ଏବଂ ଅନୁରୂପ ପଦାର୍ଥ ବହୁ ପରିମାଣରେ ଥିଲେ ମଧ ସେ ସବୁ ମୂଲ୍ୟହୀନ।

ଜାତିର ଉନ୍ନତିବିଧାନ କରିବା ଆବଶ୍ୟକ ହେଲେ ନିଜ ମଧ୍ୟରେ ଆମେ ସମସ୍ତ ଆଧ୍ୟାତ୍ମିକ ଉତ୍ସ ପୁଞ୍ଜିଭୂତ କରିବା ବାଞ୍ଛନୀୟ। ଅତୀତରେ ଆବଶ୍ୟକତା ଜଣା ଥିଲା ଏବଂ ଆବଶ୍ୟକତା ପୂରଣ କରିବା ପାଇଁ ଉଦ୍ୟମ ହେଉଥିଲା। ଭବିଷ୍ୟତରେ ମଧ ଏହି ଆବଶ୍ୟକତା ଅନୁଭୂତ ହେବ ଏବଂ ପୂର୍ଣ୍ଣ ହେବ। ଅର୍ଥାତ୍ ଆଜି ଯେଉଁସବୁ ଆଧ୍ୟାତ୍ମିକ ଅନୁରାଗ, ପ୍ରତ୍ୟୟ ଓ ଅଭିଳାଷ ଦୁର୍ବଳ ଏବଂ ବିପର୍ଯ୍ୟସ୍ତ ହୋଇଛି ସେସବୁକୁ ପରସ୍ପର ସହିତ ଐକ୍ୟବଦ୍ଧ ଏବଂ ପୁନଃ ପ୍ରଚଳିତ କରିବାକୁ ହେବ। ଭାରତୀୟ ଧର୍ମର ଅନନ୍ୟ ବିଭାଗ ଗୁଡ଼ିକ ଏଇ ଦୃଢ଼ ଭିତ୍ତି ଗଠନ କରିଛି। ସେ ସବୁ ଆକାଶ ପରି ପ୍ରଶସ୍ତ ଏବଂ ପ୍ରକୃତି ପରି ଶାଶ୍ୱତ। ଧର୍ମର ଅଂଶସ୍ୱରୂପ ଜାତି ଓ ସଂପ୍ରଦାୟ ବୃକ୍ଷର ଶାଖା ରୂପେ ଅବସ୍ଥାନ କରିପାରେ। ଜଣେ ସେଗୁଡ଼ିକୁ ଭୁଲ ବୋଲି ଧିକ୍କାର କରିବା ଅନାବଶ୍ୟକ। ମାତ୍ର କୌଣସି ଶାଖା ଅନ୍ୟ ଏକ ଶାଖା ସହିତ ସଂଗ୍ରାମ ବା ପ୍ରତିଯୋଗିତା କରିବା ଅନୁଚିତ। ତା ହେଲେ ବୃକ୍ଷଟି ଧ୍ୱଂସ ହେବ ଏବଂ ସବୁକିଛି ବିଧ୍ୱସ୍ତ ହେବ। ଜାତି ଗୁଡ଼ିକ ପ୍ରତିଯୋଗିତାପୂର୍ଣ୍ଣ ବିଭେଦରେ ଲିପ୍ତ ହେଲେ ଧର୍ମ ଧ୍ୱଂସ ହୁଏ ଏବଂ ବିଶ୍ୱ ବିନାଶ ହୁଏ। 'ଏକଂ ସତ୍ ବିପ୍ରାଃ ବହୁଧା ବଦନ୍ତି' (ସତ୍ୟ ଏକ, ପଣ୍ଡିତମାନେ ବିବିଧ ଭାବେ ତାହାକୁ ବର୍ଣ୍ଣନା କରନ୍ତି)।

ଭଗବାନଙ୍କର ସ୍ୱଭାବ ଏବଂ ବିଭାବ, ରୂପ ଓ ଗୁଣ ନେଇ ଆମ ପ୍ରତ୍ୟେକଙ୍କର ପୃଥକ ଧାରଣା ଥାଇପାରେ। ଜଣେ ବିଶ୍ୱାସ କରିପାରେ ଭଗବାନଙ୍କର ମାନବ ଗୁଣାବଳୀ ଓ ରୂପ ରହିଛି। ଆଉ ଜଣେ ମାନବ ରୂପ ଓ ସଂକେତହୀନ ଭଗବାନଙ୍କୁ ବିଶ୍ୱାସ କରିପାରେ, ମାତ୍ର ତାଙ୍କ ସ୍ୱରୂପକୁ ଅସ୍ୱୀକାର କରିପାରେ। ଆଉ ଜଣେ ଭଗବାନଙ୍କୁ ସମ୍ପୂର୍ଣ୍ଣ ନିରାକାର ରୂପେ ଗ୍ରହଣ କରିପାରେ। ଏମାନଙ୍କ ମଧ୍ୟରୁ ପ୍ରତ୍ୟେକ ନିଜ ଯୁକ୍ତି ସପକ୍ଷରେ ବେଦରୁ ଶ୍ଳୋକ ଉଦ୍ଧାର କରିପାରିବେ। କାରଣ ସମସ୍ତେ ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି, ଅର୍ଥାତ୍ ଉତ୍ସ, ଆଧାର ଓ ପରିପୋଷାକ ରୂପେ ଏକ ରହସ୍ୟମୟୀ ଶକ୍ତିକୁ ବିଶ୍ୱାସ କରନ୍ତି। ଏହି ସତ୍ୟ ବେଦରେ ଉଦଘୋଷିତ ଏବଂ ବିସ୍ତୃତ ଭାବେ ବର୍ଣ୍ଣିତ। ଈଶ୍ୱରଙ୍କ ନାମ ବା ରୂପ ସମ୍ପର୍କରେ ଯେଉଁସବୁ ଶିକ୍ଷା ଦିଆଯାଏ ସେଗୁଡ଼ିକ ଅତୀବ ଗୁରୁତ୍ୱପୂର୍ଣ୍ଣ ନୁହେଁ, ସେ ସବୁର ସ୍ୱାତନ୍ତ୍ର୍ୟ ଏବଂ ପ୍ରଭେଦ ସମ୍ପର୍କରେ ଆଦୌ ବିବାଦ କରିବା ଅନାବଶ୍ୟକ। ଭଗବାନଙ୍କ ସମ୍ପର୍କରେ ଉପଦେଶ ପ୍ରଦାନ ହିଁ ବଡ଼ ସେବା। ପୃଥିବୀ ଏବଂ ଯେଉଁ ବିଶ୍ୱର ଏହା ଏକ ଅଂଶ, ସେସବୁ ସହସ୍ର ବର୍ଷ ତଳେ ସ୍ଥିତିବାନ ହୋଇଛି ଏବଂ ଭବିଷ୍ୟତରେ କେବେ ସେ ସବୁର ବିଲୟ ହେବ ବୋଲି ଅନ୍ୟମାନେ ଯେଭଳି ଭାବନ୍ତି ଭାରତୀୟମାନେ ସେହି ଦୃଷ୍ଟଭଙ୍ଗୀ ଗ୍ରହଣ କରନ୍ତି ନାହିଁ। ବିଶ୍ୱ ଯେ ଶୂନ୍ୟରୁ ସୃଷ୍ଟି ହୋଇଛି ଏହି ମନ୍ତବ୍ୟକୁ ମଧ ସେମାନେ ଗ୍ରହଣ କରନ୍ତି ନାହିଁ। ସେମାନେ ବିଶ୍ୱାସ କରନ୍ତି ପ୍ରକୃତି ଶୂନ୍ୟସୃଷ୍ଟି ନୁହେଁ, ଏହା ସର୍ବଦା ପୂର୍ଣ୍ଣ। ଏହାର ଆଦି ନାହିଁ କି ଅନ୍ତ ନାହିଁ। ଏହାର କେବଳ ସ୍ଥୂଳ ଏବଂ ସୂକ୍ଷ୍ମ ରୂପ ଅଛି। ପୂର୍ଣ୍ଣତାର କୌଣସି ପ୍ରମାଣ ନଥିବାରୁ ଆରମ୍ଭରୁ ଯେ ଶୂନ୍ୟ ରହିବ ଏ ପ୍ରକାର ଅନୁମାନ କରିବା କୌଣସି ଜ୍ଞାନର ସଂକେତ ନୁହେଁ। ବିଚାର କରିବା ପାଇଁ ଅସ୍ତିତ୍ୱର ଅନ୍ୟ ସ୍ତରମାନ ରହିଛି।

ଦୃଷ୍ଟାନ୍ତସ୍ୱରୂପ, ମଣିଷ ସମ୍ପୂର୍ଣ୍ଣ ରୂପେ ଶରୀର ନୁହେଁ। ତାର ସ୍ଥୂଳ ଶରୀରରେ ଗୋଟିଏ ସୂକ୍ଷ୍ମ ଶରୀର ରହିଛି। ଏହାର ନାମ ମନ। ଏତଦଭିନ୍ନ ତାର ଆଉ ଏକ ଶରୀର ଅଛି। ମନ ଠାରୁ ତାହା ଆହୁରି ସୂକ୍ଷ୍ମ। ତାର ନାମ ଜୀବାତ୍ମା। ଶେଷଟିର ଆଦ୍ୟ ନାହିଁ କି ପ୍ରାନ୍ତ ନାହିଁ। ଏହାର ମୃତ୍ୟୁ ନାହିଁ କି ଧ୍ୱଂସ ନାହିଁ। ଏହି ସତ୍ୟକୁ ଭାରତୀୟମାନେ ବିଶ୍ୱାସ କରନ୍ତି। ଏହି ବିଶ୍ୱାସ ବେଦବାଣୀ ଉପରେ ଆଧାରିତ। ଈଶ୍ୱର ଉପାସନା କରିବା ସମୟରେ ଆମ୍ଭେମାନେ ଆଖି ବନ୍ଦ କରିଥାଉ। ଆମ୍ଭମାନଙ୍କର ମୁଖ ଉତ୍ତୋଳିତ କରି ଏବଂ ଉପରକୁ ଅନାଇ ବାହାରେ ଆମ୍ଭେମାନେ ଈଶ୍ୱରଙ୍କର ସନ୍ଧାନ କରିବା ପାଇଁ ଚେଷ୍ଟା କରିନଥାଉ। ଈଶ୍ୱରଙ୍କ ଦ୍ୱାରା ଉଦବୁଦ୍ଧ ବ୍ୟକ୍ତିମାନେ ଧର୍ମଗ୍ରନ୍ଥ ରଚନା କରିଛନ୍ତି ବୋଲି ଅନ୍ୟମାନେ କହିଥାନ୍ତି। ଭାରତୀୟମାନଙ୍କର ବିଶ୍ୱାସ ମୁନି ମାନଙ୍କ ହୃଦୟରୁ ଧ୍ୱନିତ ହୋଇଥିବା ବେଦ ହେଉଛି ଈଶ୍ୱରଙ୍କର ଅଭ୍ରାନ୍ତ ସ୍ୱର।


ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ ଡ଼ି, ସେକ୍ଟର-୬, କଟକ,
ମୋ : ୯୪୩୭୦୦୪୪୬୬


## ପ୍ରାଚୀନ ଗ୍ରାମ୍ୟ ଜୀବନରେ ପ୍ରାତଃ ନିଦ୍ରାଜାଗରଣ



### ଅଜୟ କୁମାର ବେହେରା

ଘର ପାଖ କମାରଶାଳରେ ଲେହି ଉପରେ ଗରମ ଲାଲ ଲୁହାକୁ ହାତୁଡ଼ି ପିଟଣାରେ ପିଟିବା ଶବ୍ଦ, ଯଦି କଂସାରୀ ଘର ପାଖରେ ରହୁଥିବା ତେବେ କଂସାବାସନ ତିଆରି ବେଳେ ହାତୁଡ଼ି ପିଟା ଶବ୍ଦ ଖଣ୍ଡେ ଦୂର ବ୍ୟାପୁଥିବ। କୈବର୍ତ୍ତ୍ୟ ଘରେ ଚୁଡ଼ାକୁଟା ଢ଼ିଙ୍କିର ଶବ୍ଦ କାର୍ଯ୍ୟମୁଖର ହୋଇ ଶୁଭୁଥିଲା। ଗ୍ରାମ ତେଲିମହାଜନ ଘରେ ଥିବା କାଠଘଣା ସକାଳୁ ସକାଳୁ କର୍ମମୁଖର ହୋଇ ତେଲ ପେଡ଼ିବା କାର୍ଯ୍ୟରେ ଲାଗିଯାନ୍ତି ଏଥିରେ ଲଗାଯିବା ବଳଦ ଘଣାକୁ ଚକ୍ର ଆକାରରେବ ବୁଲାଇବା ବେଳେ କାଠ ଘର୍ଷଣରୁ ଏକ ଶବ୍ଦ ବହୁ ଦୂରକୁ ଶୁଭିଲା ପରି ବାହାରେ। କାଠ ମିସ୍ତ୍ରୀ ବଢ଼େଇଙ୍କ ଘରେ କାଠ କାଟିବା ଓ କାଠକୁ ଠୋକାର ଦେବା ବେଳେ ଏପରି ଠକ ଠକ ଶବ୍ଦ କରତ କାଠରେ ଚାଲିବା ଶବ୍ଦ କିଛି ଦୂର ଯାଏ ଶୁଭେ। ମୁସଲମାନ ବସ୍ତୀରେ ଥିବା ମସଜିଦରେ ଖୁବ ଉଚ୍ଚରେ ରହି ଜଣେ ବସ୍ତୀ ବାସିନ୍ଦାଙ୍କୁ ଜଣାଇବା ଭଳି ଆହ୍ଲାଙ୍କ ଉଦ୍ଦେଶ୍ୟରେ ରାତି ପାହିଯାଉଛି ବୋଲି ଜାଗରଣ କରୁଥିବେ। ଅନେକ ଦେବ ମନ୍ଦିରରେ ଦିଅଁଙ୍କ ଉଦ୍ଦେଶ୍ୟରେ ସକାଳ ଆରତି ବେଳେ ଶଙ୍ଖ, କାହାଳୀ, ଘଣ୍ଟ ବାଜୁଥିବ।

ସୁନା ଅଳଙ୍କାର ପିନ୍ଧିଥିବା ମହିଳାମାନେ ସକାଳ ସୂର୍ଯ୍ୟ ଉଦୟ ପାଖାପାଖି ସୁନା ଅଳଙ୍କାର ଥଣ୍ଡା ଅନୁଭବ କରାଉଥିବ। ପ୍ରତ୍ୟେକ ସୁସ୍ଥ ଶରୀରଧାରୀ ବ୍ୟକ୍ତିଙ୍କୁ ପରିସ୍ରା ଝାଡ଼ା ଲାଗୁଥିବ। ଝାଡ଼ା ଲାଗୁ ନ ଲାଗୁ ସକାଳୁ ପାଖ ପଡ଼ିଆ ରାସ୍ତାକଡ଼ ନାଳବନ୍ଧବାଡ଼କୁ ବହୁଲୋକ ଝାଡ଼ା ଆସିବା ନିଶ୍ଚିତ। ଭିଡ଼ରୁ ରକ୍ଷା ପାଇଁ ଅନେକ ସକାଳୁ ସକାଳୁ ଉଠି ସେ କାମ ସାରିବାକୁ ତତ୍ପର ହେଉଥିଲେ। ଅନେକ ନବ ବଧୂ ସଅଳ ସଅଳ ଉଠି ଘର ପାଖ ପଡ଼ିଆକୁ ଝାଡ଼ା ଫେରି ନିକଟ ପୋଖରୀକୁ ଯାଇ ସ୍ନାନ ସୌଚ ହେଉଥିଲେ। ପୂର୍ବେ ଚାହାଳିଆ ଚାଟ ମାଷ୍ଟ୍ର ଆପଣଙ୍କର ବେତର ଶୂନରୁ ବଢ଼ି ୧-୨-୩ କ୍ରମରେ ଆସି ଗୁରୁଜୀଙ୍କ ସାନ୍ନିଧରେ ରୋଲକଲ ଚିହ୍ନଟ ପାଇ ସଅଳ ସଅଳ ଚାଟଶାଳୀରେ ପହଞ୍ଚିବା ପାଇଁ ଧାଉଡି କରିବା ଆରମ୍ଭ କରୁଥିଲେ। ହରିଜନ ସାହିରେ ଗଞ୍ଜାକୁ କୁକୁଡ଼ା ଅଟେଇରେ ଥିଲେ ବି କୁକୁଡାଟି ବୋବେଇ ଉଚ୍ଛନ୍ନ କରୁଥିଲା। ପରେ ପରେ ସମସ୍ତେ ନିତ୍ୟକର୍ମରେ ଲାଗି ଯାଉଥିଲେ। ଚାଷୀ ଘରେ ସବୁ ଦିନେ ବିଲକାମ ନଥିଲେ ବି ଗାଈ ବଳଦ ସେବା ନିତ୍ୟକର୍ମ ପୁଣି ବାଡ଼ିରେ, ଢ଼ିଅ ଜମିରେ ଲଗାଇଥିବା ପନିପରିବା ଫସଲରେ ପାଣି ମଡ଼ାଇବା ପାଇଁ ପୋଖରୀରୁ ଯନ୍ତ, ତେଣ୍ଡା ଆଦି ପାଣି ଉଠାଇବା କାର୍ଯ୍ୟ ପାଇଁ ବାହାରି ଯାଆନ୍ତି। ଚାଷ ବେଳେ ଧାନ କ୍ଷେତ କର୍ମରେ କାର୍ଯ୍ୟ ପାଇଁ ବାହାରି ଯାଆନ୍ତି। ଚାଷ ବେଳେ ଧାନ କ୍ଷେତ କର୍ମରେ ବୁଣା, ରୁଆ, ବଛାବଛି ପାଣି ଦେଖିବା, ପୋକ ଦେଖିବା ଫସଲ ଖେତକୁ ପଶୁ ପକ୍ଷୀ ଚୋର ଆଗରୁ ରକ୍ଷା କରିବାରେ ଲାଗି ରହିବା ଧାନ ପାଚିଲେ କାଟିବା, ବୋହି ଆଣିବା ବେଙ୍ଗଳା ପକାଇବା, ଉଡାଇ ଧାନ ପରିଷ୍କାର କରିବା, ଖରା ଦେବା, ଖଣି ପକାଇବା ବା ଅମାରରେ ରଖିବା, ବିହନ ରଖିବା ପରି କର୍ମରେ ସର୍ବଦା ଲାଗି ରହିବା ଦେଖାଯାଉଥିଲା।

ସମସ୍ତଙ୍କ ସହଯୋଗରେ ଗ୍ରାମର ଲୋକେ ଜୀବିକା ଚଳାଇବା ସହିତ ନିରାପଦରେ ପରସ୍ପରକୁ ସହାୟକ ହେଉଥିଲେ। ଭାଇଚାରାରେ ଗ୍ରାମ ଚାଲୁଥିଲା। ଗ୍ରାମରେ ଧନୀ ଦରିଦ୍ର ରହିଲେ ବି ଦରିଦ୍ରମାନେ ଧନୀ ମାନଙ୍କର ଜମି ଜମା ବୃତ୍ତିରେ ସହାୟକ ହୋଇ ଗୁଜୁରାଣ ମେଣ୍ଟାଉ ଥିଲେ। ଡରଭୟ ନଥିଲା। ତେବେ ମୁରବୀ ଡର ଗୋସେଇ ଗ୍ରାମରେ ଓ ଘରେ ରହିଥିଲେ। ବଡ଼ ବଡ଼ ସମସ୍ୟା ଗ୍ରାମର ସ୍ୱ ସ୍ୱ ପାଟକଙ୍କ ମଧ୍ୟରେ ବା କିଛି ଗୁରୁତର ଛତିଶ ନ୍ୟାୟରେ ସମାଧାନ ହେଉଥିଲା। ବିବାହାଦି ସଂସ୍କାର କାର୍ଯ୍ୟରେ ଗ୍ରାମ୍ୟ ଜନ କାର୍ଯ୍ୟଗ୍ରାହୀକୁ ସହଯୋଗ ପୂର୍ଣ୍ଣ ପ୍ରାଣରେ କରୁଥିଲେ। ଦରିଦ୍ର ଘରେ ଯଦି କେହି କନ୍ୟା ବିବାହ କରୁଥିଲା ତାକୁ ଅର୍ଥରେ ଦ୍ରବ୍ୟରେ ସାହି ପଡ଼ୋଶୀ ଜାତିଭାଇ ସହାୟକ ହେଉଥିଲେ। ବିଭିନ୍ନ ପାଟକଙ୍କୁ ଧୋବା, ବାରିକ, କୁମ୍ଭାର, ସେବା ଦେଉଥିଲେ ଏକ ମୃତାହତ ବିବାହ ଆଦି ଧୋବା ବାରିକ ନ ହେଲେ କାର୍ଯ୍ୟ ଅନେକ ପ୍ରତିବନ୍ଧକ। କୁଲା ବାଉଁଶିଆ, ବିବାହ କର୍ମକୁ ଦରକାର। ଏ ପାଇଁ ପାଖ ଡମ ଘରୁ ଏସବୁ ଅଣାଯାଉଥିଲା। ଘର ତିଆରିରେ ମାଟି ବୋଳିବା କାର୍ଯ୍ୟ ପାଇଁ ଠୋକେଇ ଗାଣ୍ଡୁଆ, ଝୁଡ଼ି ଦରକାର ଏହା ବି ସେଇ ପାଣ ବା ଡମଘରୁ ଅଣାଯାଉଥିଲା। ପ୍ରତିଘରେ ଶସ୍ୟ ମାପିବା ପାହିଲି ଗୌଣୀ ଏଇ ପାଣ ବା ଡମ ମାନେ ଯୋଗାଉଥିଲେ। ବିବାହ ବ୍ରତ ଆଦି ବାଦ୍ୟ ଆବଶ୍ୟକ ଢ଼ୋଲ ନାଗରା ମହୁରୀ ଆଦି ବଜାଇବାକୁ ଏପରି ପାଟକ ମାନଙ୍କୁ ବିବାହ କାର୍ଯ୍ୟରେ ଜଡ଼ିତ କରାଯାଏ ଏପରିକି ବରପଟୁଆରେ ଏଇ ମାନେ ହିଁ ଆଗେଇ ବାଦ୍ୟ ବଜାଇ ଚାଲନ୍ତି। ଏ ପାଟକ ସ୍ୱର୍ଗରେ ବି ଅଛନ୍ତି, ଦୁନ୍ଦୁଭି ନାଦକାରୀ ଏ ମାନଙ୍କର ପାଟକରେ ଆସନ୍ତି। ଏମାନେ ଘୋର ଅବହେଳିତ ଓ ସଦାବୃତ୍ତିରୁ ବିମୁଖ। ବିବାହରେ ବ୍ୟାଣ୍ଡପାର୍ଟି ତେଲିଙ୍ଗିବାଦ୍ୟ ଏବେ ବହୁ ଅର୍ଥ ପାଉଛନ୍ତି। ଅପେରା ପାର୍ଟିରେ କନସେଟ ପାର୍ଟି ରହିଛନ୍ତି ହେଲେ ଅନ୍ୟ ପାଟକ ଲୋକେ ଏହାକୁ ବୃତ୍ତି ରୂପେ ଧରିଲେଣି। କାରଦ୍ୱାର ଶୁଣ୍ଡି ପିଣ୍ଡା ଏକ ଲୋକ ଶ୍ରୁତି ଅଛି ଶୁଣ୍ଢି ବା ଶୌଣ୍ଡିକ ମାନେ ମଦ୍ୟ ବିକ୍ରେତା। ଏମାନେ ଏବେ ବଂଶାନୁକ୍ରମିକ ଏ ବୃତ୍ତିରେ ନିମଗ୍ନ ନୁହଁନ୍ତି। ମଦ ବେପାରରେ ଭଲ ଲାଭ ବୋଲି ଯେକେହି ଜାତି ଏହାକୁ ବୃତ୍ତିରେ ଧରିନେଲେଣି। ମଦ୍ୟପ ମାନେ କୌଣସି ପିତୃକାର୍ଯ୍ୟ, ଦେବକାର୍ଯ୍ୟରେ ଘୋର ବାରଣ ଏପାଇଁ ଏମାନେ ପ୍ରାୟଶ୍ଚିତ କରିବାକୁ ପଡ଼େ ଏବେ ଏହା ଗୌଣ ବା ନାଁ କୁମାତ୍ର ପ୍ରାୟଶ୍ଚିତ। ଗ୍ରାମ୍ୟ ଜୀବନ ତୁଚ୍ଛନଛ, ଲୁଣମରା ଆନ୍ଦୋଳନରୁ ଭାରତ ସ୍ୱାଧୀନ ହୋଇଥିଲା। କେହି ଲୋକ ବର୍ତ୍ତମାନ ସେହି ଗ୍ରାମ୍ୟ ଦେଶୀ ଲୁଣ ଖାଉନାହାଁନ୍ତି। ଗ୍ରାମର ବହୁ ବୃତ୍ତି ଏବେ ଲୁପ୍ତ।

> ସମସ୍ତଙ୍କ ସହଯୋଗରେ ଗ୍ରାମର ଲୋକେ ଜୀବିକା ଚଳାଇବା ସହିତ ନିରାପଦରେ ପରସ୍ପରକୁ ସହାୟକ ହେଉଥିଲେ। ଭାଇଚାରାରେ ଗ୍ରାମ ଚାଲୁଥିଲା। ଗ୍ରାମରେ ଧନୀ ଦରିଦ୍ର ରହିଲେ ବି ଦରିଦ୍ରମାନେ ଧନୀ ମାନଙ୍କର ଜମି ଜମା ବୃତ୍ତିରେ ସହାୟକ ହୋଇ ଗୁଜୁରାଣ ମେଣ୍ଟାଉ ଥିଲେ। ଡରଭୟ ନଥିଲା। ତେବେ ମୁରବୀ ଡର ଗୋସେଇ ଗ୍ରାମରେ ଓ ଘରେ ରହିଥିଲେ।


+ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ,
କଟକ, ମୋ : ୯୪୩୭୦୩୧୨୫୩





### ହେ କୃଷ୍ଣ,କେଶବ

ଜୟନ୍ତ କୁମାର ମଲ୍ଲିକ୍

ଅଷ୍ଟମୀ ତିଥିରେ କଂସ ବନ୍ଦୀଘରେ
ଜନ୍ମିଥିଲ ବର୍ଷା ରାତିରେ -
ତୁମ କଥା ଭାଳି ପିତାମାତାଙ୍କର
ଛନକା ପଶିଲା ଛାତିରେ,
ଶୁଣି ଶୂନ୍ୟବାଣୀ ପିତା ବସୁଦେବ
ମଥାରେ ତୁମକୁ ବସାଇ -
ନନ୍ଦଘରେ ଥୋଇ ଆନନ୍ଦ ଖେଳାଇ
ଯଶୋଦାଙ୍କୁ ଦେଲେ ହସାଇ,
ବିଜୁଳି କନ୍ୟାକୁ ରାତାରାତି ନେଇ
ରଖିଲେ ଦେବକୀ କୋଳରେ -
ପରଦିନ ତାକୁ କଂସ ଧରିବାରୁ
କମ୍ପାଇଲା ହାସ୍ୟ ରୋଳରେ,
ଆକାଶରେ ରହି ଦେଇଥିଲା କହି
କଂସ ମରଣର କାହାଣୀ -
ଭୟରେ କଂସର ଶରୀର କମ୍ପିଲା
ବଦଳି ଗଲାତା ଚାହାଣୀ,
ମଥୁରାରେ ଜନ୍ମି ଗୋପପୁରେ ଲୀଳା
ରଚିଲ ଦେବକୀ ନନ୍ଦନ-
ପୁତନା ସମେତ ଅନେକଙ୍କୁ ମାରି
ହୋଇଲ ଜଗତେ ବନ୍ଦନ,
ଶେଷରେ ମଞ୍ଚାରୁ ଗଡ଼ାଇ ମାମୁଁକୁ
ମାରିଲ ଯତନ କରିକି-
ଘରେ ଘରେ ପଶି ମନଇଚ୍ଛା ତୁମେ
ଖାଇଲ ଲବଣୀ ହରିକି,
ହେ କୃଷ୍ଣ,କେଶବ ! ପ୍ରଭୁ ବାସୁଦେବ
ଘେନାକର ମୋର ଭକତି-
ତୁମ ଆକର୍ଷଣେ ପ୍ରତି ପ୍ରାଣେ ପ୍ରାଣେ
ଭରିଯାଉ ମହା ଶକତି।


+ଶୂରଡିହ,ନନ୍ଦିପୁର,
ଦଶରଥପୁର,ଯାଜପୁର
ମୋ: ୯୪୩୭୮୬୫୭୨୭


### ତୁମେ ଏବେ ଭାରି ମନେପଡ

ରମାକାନ୍ତ ଦାସ

ତୁମେ ଏବେ ଭାରି ମନେପଡ
ରାତିର ଶୂନ୍ୟତାର ଅଦୃଶ୍ୟ ଜଗତରେ
ତୁମକୁ ଖୋଜେ ମୁଁ
ଯନ୍ତ୍ରଣା ଜର୍ଜରିତ ଦୁନିଆଁରେ
ସବୁ ବାସ୍ତବତା ଭିତରେ
ମୁଁ କିନ୍ତୁ ନୀରବ ହୋଇଯାଏ
ତୁମ ସ୍ମୃତି ସହରେ ।
ଆମ ଭିତରେ ଏବେ ଦୂରତା
ସାଗରଠୁ ବେଳାଭୂମି
ଆକାଶଠୁ ମାଟି
ମୋ ସ୍ମୃତି ଆଇନାରେ
ତୁମ ପ୍ରତିଛବିକୁ
ମୁଁ ନିତି ଦେଖୁଥାଏ
ମୋ ଅତୀତ ସବୁକୁ ସାଉଁଟି ।
ତୁମ ଅପେକ୍ଷାରେ
ମୋ ଛାତିର ଯନ୍ତ୍ରଣା ସବୁ
ଆଖିର ଲୁହ ସାଜି ଭିଜେଇ ଦିଅନ୍ତି
ମୋ ପିଣ୍ଡକୁ
ଓଠରେ ହସ ଫୁଟେଇବା ପାଇଁ
ମୁଁ ପ୍ରତି ମୁହୂର୍ତ୍ତରେ
ଖଣ୍ଡ ଖଣ୍ଡ କରେ ନିଜକୁ ।
ତୁମେ ଏବେ ଭାରି ମନେପଡ
ମୋ ପ୍ରତିଟି ସ୍ପନ୍ଦନରେ
ଶତାବ୍ଦୀର ଅଙ୍କ କଷୁଥାଏ ମୁଁ
ରହି ତୁମ ଅପେକ୍ଷାରେ ।


+ନନ୍ଦିଗ୍ରାମ , ନାଉଗାଁ,
ଜଗତସିଂହପୁର
ମୋ - ୯୬୬୮୮୧୫୩୬୯


### ହେ ମୋର ଶାରଦୀୟ ଦେବୀ

ନିରଞ୍ଜନ ସାହୁ

ଶରତ ଆସିଲେ ଦିଗ ଯେଉଁପରି
ଦିଶିଯାଏ ନିରିମଳ
ତୁମ ରୂପ କାନ୍ତି ତାଠାରୁ ନିର୍ମଳ
ତାଳୁ ଠାରୁ ପାଦ ତଳ ।
ଶରତ କାଳରେ ସୁନୀଳ ଆକାଶେ
ଧଳାମେଘଖଣ୍ଡ ଭାସେ
ତୁମେ ଗୋ ନୀଳିମା ନୀଳପରୀ ସାଜି
ଆସ ଲେଖନୀ ପାଶେ
ତୁମେ ସାଜିଥାଅ ଶରତ ସୁନ୍ଦରୀ
ଦେଖେ ମୁହିଁ ଜଳଜଳ ।
ଶରତ ଆକାଶେ ଚନ୍ଦ୍ରମା ସୁନ୍ଦର
କହିଁ ରହିଥାଏ ଚାହିଁ
ମୋର ମନ ଜାଣି ଚାଲିଆସ
ଖୋଜ ମୁଁ କେଉଁଠି କାହିଁ
ଶରତ ସୁଷମା ପରି ଅନୁପମା
ନଥାଏ ମନରେ ଛଳ ।
ଶରତ ସମୟେ ନଦୀର ପଠାରେ
କାଶତଣ୍ଡି ଶୋଭା ଦିଶେ
ତୁମେ ଶୋଭାମୟୀ ମନ ହରିନିଅ
ଦେହ ସାଥେ ଦେହ ମିଶେ
ଅତୃପ୍ତ କାମନା ପୂର୍ଣ୍ଣ କରିଦେଇ
ନିରବରେ ତୁମେ ଚଳ ।
ଶରତ ସମୟେ ପୂଜା ମଣ୍ଡପରେ
ପୂଜା ହୋଇଥାନ୍ତି ଦେବୀ
ତୁମରି ଚେଷ୍ଟାରେ କବି ମୁଁ ହୋଇଛି
କେଉଁ ଉପହାର ନେବି
ଭୂମିରୁ ଉଠାଇ ଭୂମାରେ ରଖିଛ
ଦେଇ ତୁମ ପୁଣ୍ୟଫଳ ।


+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ --- ୭୫୯୦୧୬
ମୋ : ୯୯୩୮୭୪୧୫୮୩


### ଭାଗବତ ବାଣୀ/ଗୁଜ୍ଜରି ଛାନ୍ଦରେ

କେଶବ ମେହେର

ତୁମେ ତ ପ୍ରଭୁ ଚକ୍ରଧାରି
ତୁମେ ନୀଳାଚଳ ବିହାରୀ ।
ପାଦତଳେ ପ୍ରଭୁ ତୁମରି
ଅଜସ୍ର ପ୍ରଣାମ ମୋହରି ।
ଏ ଜଗତେ ତୁମରି ପାଇଁ
ଅଛି ଆମରି ନାଁଟି ରହି ।
ଲୋକେ କହନ୍ତି ଗଲେ ଯହିଁ
ଏ ଯେ ସେଇ ଓଡ଼ିଆ ଭାଇ ।
ଅବତରିତ ହେଲ ତହିଁ
ଅଧର୍ମ ବଢିଲା ଯେ ଯହିଁ ।
ସଂଘାରିଲ ପାପିକୁ ଯାଇ
ତୁମେ ତ ଭୂ ପାଳନ ହାରି।
ନବ ରସରେ ପରିପୂର୍ଣ୍ଣ
ଶରୀର ଯେ ଅଟେ ତୁମ୍ଭରି ।
ପ୍ରେମ ଭକ୍ତିରେ ରଖ ବାନ୍ଧି
ଆମେ ଯେ ସୁପୁତ୍ର ତୁମରି ।


+ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ,
ଜୟପୁର
ମୋ - ୭୬୮୧୮୦୭୧୬୪

## ମୁଁ
### ଭରତ ଚନ୍ଦ୍ର ଦାଶ



ମୁଁ କିଛି କହିବି ନାହିଁ
କହିବି ବା କାହିଁକି
ଯିଏ ବୁଝିପାରେ
ବୁଝାଇପାରେ ନିଜକୁ
ନିଜର ମନକୁ
ତା ମନ ସହ
ମିଶୁଥିବା ସମଧର୍ମା
ଅନ୍ୟ ଏକ ସ୍ୱପ୍ନିଳ
ପ୍ରେମିଳ ଅଦୃଶ୍ୟ ସତ୍ତାକୁ ।

ସେ ମାଗିବା ପୂର୍ବରୁ
ସମର୍ପି ଦିଏ
ଦେହ, ମନ, ଜୀବନ
ଓ ଯୌବନର ସ୍ୱାଦ
ମାଗିଲେ ମନା କରେ
ନା ନା କହେ
ପୁଣି ନିଜ ମନକୁ ବୁଝାଏ
ଆପଣା ଛାଏଁ
ସେ ଯାଚନାର ହିତରେ
ସବୁରୁ ସବୁଜିମା ଯାଏ
ଅର୍ପଣ କରେ
ନୈବେଦ୍ୟ ରୂପରେ
ସେ ଅର୍ପିତା
ସେ ପ୍ରିୟରୁ ପ୍ରିୟତମା
ରୂପେ ଉଭା ହୁଏ
ମୋ ଆଗରେ ।
ମୁଁ ସ୍ତବ୍ଧ, ମୁଁ ଚକିତ
ମୁଁ ଏବେ
ଆଉ କିଛି କହିବି ନାହିଁ
ପ୍ରତୀକ୍ଷା କରିବି
କାଳରୁ କାଳାତୀତ ଯାଏ ।

ସେ ପ୍ରିୟା ମୋର
ସୃଜନର ପ୍ରୀତିଫୁଲଟିଏ
ସୁଗନ୍ଧକୁ ଛାଡି
ଭ୍ରମରକୁ ଭୁଲି
କ'ଣ ନୀଡ଼ ବାନ୍ଧି ପାରିବ ଦୂରରେ
ସେ ବାହୁଡ଼ି ଆସିବ ନିଶ୍ଚୟ
ମୁଁ ପ୍ରକୃତିସ୍ଥ ହୋଇ
ବସିଛି ଏ ବିଜନ ବେଳାରେ ।
ଏବେ କୁହ
ତୁମେ କ'ଣ ସ୍ୱପ୍ନକୁ ଭୁଲି
ଏକୁଟିଆ ରହିପାରିବ
ଫୁଲ କ'ଣ ସୁଗନ୍ଧକୁ
ଏଡାଇ ପାରେ
ଭ୍ରମର କ'ଣ ମଧୁକୁ
ଘୃଣା କରେ ।


♥ ସଚିବ, ସୃଜନ
ଶ୍ରୀକ୍ଷେତ୍ର,ମାର୍କୋଣା
ବାଲେଶ୍ୱର -୭୫୬ ୧୨୬
ମୋ: ୮୯୮୪୪୩୯୧୬୬


## କଳା ବଜାର
### ପ୍ର.ଗିରିଜା ଶଂକର ଶର୍ମା



କଳା ବଜାରରେ କଣ ବିକ୍ରି ନହୁଏ ଯେ
ଭୟ, ଭ୍ରାନ୍ତି, ପାପ, ପୁଣ୍ୟ,
ଆଳାପ, ବିଳାପ
ଏ ସବୁ ପଣ୍ୟ ଦ୍ରବ୍ୟ ଥାକ ଥାକ ହୋଇ
ଆସ୍ଥାନ ଜମେଇ ଥାନ୍ତି ପରସ୍ତ ପରସ୍ତ
ଅଂଧାର ଭିତରେ

ଏଠି ଛାଇ ମାନଙ୍କ ଭିଡ଼,
କଳା ଅଂଧାରରେ ସେମାନେ ଆସନ୍ତି
କିଣିବା ଆଗରୁ, ପରୀକ୍ଷା କରନ୍ତି
ପଣ୍ୟ ଦ୍ରବ୍ୟକୁ
ତା'ପରେ ସବୁ ତାଙ୍କ ପସନ୍ଦ ଉପରେ ।

ନୀଲାମରେ ବି ବିକ୍ରି ହୁଏ ଅନେକ ଜିନିଷ
ସେଦିନ ନିଲାମ ହେଲା
କଲେଜ ପଢୁଥିବା ଝିଅର
ଭୟ, ଶିହରଣ, ସିତ୍କାର
ହୃଦୟ ବିଦାରକ କାନ୍ଦ ବି
ତରଳେଇ ପାରେନା ଅଂଧାରକୁ
ଏଠି ପ୍ରତିବାଦର ଶବ୍ଦ ପ୍ରାଚୀରରେ
ଧକ୍କା ଖାଇ ଫେରେ
ନହେଲେ ବନ୍ଧୁକ ଗୁଳିରେ
ଲେଖି ଦିଆଯାଏ ପ୍ରତିବାଦୀର ଭାଗ୍ୟ ।
କଳାବଜାରର କଳାରଂଗ
ବହୁତ କିଛି କରିପାରେ ।

ଦିନର ଆଲୁଅରେ ସେମାନେ ଧଳା ଦିଶନ୍ତି
ତାଙ୍କ କଳା ଛାଇର ଏ ସାମ୍ରାଜ୍ୟ ।
ରାମ ରାମ ଜପୁଥିବା ଭକ୍ତ
ରାତିର ଅଂଧାରରେ ମରାମରା କହେ ।
ରାତିର ଉତ୍ତାପ ଜଳେଇ ଦେଇପାରେ
କାହାର ହୃଦୟ କାହାର ଶରୀର
ତ କାହାର ବିବେକ ।
ବେଳେବେଳେ ଚିନ୍ତା କରେ, ପୋଛି
ଦେବାକୁ କଳାରଂଗ ।

ଶାନ୍ତି ମୈତ୍ରୀ ସହାନୁଭୂତିର ଡଷ୍ଟରରେ ।
ଛାଇ ମାନଙ୍କୁ କହେ
ଦିନର ଆଲୁଅରେ ଉଦ୍‌ଭାସିତ ହୁଅନ୍ତୁ
ଆଲୁଅ ସବୁବେଳେ ସ୍ୱଚ୍ଛ
ଅଂଧାର ବଡ଼ ଭୟଂକର
ଅନ୍ଧାର ହଟିଲେ ହିଁ ହସିବ ସଂସାର


♥ ଧନକଉଡ଼ା
ସଂବଲପୁର-୭୬୮୦୦୬
ମୋ: ୮୯୧୭୪୯୪୦୯୫


## ବିରହ
### ସୁରାତ୍ରୀ ପ୍ରଧାନ



ବହଳ ଅନ୍ଧାର ଘୁମେଇ ପଡିଛି
ନିରବ ରଜନୀ କୋଳେ
ତୁମ ବିରହରେ ମନ ମୋ ଅଧିର
ହୃଦୟେ ଅନଳ ଜଳେ ।

ସେଇ ତାରା ଅଛି ଆକାଶ ଛାତିରେ
ମିଳନ ର ମୂକ ସାକ୍ଷୀ
ତୁମେ ନାହଁ ବୋଲି ଖାଁ ଖାଁ ଲାଗେ
ନିରିଜନ ମନ ପକ୍ଷୀ ।

କେତେ ଯେ ସରାଗ କେତେ ଅନୁରାଗ
କେତେ ମାନ ଅଭିମାନ
ବିତି ଥିଲା ଏଇ ତମସା କୋଳରେ
ଫେରିବକି ସେଇ ଦିନ ।

ନୀଳ ଗଗନ ରେ ମୁରୁକି ହସୁଛି
ଆଜି ପରା ସେଇ ତାରା
ନିସଙ୍ଗରେ କଟେ ଏକା ଏକା ସାଥି
ଆଖିରେ ଲୁହ ଅସରା ।


♥ କୁସୁପୁର, ଗୋପ, ପୁରୀ-୭୫୨୧୧୦
ମୋ: ୭୦୦୮୨୬୦୫୧୬




## ତଥାଗତ ବୁଦ୍ଧ
### ତପନ କୁମାର ବେହେରା

ଲୁମ୍ବିନୀରୁ ଲମ୍ବା ଯାତ୍ରା ବୋଧଗୟା
କେବେ ପାହାଡ଼ର କୋଳେ
କେବେ ନୀରଞ୍ଜନା କୂଳେ
ଖୋଜୁଥିଲ କାଟିବାକୁ ଜୀବନର ମାୟା ।

ଅରଣ୍ୟର ଅଙ୍କାବଙ୍କା ପଥ ଧାରେ
ନିଜକୁ ହଜାଇ ନିଜେ
ଖୋଜୁଥିଲ ମୋକ୍ଷ ପଥ
କିବା ଅସୁମାରୀ ପ୍ରଶ୍ନଙ୍କ ଭିତରେ ?

ଖେଳାଇ ପ୍ରଶ୍ନ କେତେ ନିଜ ବୁକୁ ତଳେ
ମନ୍ଥିଛ ଚିତ୍ତକୁ ନେଇ
ଚେତନାର ଦିବ୍ୟ ସ୍ତରେ
ପୁହାଇଛ କେତେ ନିଶି ବୋଧିଦ୍ରୁମ
ତଳେ ।

ନିଜକୁ ପ୍ରଶ୍ନଙ୍କ ଉଛୁଳା ନଈରେ
କେବେ ତରୀଟେ କରିଛ
ପୁଣି ତରେଇଟେ ହୋଇ
ତରିଯିବାର ଉପାୟ ଖୋଜିଛ ।

ସଂସାର ଭିତରେ ଦୁଃଖର କାରଣ
ତାହାର ନିରାକରଣ
ଖୋଜୁଖୋଜୁ ମିଳିଗଲା
ଆଲୋକର ପଥ ପରମ ନିର୍ବାଣ ।

ଅହିଂସା ର ବାର୍ତ୍ତା ଜୀବେ ଦୟା ନେଇ
ସତ୍ୟ ଶାନ୍ତି କ୍ଷମା ଦୟା
ବୁଣିଦେଇ ଆନ ହୃଦେ
ମୋକ୍ଷର ବାର୍ତ୍ତା ବିଶ୍ୱେ ଗଲ ଲେଖି
ଦେଇ ।


♥ କାନପୁର, ନରସିଂହପୁର, କଟକ
ମୋ:୭୦୦୮୧୮୮୩୫୬


## ବୃଦ୍ଧକାଳେ ଆସ ଯୁବକ ହେବା
### ବାଉରିବନ୍ଧୁ ଲେଙ୍କା



ସମୟଟା ବିତୁଥିଲା ମଜା ଆଉ ମସ୍ତିରେ
ବୁଡି ରହୁଥିଲି ମୁଁ ମୋ ଖିଆଲୀ ସ୍ୱପ୍ନରେ
ରାତି ପାହୁ ପାହୁ କିଏ ବାଡେଇଲା କବାଟ
କବାଟ ଖୋଲିଲି ଯାଇ ଉଠି ଚଟାପଟ ।

ଥିଲା ଏକ ବୃଦ୍ଧ ସିଏ ଜରାଜୀର୍ଣ୍ଣ ଶରୀର
ପାଚିଲା କେଶ ତା ଦନ୍ତହୀନ ଅସୁନ୍ଦର
ପଶି ଆସୁଥିଲା ମୋର ଘର ଭିତରକୁ
ସେହିଠାରେ ରହିବାକୁ କହିଲି ମୁଁ ତାକୁ ।

ପଚାରିଲି କିଏ ତୁମେ କଣ ପରିଚୟ ?
ହସି ହସି କହିଲା ସେ କରନାହିଁ ଭୟ
ମୁଁ ବୃଦ୍ଧତ୍ୱ ଆସିଅଛି ତୁମ ସାଥି ହେବି
ମୃତ୍ୟୁ ପର୍ଯ୍ୟନ୍ତ ତୁମର ସଂଗେ ମୁଁ ରହିବି ।

ବୃଥା ଚେଷ୍ଟା କରନାହିଁ ରୋକିବାକୁ ମୋତେ
ପାରିବନି ଅଟକାଇ ଚେଷ୍ଟା କଲେ ଯେତେ
ବୃଦ୍ଧ ଅବସ୍ଥାରେ ଥରେ ପାଦ ଦେଲା ପରେ
ସେ ପାଦକୁ କେହି କେବେ ଫେରେଇ କି
ପାରେ ?

କହିଲି ମୁଁ କେତେ ଅବା ବୟସ ଯେ ମୋର
ରହି ଯାଅ, କିଛି ଦିନ ଅପେକ୍ଷା ତ କର
ଆଜି ଯାଏ ଖାଲି ମଜା ମସ୍ତି ମୁହିଁ କରିଛି,
ଯେତେ ଦିନ ଜିଇଛି ମୁଁ ନିଜ ପାଇଁ ଜିଇଛି
ଏବେ ଜାଣ ମୁଣ୍ଡରେ ମୋ ଅକଲଟା ପଶିଛି
ଅନ୍ୟମାନଙ୍କ ପାଇଁ ମୁଁ ଜିଇବାକୁ ଚାହୁଁଚି ।

ହସି କହିଲା ସେ ବୃଦ୍ଧ-ଚିନ୍ତା କରନାହିଁ
ଯେତେ ଦିନ ବଞ୍ଚିବୁ ତୁଏଠି ଅନ୍ୟ ପାଇଁ
ବୟସ ବଢିବ ତୋର ଆସିବନି ବୃଦ୍ଧତ୍ୱ
ଯଦି ତୋ କଥାର ରଖି ପାରିବୁ ତୁ ମହତ୍ୱ ।

ତେଣୁ ମୋର ବନ୍ଧୁମାନେ !
ଚାଲ ଏହି ବୃଦ୍ଧତ୍ୱର ଫାଇଦା ଉଠାଇବା
ଅନ୍ୟ ମାନଙ୍କର ସୁଖ ପାଇଁ ଆମେ ଜିଇବା
ବୃଦ୍ଧକାଳେ ନିଜକୁ ଯୁବକ ବୋଲି ଭାବିବା ।


♥ ଦି ପର୍ଲ ରେସିଡେନ୍ସି, ଦୁର୍ଗାମାଧବ
ନଗର,
ଭୁବନେଶ୍ୱର,
ମୋ:୯୮୫୩୫୩୫୮୪୪


## ଦ୍ରୌପଦୀ
### ଅକ୍ଷୟ କୁମାର ରାଉତ



କୌରବ ପାଣ୍ଡବଙ୍କ ସନ୍ଧି ଭିତରେ
ଦ୍ରୌପଦୀ ଆଜି ଅସହାୟା
ସେଦିନ ଦୁର୍ଯ୍ୟଧନ
ପାଞ୍ଚାଳୀର ବସ୍ତ୍ର ହାରିଲା ବେଳେ
ଭୀମ ଅର୍ଜୁନ ରକ୍ତ ଚାଉଳ ଚୋବାଉ ଥିଲେ
ହେଲେ ଆଜି
କୌରବ,ପାଣ୍ଡବ ଏକତ୍ରିତ
ଚାଲିଛି ବସ୍ତ୍ର ହରଣର ପ୍ରତିଦ୍ୱନ୍ଦ୍ୱୀ
ନାହାଁନ୍ତି ଆଜି ଶଖା ଶ୍ରୀକୃଷ୍ଣ
ଆମେ ସବୁ ଧୃତରାଷ୍ଟ୍ର ଆଉ ସରକାର
ପିତାମହ
ଆମେ ସବୁ ଦେଖି ଅନ୍ଧର ଅଭିନୟ କରୁଛୁ
ସରକାର ସବୁ ଦେଖି ନୀରବ
ନା ନାରୀ ସେ ଦିନ ସୁରକ୍ଷିତ ଥିଲା
ନା ଆଜି ସୁରକ୍ଷିତ ।
ବାଳାତ୍କାରୀ ଙ୍କୁ ରାଜନୈତିକ ଶରଣ ପ୍ରାପ୍ତ
ଆମେ ନିଜ ଦଳର ବଳାତ୍କାରୀ କୁ ସଂରକ୍ଷଣ
ଦେଉ
ଅନ୍ୟ ଦଳର ବଳାତ୍କାରୀ ବିରୁଦ୍ଧରେ ମୋର୍ଚ୍ଚା
ଖୋଲୁ
ଏମିତି ଚାଲିଛି କାଦୁଅ ଫୋପଡ଼ା ରାଜନୀତି
ଦଳୀୟ ରାଜନୀତି ଭିତରେ ସମାଧି ନେଉଛି
ଶାସନ ଓ ପ୍ରଶାସନ
କେଉଁଠି ଅପରାଧୀଙ୍କୁ ଫୁଲମାଳ ପିନ୍ଧା
ଯାଉଛି
କେଉଁଠି ଲଡୁ ଖୁଆଇ ସ୍ୱାଗତ କରାଯାଉଛି
କେଉଁଠି ଅପରାଧୀ ଜେଲ ଠୁ ଅଧିକ ଦିନ
ପରୋଲ ରେ ଆସି ଅୟସ କରୁଛନ୍ତି
ନିଜ ଉପରେ ପଡିଲେ ଦରଜ ଲାଗେ
ଆକ୍ରୋଶରେ ଆମେ ଜାଗ୍ରତ ହେଉ
ସନ୍ଧ୍ୟାରେ ସହର ସାରା ଚାଲେ କ୍ୟାଣ୍ଡେଲ
ମାର୍ଚ୍ଚ ।
ରାଜନୀତିର ପଶା ପାଲି ଭିତରେ
ନାରୀଟିଏ
ବଳି ପଡ଼େ ଠିକ୍ କୌରବ ପାଣ୍ଡବଙ୍କ ପଶା
ଖେଳ ଭଳି ।
ସମସ୍ତେ ଦୁର୍ଯ୍ୟୋଧନ କୁ ଦୋଷୀ ସାବ୍ୟସ୍ତ
କରିବା ରେ ବ୍ୟସ୍ତ
ହେଲେ କେହି କେବେ ପ୍ରଶ୍ନ କରିଛି
ଯୁଧିଷ୍ଠିରଙ୍କୁ
କାହା ଅନୁମତିରେ ସେ ପାଞ୍ଚ ଭାଇଙ୍କ
ପତ୍ନୀକୁ
ଲଗାଇ ଥିଲା ଜୁଆ ଖେଳରେ !
ପତ୍ନୀ କଣ ବସ୍ତୁ ନା ଭୂମି
ସେଦିନ ଦ୍ରୌପଦୀ ବସ୍ତ୍ର ହରଣର ପାଇଁ
କୌରବ ଯେତିକି ଦୋଷୀ ପାଣ୍ଡବ ମଧ
ସେତିକି ଦାୟୀ
ଆଜି ତ ସର୍ବତ୍ର କୌରବ ମାନଙ୍କ ଆତଙ୍କ
ଈଶ୍ୱର ଆଜି ନିରୁଦ୍ଦିଷ୍ଟ
କିଏ ଦେବ ଦ୍ରୌପଦୀ ମାନଙ୍କୁ ସୁରକ୍ଷା !


♥ ବାଲକାଟି, ଆଳି,କେନ୍ଦ୍ରାପଡା


## ବାପା !
### ରଣଜିତ ପରିଡ଼ା



ବାପା !
ତୁମ ଅବଦାନ, ବଳିଦାନ
ମୋ ପାଇଁ ଆଜି
ମାଇଲ ଖୁମ୍ବ ତୁଲ୍ୟ......
ତୁମେ ସ୍ୱପ୍ନ ଦେଖ ମୋ ଭବିଷ୍ୟତ
ମୁଁ ଦେଖେ ମୋ ଲକ୍ଷ୍ୟ
ରାତ୍ରିର ନିଦ୍ରା ଜାଗ୍ରତ କରାଏ
ତୁମକୁ କାଲିର ପାଇଁ
ମୁଁ ଉଠେ, ବସେ, ଭାବେ
ସକାଳ କେତେବେଳେ ଯାଏ ହୋଇ
ମୋତେ ଜଣା ନାହିଁ ।
ସମୟାନ୍ତ କର୍ମ ଭିତରେ
ମୁହୂର୍ତ୍ତକ ପାଇଲେ ତୁମେ କେବେ
ବସ ନାହିଁ ଭ୍ରାମ୍ୟମାଣ ବସ୍ତୁ ଧରି
ହାତରେ ଥାଏ ଖଣ୍ଡିଏ ଜାଲ ବୁଣା ବାଡ଼ି
ନିର୍ମିତ ଜାଲ ବିକ୍ରି ହେଲେ
ଭାବ ମୋ ପୁଅ ନେବ କଉଡ଼ି ।
ଗ୍ରୀଷ୍ମ, ବରଷା, ଶୀତ ତୁମକୁ କିଛି
ପଡେନି ଫରକ
ନିଜ କରମେ ଲିପ୍ତ ରହି
ପଡ ନାହିଁ କେବେ ଥକି
ଏସବୁ ଛନ୍ଦ ମୋ ପାଇଁ ।
ମୁଁ ନ ମାଗିବା ପୂର୍ବରୁ ହିଁ
ତୁମେ ମୋତେ ଯାଚି ଦେଇଛ
ମୋ ଇପ୍ସିତ ବର ସବୁ
ତେବେ କୁହ ବାପା !
ତୁମେ କ'ଣ ମୋ ପାଇଁ
କୋଉ କମ୍ କି
ସେଇ ଚିରାଚରିତ ଈଶ୍ୱରଙ୍କଠୁ ॥


♥ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ,ବଲାଙ୍ଗିର
ମୋ:୯୩୪୮୮୭୮୫୬୫


## ହେ ରାମ ନାରାୟଣ, ପରାଣ ଈଶ୍ୱର !
### ପ୍ରଦୋଷ କୁମାର ଦାସ



ହେ ରାମ ନାରାୟଣ, ଆଦର୍ଶ ଠାକୁର ।
ମାନବ ଜନମକୁ ସାର୍ଥକ କର ।
ପ୍ରଭୂ ପ୍ରାଣନିଧି ସଚରାଚରର ।
ଅଥୟ ମନକୁ ଶାନ୍ତି ପ୍ରଦାନ କର ।
ରାମଲାଲା ତୁମେ, ଭକ୍ତ ଅଧୀଶ୍ୱର ।
ତୁମ ଅଧିଷ୍ଠାନେ, ତୁମେ ବିଜେ ଈଶ୍ୱର ।
ଭାବର ଜୁଆରେ ଉଲ୍ଲସିତ ସାରା ସଂସାର ।
ରାମ ନାମେ ହୁଏ ଜୟ ଜୟକାର ।
ଆଦର୍ଶ ନରେଶ, ଜୟ ଜୟ ରାମ ।
ତବ ପ୍ରେମବାରି ଧାରା
ପୁଲକିତ କରୁ ଏହି ଧରାଧାମ ।
ଭକତ ବାନ୍ଧବ, ସତ୍ୟ ଏକା ରାମ ନାମ ।
ଜୟ ଜୟ ରାମ, ଆମକୁ ନଦିଅ ବିରାମ ।
କରମେ ଭରମେ ଜାଗରିତ ହେଉ ରାମ ।
ସବୁରି ପ୍ରାଣରେ ଭରିଦିଅ ପ୍ରଭୁ,
ସତ୍ୟ ଶାନ୍ତି ପ୍ରେମ ।
ରାମ ନାମେ ରହୁ ମଥାନତ
ଧରମ କରମେ ହେଉ ପରହିତ ପ୍ରିତ ।
ପରାଣ ମିତହେ, କର ଜଗତ କଲ୍ୟାଣ
ସ୍ୱସ୍ଥାନୁ ବିଜେ ହୁଅ ପ୍ରଭୁ,
କର ପ୍ରତିଟି ହୃଦୟ ଭ୍ରମଣ ।


♥ ସ୍ତମ୍ଭକାର,ନାଚୁଣୀ,ଖୋର୍ଦ୍ଧା
ପିନ୍:-୭୫୨୦୩୪
ମୋ: ୬୩୭୦୪୯୫୯୪୪


## ଭୟ
### ତୃପ୍ତିରାଣୀ ପାତ୍ର



ଭୟ କାତର ମଧ୍ୟରେ ନାରୀ ବିଚରଣ
କାଳ ରାତ୍ରିକୁ ମନରେ ବଡ଼ ଭୟ
ଏଇ ସତମିଛ ସଂସାରେ
ନାରୀ ଆଉ ପୁରୁଷ ମୁଦ୍ରାର ଦୁଇ ପାର୍ଶ୍ୱ
ଦୁହେଁ ଦୁହିଁଙ୍କର ଏକାନ୍ତ ମଧୁର ସଂଯୋଗ
ପ୍ରୀତି ପ୍ରଣୟର ସାଥୀ ସହଚର
ତଥାପି କାହିଁକି ଏକାକୀ ନାରୀଟିଏ
ନରକୁ ରାତିରେ କରୁଛି ଭୟ ।

ହଁ ଯଦି ସେ ଥାଏ ଏକାକୀ ତେବେ
ଏ ନର ପିଶାଚର ହୃଦୟେ ଲୁକ୍କାୟିତ ଥାଏ
କେବଳ କାମନା ବାସନାର ଲୟ
ତା'ର ପୁରୁଷପଣିଆ ତାକୁ କରୁଥାଏ ଅଥୟ
ମନ ଭିତରେ କ'ଣ କେବଳ ଭରି ରହିଥାଏ
ପୁରୁଷାର୍ଥ ନିରନ୍ତର ।
ଆଖିକୁ ଆଖି ମିଶାଇବା ପାଇଁ ଲାଗେ
ଭାରି ଭୟ
କାରଣ ମନରେ ଉଙ୍କିମାରେ
ସେହି ଦୁର୍ବଳା ଅଭୟା ନିର୍ଭୟା
ଆଉ ମୋମିତା ଡାକ୍ତରାଣୀର ବିଷୟ
ପ୍ରଶ୍ନ ଉଠେ ମନରେ ବାରମ୍ବାର
ଏହିପରି କ'ଣ ପ୍ରତି ପୁରୁଷ ଜାତିର ହୃଦୟ ।
କେଜାଣି ଭଲ ଦିଶୁଥିବା ଭଲକଥାକହୁଥିବା
ସାହାଯ୍ୟ କରୁଥିବା ସୁନ୍ଦର ନର
କେଜାଣି କେତେବେଳେ ଯଦି ନିଜ ରୂପ
ବଦଳାଇ ଦିଏ ନିମିଷକ ମଧ୍ୟରେ
ତେବେ ନାରୀର କିଏ ହେବ ସହାୟ
ଜାଣି ହୁଏନା କାହାର ମନ ଭିତର
ତେବେ ଏଠି ଭୁଲ୍ କାହାର ?

ଏତ ବିଡ଼ମ୍ବନା ଆମ ସମସ୍ତଙ୍କର
ଚିନ୍ତା ଚେତନାକୁ ଯଦି କରିବା ଜାଗ୍ରତ
ତେବେ ନାରୀ ସବୁଠାରେ ସୁରକ୍ଷିତ
ଆଉ କାଳରାତ୍ରିକୁ ନଥିବ ନାରୀର ଭୟ
ନା ସ୍ଥାନକାଳ ପାତ୍ରର ନଥିବ ବିଚାର ।
ସେହି ଭୟ ଶିକାରରେ
ଆମ ଝିଅ ବୋହୂ ପଡ଼ିବେନି ତ କାହାର
ନାରୀଟିଏ ବିନା ଯେ ସୃଷ୍ଟି ଅସମ୍ଭବ
ନାରୀ ଜନନୀ ଭଗିନୀ ଲଳନା ରୂପରେ
ନର ପାଶେ ପାଶେ ଥାଏ ବିଦ୍ୟମାନ
ଏ କଥା କି ସେ ବୁଝି ପାରୁନାହିଁ ନର
ଯଦ୍ୟପି ମଦ୍ୟପି ଦୁଷ୍କର୍ମୀ ନର
କରୁଥାଏ ଏହି ଭୁଲ୍ ବାରମ୍ବାର
ଧନ୍ୟ ଧନ୍ୟ ସେହି ନର
ହାୟ ହାୟରେ ସଂସାର
ନର ତତେ ଶତ ଶତ ଜୁହାର
କେବେ ବୁଝି ବୁଝାଇବୁ କାହା ଆଗର
ନାରୀ ବିନା ନର ଅଟେ ଅସାର
ଆଉ ହୃଦୟେ ରଖିଲେ ଈଶ୍ୱର ଭୟ
ନରହିବ କାମନା ବାସନାର ମୋହ
ଏକଥା ବୁଝି ବିଚାରି ସୁଧୁରି ଯାଅ
ତୁମେ ଅତି ଶୀଘ୍ର ହେ ନର
ଏତିକି ନିବେଦନ ମୋ ଛୋଟ
କବୀ ହୃଦୟର ।


♥ ସହଦେବଖୁଣ୍ଟା, ବାଲେଶ୍ୱର


## ଅଜ୍ଞାତ ତିଥିର ଜହ୍ନ
### ସୁଭଦ୍ରା ବେହେରା



ଏହି କ୍ଳାନ୍ତ ନୀଳ ଆକାଶଟା ଚରମ ଶୂନ୍ୟ
ଅପନ୍ତରା ପଥେ
ଦୂର ଅନ୍ଧାର ଆଢ଼େଇ ଧାଉଁଛି କାଠଯୋଡ଼ି
ରିଂ ବନ୍ଧ ଡେଇଁ,
ପ୍ରତିଥର ସୂର୍ଯ୍ୟାସ୍ତ ପରେ ପରେ କେଉଁ
ଅଜ୍ଞାତ ତିଥିରେ ଲୁଚି ବସେ ମହାନଦୀ ପଠା
ପରେ
ଜୀର୍ଣ୍ଣ ଜରାଭୂଇଁ ରେ ଲୋଟି ପଡୁଥିବା
ପଞ୍ଜରା ଦେଖେଇ......
ତାରାମାଳ ବିଛାଡି ରାତି ଚେଇଁ ଉଠୁଥିବ
ଅନାହତ ପଥପ୍ରାନ୍ତ କଷ୍ଟ ଲଂଘି,
ଶାଳବଣ ଶୋଉଥିବ ମୂର୍ଚ୍ଛାହତ ହୋଇ ଜହ୍ନ
କିରଣ ଆବୋରି,

କେଉଁ ଦୂର ମର୍ମରିତ ଦିଗନ୍ତର ଦେହ
ଆଢ଼େଇ
ମର୍ମାହତ ସୁଅ ହୋଇ ଭାସେ ବିବର୍ଣ୍ଣ
ବେଳାରେ ସମୟର ସ୍ଥିରିକୃତ ମୂହୁର୍ତ୍ତ ,
ଦୁର୍ଗମ ପଥେ ନିଃଶବ୍ଦେ ବହେ କ୍ଷୟ
ଜୀବନର ଓଁକାର ଧ୍ୱନି,
ମନ ଚେତନାର ନିସ୍ତେଜ ପରିଧି ଘାରେଇ
ଭେଟେ ପରସ୍ତ ପରସ୍ତ ଅବଶୋଷ ଢେଉକୁ

ଏବେ ଏବେ ପୃଥିବୀର ସୀମନ୍ତ
ଭଗ୍ନ ଦେବୀ ମୁଖଶାଳାରେ ଭର୍ତ୍ତି
ଏ ନଷ୍ଟ ଦେହର ଆତ୍ମା ଜୀବନ୍ୟାସ ପାଇ
ନିସ୍ତେଜ କୁଆଁ ତାରା, ବଉଦ ଆଢ଼େଇ ଜହ୍ନ
ପାଖ ଧାଉଁଛି,
ତାର ନିର୍ବାକ ନିଃସଙ୍ଗ ବିଳାପର ବେଦନା
ଖରିବଣ ମାଟିର ଆଦ୍ରତା ଭେଦିଛି,

ଏବେ ଏବେ ମୋର ମାଟି ଦେହ କାଦୁଅରେ
ଲଟେଇ ମାପୁଛି ଆୟୁଷର ମୋହ
ନିଭୁଥିବା ଜହ୍ନକୁ ଆସ୍ତେ ଆଖି ଠାରି,
ଏ ମନ ବିରହରେ ସ୍ତୁପ ତୋଳି ବାଲିଚରେ
ଗୁମୁରି କହୁଛି !
ତୁମେ ଦେଇଛ କଥା ଫେରିବ ବାରେ
ଏ ସହରର ପଥ ଅତିକ୍ରମେ,
ଗଡାଣି ବୟସରେ ଗଙ୍ଗ ଶିଉଳିର ବାସ
ନେଇ,
ରାତି ପଡୁଥିବ ଝରି ଏ ସହରର
ଗଳିସନ୍ଧିଦେଇ
ମୁଁ ତୁମକୁ ଭେଟୁଥିବି କାଠଯୋଡି ପଠାପରେ
ଅବା ମହାନଦୀ ତଟ ବାଲିଚରେ ଗଡିଗଡି
ଯାଇଁ

ହୁଏତ ଏ ପରିତ୍ୟକ୍ତ କାମନାର କିଆରୀରେ
ଧାନକେଣ୍ଡା ଗଜୁରିବାର ନାହିଁ,
ଅମାରାତି ବାହୁଡେ କାକର ଝଡେଇ ଆମ୍ବ
ଫୁଲ ମହକରେ କାତ ଆହୁଲେଇ,
କେବେ ପୈଉଷର କୁହୁଡି ଆଢ଼େଇ
ପୁଞ୍ଜିଭୂତ କାମନା ସ୍ମୃତିର ବେଦନାକୁ ନିଏ
ଆଉଜେଇ,
ଏ ଦେହରୁ ପତ୍ରଝଡା ଋତୁପରି ହାଡ଼
ଝଡେଇ ମାଂସ ଝଡେଇ
ଆଉ ଆଉ ରକ୍ତ ସୁଅ ହୋଇ ବହି ବହି
ଗୋବରୀରେ ମିଶୁଥିବ ଯାଇଁ ,
ନିଛାଟିଆ ଖରିବଣ ଶୁଆଉଥିବ ମୋତେ
ପିଠି ଥାପୁଡ଼େଇ ।। ♥

# ବ୍ଲକ୍‌ସ୍ତରୀୟ ଲକ୍ଷପତି ଦିଦି ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ



ନୀଳଗିରି ,୨୬/୦୮ (ନି.ପ୍ର): ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆଭାସି ମାଧ୍ୟମରେ ଉଦ୍ଘାଟିତ ଲକ୍ଷପତି ଦିଦି କାର୍ଯ୍ୟକ୍ରମ ଅବସରରେ ଆଜି ନୀଳଗିରି ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ଶହେରୁ ଉର୍ଦ୍ଧ୍ୱ ଲକ୍ଷପତି ଦିଦିଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ନୀଳଗିରି ବ୍ଲକ୍ ସମ୍ମିଳନୀ କକ୍ଷରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ନୀଳଗିରି ବିଡିଓ ଦାୟିତ୍ୱରେ ଥିବା ଆଇଏଏସ ଅଧିକାରୀ ଦୁଧାଲ ଅଭିଷେକ ଦିଲ୍ଲୀପ ସଭାପତିତ୍ୱ କରିଥିବା ବେଳେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ମୁଖ୍ୟଅତିଥି ଭାବରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଏଭଳି ଦୂରଦୃଷ୍ଟି ସମ୍ପନ୍ନ କାର୍ଯ୍ୟକ୍ରମ ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ସହିତ ସ୍ୱରୋଜଗାର କରି ପରିବାର ପୋଷଣ କରିବା ସହିତ ଦେଶରେ ମହିଳା ପ୍ରଗତିରରେ ପ୍ରମୁଖ ଭୂମିକା ଗ୍ରହଣ କରିବାରେ ସହାୟକ ହେବ ବୋଲି ଉପସ୍ଥିତ ମାଆ, ଭଉଣୀ ମାନଙ୍କୁ ଉଦବୋଧନ ଦେଇଥିଲେ। ତେବେ ଉକ୍ତ ଲକ୍ଷପତି ଦିଦି ଯୋଜନାର ଚୟନ ପ୍ରକ୍ରିୟା ନେଇ ଉପସ୍ଥିତ ମହିଳା ମାନଙ୍କ ମଧ୍ୟରେ ସନ୍ଦେହ ଉପୁଜିଥିବା ବେଳେ ଏମ. ବି. କେ ଓ ସି. ଆର. ପି ମାନଙ୍କର ଭୂମିକାକୁ ନଜର ଅନ୍ଦାଜ୍ କରାଯାଇ ନପାରେ। ତେବେ ଲକ୍ଷପତି ଦିଦି ଯୋଜନାରେ ସାମିଲ ହୋଇନଥିବା ମହିଳାଙ୍କୁ ଆଗାମୀ ଦିନରେ ପର୍ଯ୍ୟାୟ କ୍ରମେ ସାମିଲ କରାଯିବ ବୋଲି ନୀଳଗିରି ବ୍ଲକ ଓଡ଼ିଶା ଜୀବିକା ମିଶନ ଅଧିକାରୀ ଅର୍ଜୁନ ପାଲ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ଉପାଧ୍ୟକ୍ଷ ଜ୍ୟୋତିର୍ମୟ ପୁଥାଳ,ବିଏଲ୍ ସି ରତ୍ନକାନ୍ତି ପରିଡା, ଗୋଷ୍ଠୀ ପ୍ରକଳ୍ପ ସଂଯୋଜିକା ବିଭବରୀ ରାଉତ ମଞ୍ଚାସିନ ଥିବା ବେଳେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀର ଶତାଧିକ ମହିଳା ଉପସ୍ଥିତ ଥିଲେ।

# ସୁଗୋ ପଂଚାୟତର ୫ଟି ବସୁଧା ପ୍ରକଳ୍ପ ଅଧପନ୍ତରିଆ: ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ



ଜଳେଶ୍ୱର ,୨୬/୦୮ (ନି.ପ୍ର): ସୁଗୋ ପଂଚାୟତରେ ଥିବା ୫ଟି ବସୁଧା ପ୍ରକଳ୍ପର କାର୍ଯ୍ୟ ଦୀର୍ଘ ୩ବର୍ଷ ମଧ୍ୟରେ ଶେଷ ହୋଇନଥିବାରୁ ପଂଚାୟତରେ ଅସନ୍ତୋଷ ଦେଖାଦେଇଛି । ଏ ସଂପର୍କରେ ବିଶଦଭାବେ ବର୍ଣ୍ଣନା କରି ପଂଚାୟତର ସମିତି ସଦସ୍ୟ ଅନିତା ମହାନ୍ତି ଜିଲାପାଳଙ୍କୁ ଲିଖିତଭାବେ ଦର୍ଶାଇଛନ୍ତି । ପ୍ରକାଶଯୋଗ୍ୟ ସୁଗୋ ପଂଚାୟତର ବାଣିଗା ଗାଁରେ ୨ଟି, କାଶିଡିହାରେ ଗାଁ ୧ଟି, ଭୁରୁକୁଣ୍ଡା ଗାଁରେ ୧ଟି ବସୁଧା ଯୋଜନାରେ କାର୍ଯ୍ୟ ୩ବର୍ଷତଳୁ ଆରମ୍ଭ ହୋଇଥିଲେ ମଧ୍ୟ ଶେଷ ହେଉନାହିଁ। କେଉଁଠି ପାଇପବିଛା ହୋଇନାହିଁତ କେଉଁଠି ଟାଙ୍କି ନିର୍ମାଣ କାର୍ଯ୍ୟ ଶେଷ ହୋଇନାହିଁ । କେଉଁଠି ପାଣିପମ୍ପ ହାଉସ୍ କାର୍ଯ୍ୟ ଶେଷ ହୋଇନଥିବା ଦେଖିବାକୁ ମିଳିଛି। ଏ ସଂପର୍କରେ ଅତିଶୀଘ୍ର କାର୍ଯ୍ୟ ଶେଷ କରି ଜନସାଧାରଣଙ୍କୁ ପିଇବାପାଇ ଯୋଗାଇଦେବାର ବ୍ୟବସ୍ଥା ହେବା ସଂପର୍କରେଯ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଅନ୍ୟପକ୍ଷରେ ଗତ କିଛିଦିନ ତଳେ ଜଳେଶ୍ୱର ପଂଚାୟତ ସମିତି ବୈଠକରେ ବସୁଧା ଯୋଜନାରେ ବିଭିନ୍ନ ପଂଚାୟତରେ କାର୍ଯ୍ୟ ଶେଷ ହୋଇନଥିବା ସଂପର୍କରେ ହଟଗୋଳ ହୋଇଥିଲା । ସରପଂଚ ଓ ସଦସ୍ୟମାନେ ଏଥିନେଇ ବିଭିନ୍ନ ପ୍ରଶ୍ନ ବିଧାୟକ, ସାଂସଦ ପଅତିନିଧି, ପଂଚାୟତ ସମିତି ଅଧ୍ୟକ୍ଷ ଓ ବିଡିଓଙ୍କୁ ଜଣାଇ ସେମାନଙ୍କ ମତାମତ ଚାହିଁଥିଲେ। ଏପରି ଏକ ସମବେଦନଶୀଳ ଘଟଣାରେ ପ୍ରଶାସନ ଅଧିକ ଧ୍ୟାନ ଦେବାକୁ ଦାବି ହୋଇଛି ।

# ପୂର୍ତ୍ତ ବିଭା ଡାକବଙ୍ଗଳାରେ ସୂଚନା ଅଧିକାର କର୍ମୀଙ୍କ ଖବର ଦାତା ସମ୍ମିଳନୀ ଅନୁଷ୍ଠିତ

## ବାଲିଆପାଳ ସୂଚନା ଅଧିକାର କର୍ମୀଙ୍କୁ ମାଡ଼ର ଧମକ, ଥାନାରେ ଲିଖିତ ଅଭିଯୋଗ




ଲଙ୍ଗଳେଶ୍ୱର,୨୫/୮ (ନିପ୍ର) ବାଲେଶ୍ୱର ଜିଲ୍ଲା ବାଲିଆପାଳ ଶାଖା ସୂଚନା ଅଧିକାର ଆଇନ ଅଭିଯାନର ସଦସ୍ୟ ମାନଙ୍କୁ ସ୍ଥାନୀୟ ଏକ ବ୍ୟବସାୟୀ ବିଜୟ ବିଶ୍ୱାଳ ଏଲ୍ ୱାଇ ୬୯୪/୨୦୨୩ ନମ୍ବର କେସକୁ କୋର୍ଟ ରୁ ପ୍ରତ୍ୟାହାର ନକଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିବା କଥା ରବିବାର ବାଲିଆପାଳ ପୂର୍ତ୍ତ ବିଭାଗ ଡ଼ାକବଙ୍ଗଳାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିବା ସହିତ ଶ୍ରୀ ବିଶ୍ୱାଳ ଙ୍କ ବିରୋଧରେ ଥାନାରେ ସଂଘ ପଖରୁ ଏକ ଲିଖିତ ଅଭିଯୋଗ କରଯାଇଛି। ସରକାରଂକ ମଞ୍ଜୁରୀ ଅର୍ଥରେ ବାଲିଆପାଳ ଅଞ୍ଚଳର ଚାଷୀଙ୍କ ପାଇଁ କୋଲ୍ଡଷ୍ଟୋର ଓ ଏକ ରାଇସ ମିଲ ନିର୍ମାଣ ପାଇଁ ଶ୍ରୀ ବିଶ୍ୱାଳ ଇଡକୋ ଠାରୁ ଜମି ଲିଜ ନେଇ କୋଲ୍ଡଷ୍ଟୋର କିମ୍ବା ଏକ ରାଇସ ମିଲ ନିର୍ମାଣ ନ କରି ଝୁଟ ଗୋଦାମ ଓ ବାଦାମ ଖୋଲି ଗୋଦାମ କରି ନିଜର ବ୍ୟବସାୟ ଚଳାଇ ଥିବା ବେଳେ ଚାଷୀ କୋଲ୍ଡଷ୍ଟୋର ସୁବିଧା ନାପାଇ ମାଛ ଶାଗ ଦରରେ ପରିବା ବିକ୍ରି କରିବକୁ ବାଧ ହେଉଛନ୍ତି। ଯାହାକି ଚାଷୀ ଲାଭବାନ ପରିବର୍ତ୍ତେ କ୍ଷତି ସହୁଛନ୍ତି। ଏହା ଛଡା ଶ୍ରୀ ବିଶ୍ୱାଳ କୋଲ୍ଡଷ୍ଟୋର ଓ ରାଇସ ମିଲ ନକରି ମଧ ସବସିଡ ଟଙ୍କା ଉଠାଇ ନେଇଛନ୍ତି ବୋଲି ସଂଘ ର ଆବାହକ ଅନୁଜ କୁମାର ମହାପାତ୍ର ସିଧା ସିଧା କହିଛନ୍ତି। ଆହୁରି ମଧ କହୁଛନ୍ତି ଏହାର ସତ୍ୟା ସତ୍ୟ ନବହାରିବା ଯାଏ ଏ ଅଭିଯାନ କରି ରହବ। କୁଶ ଧ୍ୱଜ ଜେନା, ଅକ୍ଷୟ ଦାସ, ଶରତ ପାତ୍ର, ଏସ କେ ମୁନା, ଦେବେନ୍ଦ୍ର ଦାସ, ପ୍ରହଲ୍ଲାଦ ଘଡାଇ, କାହ୍ନୁଚରଣ ପାତ୍ର, ବିପିନ ଦାସ, ସୁବୁଧ ପାତ୍ର, ଗୋପୀନାଥ ଗଙ୍ଗାଇ, ଅରୁଣ ମଣ୍ଡଳ ପ୍ରମଖ ଯୋଗା ଦେଇ ଏ ବାବଦ ରେ ସଂଘ ପକ୍ଷରୁ କୋର୍ଟକୁ କେସ ନମ୍ବର ଏଲ୍ ୱାଇ ୬୯୪/ ୨୦୨୩ ରେ ନିବେଦନ କରଯାଇଛି ବୋଲି କହିବା ସହିତ ବାଲିଆପାଳ ଥାନାକୁ ଯାଇ ଲିଖିତ ଅଭିଯୋଗ କରିଛନ୍ତି। ତେବ ବ୍ୟବସାୟୀ ଶ୍ରୀ ବିଶ୍ୱାଳ କାହାକୁ ସେ ଧମକ ଦେଇ ନାହାନ୍ତି ବୋଲି କହୁଥିବା ସହିତ ସୁବର୍ଣ୍ଣ ରେଖା ବନ୍ଦର ରାସ୍ତା ନିର୍ମାଣ ପାଇଁ କୋଲ୍ଡଷ୍ଟୋର ଓ ରାଇସ ମିଲ କାର୍ଯ୍ୟ ଆଗେଇ ପାରୁନି। ଯାହାକି ଉକ୍ତ ପ୍ଲଟ ଦେଇ ବନ୍ଦର କୁ ରାସ୍ତା ଯାଇଛି।

# ଜିଲ୍ଲାସ୍ତରୀୟ ଡିଜିଟାଲ ଫସଲ ସର୍ବେକ୍ଷଣ ଶୁଭାରମ୍ଭ କର୍ମଶାଳା

ଭଦ୍ରକ,୨୬/୦୮ (ନି.ପ୍ର): କେନ୍ଦ୍ର ଓ ରଜ୍ୟ ସରକାରଙ୍କ ମିଳିତ ଆନୁକୂଲ୍ୟରେ ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ କାର୍ଯ୍ୟକାରୀ ହେବାକୁ ଯାଉଥିବା ଡିଜିଟାଲ ଫସଲ ସର୍ବେକ୍ଷଣ କାର୍ଯ୍ୟକ୍ରମର ଭଦ୍ରକ ଜିଲ୍ଲାସ୍ତରୀୟ ଶୁଭାରମ୍ଭ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟକ ଭାବେ ରାଜ୍ୟ ସରକାରଙ୍କ କ୍ରୀଡ଼ା, ଯୁବ ସେବା, ଉଚ୍ଚ ଶିକ୍ଷା ,ଓଡ଼ିଶା ଭାଷା ପ୍ରତିଷ୍ଠାନ, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଭାସି ଜରିଆରେ ଏହାକୁ ଉଦ୍‌ଘାଟନ କରିଥିଲେ । ଜିଲ୍ଲା ସଂସ୍କୃତି ଭବନରେ ଅନୁଷ୍ଠିତ ଏହି ଜିଲ୍ଲାସ୍ତରୀୟ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଅନ୍ୟତମ ସମ୍ମାନିତ ଅତିଥିଭାବେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ କୁମାର ଜେନା, କାର୍ଯ୍ୟକ୍ରମର ନୋଡାଲ୍ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଗଣେଶ୍ୱର ମାଝୀ ପ୍ରମୁଖ ଯୋଗ ଦେଇଥିଲେ । ଚାଷୀଙ୍କ ହିତରେ ସ୍ଥାନୀୟ ସର୍ବେକ୍ଷଣକାରୀ ମାନଙ୍କ ଦ୍ୱାରା ମୋବାଇଲ୍ ଆପ୍ ଜରିଆରେ ଫସଲର କ୍ଷେତ୍ର ସ୍ତରୀୟ ପ୍ରକୃତ ଓ ସଠିକ୍ ତଥ୍ୟ ସଂଗ୍ରହ କରାଯିବା ନେଇ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ, କାର୍ଯ୍ୟାନ୍ୱୟନ ପ୍ରଣାଳୀ, ସଠିକ ଉପଯୋଗ ପାଇଁ କୃଷକ, ସର୍ବେକ୍ଷଣକାରୀ, ସଂପୃକ୍ତ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନଙ୍କ ସହଯୋଗର ଆବଶ୍ୟକତା ସମ୍ବନ୍ଧରେ ଅତିଥିମାନେ ଆଲୋକପାତ କରିଥିଲେ । ସୂଚନାଯୋଗ୍ୟକି ଗତବର୍ଷ ପରୀକ୍ଷାମୂଳକ ଭାବେ ଓଡ଼ିଶାର ନୟାଗଡ଼, ଭଦ୍ରକ, ଦେବଗଡ଼ ଓ ନୂଆପଡ଼ା ଏହି ୪ଟି ଜିଲ୍ଲାରେ ପ୍ରଥମଥର ପାଇଁ ଆରମ୍ଭ କରାଯାଇଥିବା ଏହି ଯୋଜନାର କାର୍ଯ୍ୟକାରୀତାରେ ଭଦ୍ରକ ଜିଲ୍ଲା ୧ମ ସ୍ଥାନ ନେଇଥିଲା । ଚଳିତ ବର୍ଷ ମଧ ଏହି ସ୍ଥାନ ବଜାୟ ରଖିବାକୁ ଆହ୍ୱାନ ଦିଆଯାଇଥିଲା । ଚଳିତ ବର୍ଷ ପାଇଁ ୧୬ ଅଗଷ୍ଟରୁ ୩୦ ସେପ୍ଟେମ୍ବର ପର୍ଯ୍ୟନ୍ତ ଏହି ସେର୍ବକ୍ଷଣ କାର୍ଯ୍ୟ ଚାଲୁ ରହିବା ନେଇ କାର୍ଯ୍ୟସୂଚୀ ନିର୍ଦ୍ଧାରଣ କରାଯାଇଥିଲେ ବି ବିଭିନ୍ନ ଜିଲ୍ଲାରେ ବିଭିନ୍ନ ସମୟରେ ଆରମ୍ଭ କରାଯାଇଛି । ଭଦ୍ରକ ଜିଲ୍ଲାରେ ନିଅଣ୍ଟିଆ ବର୍ଷା ପାଇଁ ଚାଷ କାର୍ଯ୍ୟ ବିଳମ୍ବରେ ଆରମ୍ଭ ହୋଇଥିବାରୁ ଅଗଷ୍ଟ ୨୫ରେ ଏହାର ଶୁଭାରମ୍ଭ କରାଯାଇ ଅଗଷ୍ଟ ୨୮ ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ସର୍ବେକ୍ଷଣ କରାଯିବା ନେଇ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ସୂଚନା ପ୍ରଦାନ କରାଯାଇଛି । ଡ଼ିଜିଟାଲ ଫସଲ ସର୍ବେକ୍ଷଣ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଜିଲ୍ଲାରେ ସର୍ବମୋଟ ୧୩,୨୬,୨୭୭ କୃଷି ଭିତ୍ତିକ ଓ ଅଣକୃଷି ଭିତ୍ତିକ ପ୍ଲଟରେ ସର୍ବେକ୍ଷଣ କରାଯିବ ଓ ଏଥିପାଇଁ ଅଦ୍ୟାବଧି ୯୦୬ଜଣ ସର୍ବେକ୍ଷଣକାରୀଙ୍କୁ ଚୟନ କରାଯାଇ ୱେବ୍ ପୋର୍ଟାଲରେ ପଞ୍ଜିକୃତ କରାଯାଇଛି । ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଚଳିତ ଖରିଫ-୨୦୨୪ରେ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ଆରମ୍ଭ କରିବାକୁ ଯାଉଥିବା ଏହି କାର୍ଯକ୍ରମରେ ପ୍ରତିଟି ଚାଷ ଜମି ଯାହା ପ୍ରମାଣିତ ସତ୍ୟ ଭିତ୍ତିକ, ସେହି ପ୍ଲଟ୍‌ର ପରିସୀମା ମଧ୍ୟରେ ଥିବା ଶସ୍ୟ ସଂପର୍କିତ ସୂଚନା ପଞ୍ଜିକା ପ୍ରସ୍ତୁତ ହେବାକୁ ଯାଉଛି । ଯାହାକି ସତ୍ୟତଥ୍ୟ ଆଧାର ଭାବରେ କୃଷି ଓ କୃଷକ ସଶକ୍ତି କରଣ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ସମୟବାୟ , ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଅର୍ଥ ପରିସଂଖ୍ୟନ, ବ୍ୟାଙ୍କ, ବୀମା କମ୍ପାନୀ ଆଦି ବିଭାଗ ଦ୍ୱାରା ବ୍ୟବହୃତ ହୋଇପାରିବ । ଆଗାମୀ ବର୍ଷମାନଙ୍କରେ ଏହା ସମୟାନୁମୋଦିତ ଫସଲ କ୍ଷେତ୍ର ଆକଳନ, ଋଣ ପ୍ରଦାନରେ ସରଳୀକରଣ, ଫସଲ ବୀମା, ଫସଲ ବିବିଧକରଣ, ବିପଣନ କେନ୍ଦ୍ର ସ୍ଥାପନ, କୃଷି ଯୋଜନାରେ ତଦାରଖ ତଥା କୃଷି ଆବଶ୍ୟକତା ଅନୁଯାୟୀ ବ୍ୟକ୍ତିଗତ ପରାମର୍ଶ ପ୍ରଦାନ ଆଦି କ୍ଷେତ୍ରରେ ଏହା ବିଶେଷ ଭାବେ ଉପଯୋଗୀ ହେବ । ଏହି ସର୍ବେକ୍ଷଣ ଚାଷୀମାନଙ୍କ ହିତରେ ଥିବାରୁ ସେମାନେ ସଠିକ୍ ତଥ୍ୟ ଦେଇ ଏଥିରେ ସହଯୋଗ କରିବାକୁ ସମସ୍ତ ଅତିଥି ଅନୁରୋଧ କରିଥିଲେ । କୃଷକ, ଜନପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି, ଜିଲ୍ଲାସ୍ତରୀୟ ସଂପୃକ୍ତ ବିଭାଗୀୟ ଅଧିକାରୀ ଆଦି ଏହି କର୍ମଶାଳାରେ ଉପସ୍ଥିତ ଥିଲେ ।

# ଜଳେଶ୍ୱରରେ ଗଡିଲା କୌଶଳ ରଥ : ୪ ବିଦ୍ୟାଳୟର ଛାତ୍ରଛାତ୍ରୀ ଶିଖିଲେ ଦକ୍ଷତା ବିକାଶର ତଥ୍ୟ

ଜଳେଶ୍ୱର ,୨୬/୦୮ (ନି.ପ୍ର): ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦକ୍ଷତା ବିକାଶ ଲାଗି ବିଭିନ୍ନ ବୈଜ୍ଞାନୀକ କୌଶଳ ଜଣାଇବା ଲାଗି ପ୍ରୟାସ ଆରମ୍ଭ ହୋଇଛି। ଆଜି ପୂର୍ବାହ୍ନରେ ବାଲେଶ୍ୱରରୁ କୌଶଳ ରଥ ଜଳେଶ୍ୱର ଜିକେ ଭଟ୍ଟର ଡାକ୍ତରଖାନା ସମ୍ମୁଖରେ ପହଞ୍ଚିବାପରେ ଜଳେଶ୍ୱର ହାଇସ୍କୁଲର ଛାତ୍ରଛାତ୍ରୀମାନେ ଏକ ବିରାଟ ପଟୁଆରରେ ବିଦ୍ୟାଳୟକୁ ନେଇଥିଲେ । ସ୍କୁଲର ସ୍କାଉଟ, ଏନ୍‌ସିସି, ବିଆର୍‌ସିସି ଛାତ୍ରଛାତ୍ରୀମାନଙ୍କ ସହିତ ଅନ୍ୟମାନେ ହଳଦିଆ, ନାଲି, ସବୁଜ, ନୀଳ ରଂଗର ସ୍କୁଲ ଡ୍ରେସ ପରିଧାନ କରି ଏହି ଶୋଭାଯାତ୍ରାରେ ଯାଇଥିଲେ । ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମକୁ ବ୍ଲକ ଅଧ୍ୟକ୍ଷ ମାନସ ଜେନା ଉଦ୍‌ଘାଟନ କରିଥିଲେ । ତାଙ୍କ ସହିତ ଦକ୍ଷତା ବିକାଶ ପକ୍ଷରୁ ଆଶିଷ କୁମାର ବସନ୍ତିଆ, ମୁଖ୍ୟମନ୍ତ୍ରୀଙ୍କ ଫେଲୋ ସୁଇପ୍ ନିଲ, ଆରତୀ ପଟେଲ, ରଶ୍ମିରଂଜନ ମହାନ୍ତି ଙ୍କ ସହିତ ଜଳେଶ୍‌ବର ଗୋଷ୍ଠିଶିକ୍ଷାଧିକାରୀ ଜଗବଂଧୁ ଜେନା, ପୌରାଧ୍ୟକ୍ଷ ପ୍ରତୀପ ପ୍ରଧାନ, ହାଇସ୍କୁଲର ପ୍ରଧାନ ଶିକ୍ଷକ କୁଂଜବିହାରୀ ପ୍ରଧାନ, ଏବିଇଓ ସୁଶାନ୍ତ ଜେନା ଓ ଜ୍ୟୋସ୍ନାରାଣୀ ପ୍ରଧାନ, ଡ. ଅଜିତ୍ ମହାନ୍ତି ପ୍ରମୁଖ ଯୋଗ ଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ କୌଶଳ ରଥ ସଂପର୍କରେ କହିଥିଲେ । ପରେ ଛାତ୍ରଛାତ୍ରୀମାନେ ଶୃଙ୍ଖଳିତଭାବେ ବସ୍ ଭିତରକୁ ଯାଇ ୬୦କି.ଗ୍ରା. ଓଜନର ପଦାର୍ଥକୁ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ନେବା ଡ୍ରନ୍, ଚାଳକ ବିହିନ ବ୍ୟାଟାରୀ ଗାଡି ଚାଳନା, ଥ୍ରୀଡି ପ୍ରିଣ୍ଟର, ସେଣ୍ଟାର ସିଷ୍ଟମ, ଟ୍ରାଫିକ୍ ନିୟନ୍ତ୍ରଣ, ପାଇଲଟ ବିହିନ ମହାକାଶ ଯାତ୍ରା ଇତ୍ୟାଦି ସଂପର୍କରେ ଛାତ୍ରଛାତ୍ରୀଙ୍କୁ ବସ୍‌ରେ ଥିବା ଦକ୍ଷ ପ୍ରଶିକ୍ଷକମାନେ ବୁଝାଇଥିଲେ । ଦିନ ତମାମ ଜଳେଶ୍ୱର ବ୍ଲକର ଜଳେଶ୍ୱର ହାଇସ୍କୁଲ, କବାଟଘାଟି ଆଶ୍ରମ ସ୍କୁଲ, ଖୁଆଡସ୍ଥିତ କସ୍ତୁରବା ବାଳିକା ବିଦ୍ୟାଳୟ, ଜଳେଶ୍ୱର ସହରର ଗାନ୍ଧୀସେବାଶ୍ରମ ଓ ଦିଗମ୍ବରୀଦେବୀ ଗ୍ରୁପ ଅଫ ଇନିଷ୍ଟିଚ୍ୟୁସନର ଛାତ୍ରଛାତ୍ରୀମାନଙ୍କୁ ଏଭଳି ଦକ୍ଷତା ବିକାଶ ସଂପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା ।

## ମହିନ୍ଦ୍ରା ପକ୍ଷରୁ ପରିବେଶ ସଚେତନତା ଶିବିର

କେନ୍ଦ୍ରାପଡ଼ା,୨୬/୦୮ (ନି.ପ୍ର): କେନ୍ଦ୍ରାପଡ଼ା ପୌରାଂଚଳ ଅନ୍ତର୍ଗତ କାକଟ ଠାରେ ଡିଜେଲ ଜେନେରେଟର ନିର୍ମାଣ ମହିନ୍ଦ୍ର ଓ ମହିନ୍ଦ୍ରା ଓ ସହଯୋଗୀ ୩ଏସ୍ ଡିଲର ଟିଆର୍‌ଏସ୍ ଇଞ୍ଜିନିୟରଙ୍କ ତରଫରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଭାରେ ଅନୁଷ୍ଠାନର ତରଫରୁ ନୂତନ ଜ୍ଞାନ କୌଶଳରେ ନିର୍ମିତ ସିପି.ସିବି. ଆଇଭି.ଟି ଜେନେରେଟର ଦ୍ୱାରା ଜଳବାୟୁ ପ୍ରଦୂଷଣ କମ୍ କରିବା, ଉତାପ କମ୍ କରିବା ଓ ପରିବେଶ ଉପରେ କମ୍ କୁପ୍ରଭାବ ପଡିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ରେଂଟାଲ ଗ୍ରାହାକ ଓ ମହିନ୍ଦ୍ରାର ଏରିଆ ମ୍ୟାନେଜର ରବି ସିଂ ଟିଆର୍‌ଏସ୍ ଇଞ୍ଜିନିୟରଙ୍କର ପରିଚାଳନା ନିର୍ଦ୍ଦେଶକ ଦେବଦ ରାୟ ଉପସ୍ଥିତ ଥିଲେ ।

# ଜାତୀୟ ସେବା ଯୋଜନା ପକ୍ଷରୁ ପ୍ଲାଷ୍ଟିକ ପ୍ରଦୂଷଣ ପ୍ରତିହତ ଅଭିଯାନ



ବାଲିଆପାଳ/ଲଙ୍ଗଳେଶ୍ୱର,୨୬/୦୮ (ନି.ପ୍ର): ଜାମଶୂଳୀ ସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜ ଜାତୀୟ ସେବା ଯୋଜନା ପକ୍ଷରୁ ରବିବାର ପ୍ଲାଷ୍ଟିକ ପ୍ରଦୂଷଣ ପ୍ରତିହତ ଅଭିଯାନ ଅନୁଷ୍ଠିତ ହୋଇଛି। ପ୍ରୋଗ୍ରାମ ଅଫିସର ଅଧାପକ ନଗେନ୍ଦ୍ର ନାଥ ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଅଭିଯାନରେ କଲେଜର ବରିଷ୍ଠ ଅଧାପକ ଡ଼ଃ ସୁକାନ୍ତ କୁମାର ଗିରି,ଓଡିଶା ରକ୍ତ ଦାତା ସଂଗଠନ ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ, ଫକୀର ମୋହନ ବିଶ୍ୱ ବିଦ୍ୟାଳୟର ଜିଲ୍ଲା ପ୍ରୋଗ୍ରାମ ଅଫିସର ପ୍ରାଧାପକ ଗୌରାଙ୍ଗ ପଣ୍ଡା, ବିଶ୍ୱ ବିଦ୍ୟାଳୟର ସେକ୍ସନ ଅଫିସର ତାପସ କୁମାର ପାତ୍ର ପ୍ରମୁଖ ଯୋଗ ଦେଇ ପ୍ଲାଷ୍ଟିକ ପ୍ରଦୂଷଣର ବିଭିନ୍ନ ଦିଗ ଓ ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ଏନ ଏସ ଏସ ମହିଳା ୟୁନିଟର ପ୍ରୋଗ୍ରାମ ଅଫିସର ମିତା ରାଣୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ସାରସ୍ୱତ ସାଧନା ସମନ୍ୱୟ ସମିତି ଓ ଗୀତା, ବେଦ, ଯୋଗ ଭାରତୀୟ ସଂସ୍କୃତି ପ୍ରଶିକ୍ଷଣ ପାଠଶାଳା ଆନୁକୂଲ୍ୟରେ ବାର୍ଷିକ ଉତ୍ସବ



ନୀଳଗିରି ,୨୬/୦୮ (ନି.ପ୍ର): ସାରସ୍ୱତ ସାଧନା ସମନ୍ୱୟ ସମିତିର ଅଷ୍ଟମ ବାର୍ଷିକ ଓ ଗୀତା, ବେଦ, ଯୋଗ ଭାରତୀୟ ସଂସ୍କୃତି ପ୍ରଶିକ୍ଷଣ ପାଠଶାଳାର ପ୍ରଥମ ବାର୍ଷିକ ସମାରୋହ ନୀଳଗିରିର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବାଲିଗୋହିରୀ ରତ୍ନାକର ଟାଉନ ହାଇସ୍କୁଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୯ଘଟିକାରେ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ବହୁ ସାରସ୍ୱତ ସାଧକ ଓ ସଂଗଠକ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ବସନ୍ତ କୁମାର ଦାସ ସଭାପତିତ୍ୱ କରିଥିବା ବେଳେ ଅବସରପ୍ରାପ୍ତ ରାଜ୍ୟ ସାହିତ୍ୟ ଏକାଡେମୀ ସଦସ୍ୟ ଭାଗବତ ବେହେରା ଯୋଗଦେଇ ଭାରତୀୟ ସଂସ୍କୃତିରେ ଗୀତା ମହାତ୍ମ୍ୟ, ବେଦପାଠ ସହିତ ଏବଂ ପ୍ରାଚୀନ ଯୋଗ ପରମ୍ପରାର ଅମୂଲ୍ୟ ଜୀବନଚର୍ଯ୍ୟା ଉପରେ ବିସ୍ତୃତ ବ୍ୟାଖ୍ୟା କରିଥିଲେ। ମୁଖ୍ୟବକ୍ତା ଭାବରେ ସତ୍ୟସାଇ ସଂଗଠନର ରାଜ୍ୟ ବେଦ ସଂଯୋଜକ ଡକ୍ଟର ବିଭୁଦତ୍ତ ପାତ୍ର ଉପସ୍ଥିତ ଛାତ୍ରଛାତ୍ରୀ, ଅଭିଭାବକ, ବୁଦ୍ଧିଜୀବି ମାନଙ୍କୁ ବେଦପଠନ ଓ ମାନବ ସମାଜରେ ଏହାର ସୁଦୂରପ୍ରସାରି ପ୍ରଭାବ ସମ୍ପର୍କରେ ଅବଗତ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ୟଙ୍ଗକବି ପ୍ରଭାକର ସାହୁ, ରତ୍ନାକର ଟାଉନ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା, ବିଶିଷ୍ଟ ଅତିଥି ଭାବେ ମାତା ପିତା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଲୋଚନ ବେହେରା , ହରେକୃଷ୍ଣ ଗିରି, ବ୍ରହ୍ମାନନ୍ଦ ଦାସ, ଉତ୍ତମ କୁମାର ବିଶ୍ୱାଳ ଯୋଗଦେଇ ସଭାର ମହିମା ମଣ୍ଡିତ କରିଥିଲେ। ଅନୁରୂପ ଭାବେ ମଧାହ୍ନ ୧୨ଟା ରେ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ସୋମନାଥ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ଯୋଗଦେଇ ଭାରତୀୟ ସଂସ୍କୃତିରେ ବିଭିନ୍ନ ବେଦ, ପୁରାଣ, ଉପନିଷଦରେ ପୁଣ୍ୟାତ୍ମା ମହାମନିଷ ମାନଙ୍କର ତ୍ୟାଗପୂତ ସର୍ଜନୀ ମାନବ ସମାଜକୁ ଋଦ୍ଧିମନ୍ତ କରିଥିବା ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଭାବେ ଚେତନା ସାହିତ୍ୟ ସଂସଦର ସମ୍ପାଦକ ଶରତ ଚନ୍ଦ୍ର ମହାପାତ୍ର, ବିଶିଷ୍ଟ ବକ୍ତା ଉତ୍କଳ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦସ୍ୟ ଇଂ ଅଭୟ କୁମାର ସୁତାର, ସମ୍ମାନିତ ବକ୍ତା ଭାବେ ନୀଳଗିରି ମହିଳା ମହାବିଦ୍ୟାଳୟର ଅଧାପକ ଡଃ ପ୍ରଦୀପ୍ତ ମିଶ୍ର, ଗଙ୍ଗାଧର ଦାସ, ଜାନକୀ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଉକ୍ତ ସମନ୍ୱୟ ସମିତି ଓ ପ୍ରଶିକ୍ଷଣ ପାଠଶାଳାର ସଂପାଦିକା ସୁଭାଷିନୀ ଜୀ ପରିଚାଳନା କରିଥିଲେ। ଏହି ଉତ୍ସବରେ ଶିକ୍ଷାବିତ୍ ଓ ସମାଜସେବୀ ଇଂ ଦୀପ୍ତିକାନ୍ତ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷାବିତ ରଘୁନାଥ ରଥ, କବି ଗଙ୍ଗାଧର ଦାସଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ନିଯୁକ୍ତି ନାମରେ ୨୪ ଲକ୍ଷ ଟଙ୍କା ଠକେଇ : ଅଭିଯୁକ୍ତ ଗିରଫ

ବଲାଙ୍ଗିର,୨୬/୦୮ (ନି.ପ୍ର): କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ନିଯୁକ୍ତି ପ୍ରଦାନ ନାମରେ ଟିଟିଲାଗଡ଼ ସହରର ଏକ ପରିବାର ଠାରୁ ପ୍ରାୟ ୨୪ଲକ୍ଷ ଟଙ୍କା ଠକାମୀ ହୋଇଥିବା ଅଭିଯୋଗ ହୋଇଛି । ଏନେଇ ଟିଟିଲାଗଡ଼ ଥାନା ପୁଲିସ ଅଭିଯୁକ୍ତ ସୋନପୁର ଜିଲା ଡୁଙ୍ଗୁରିପାଲି ଥାନା ଅନ୍ତର୍ଗତ ଶୁଖା ଗ୍ରାମର ସୁରେଶ ପାଣ୍ଡେ ନାମକ ଜଣେ ବ୍ୟକ୍ତିଙ୍କୁ ଶନିବାର ଗିରଫ କରିବା ସହ କୋର୍ଟ ଚାଲାଣ କରିଛି । ଏନେଇ ଅଭିଯୋଗରୁ ପ୍ରକାଶ ଯେ, ସହରର ବ୍ଲକପଡାର ଜନୈକ ଅବସର ପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପରିବାର ସହ ଘନିଷ୍ଠତା ବଢ଼ାଇ ଚାକିରି କରେଇ ଦେବା ନାମରେ ବଲାଙ୍ଗିର ଟାଟା ପାୱାରରେ ଯନ୍ତ୍ରୀ ଭାବରେ କାର୍ଯ୍ୟରତ ଅଭିଯୁକ୍ତ ସୁରେଶ ପାଣ୍ଡେ ଡିସେମ୍ବର ୨୦୨୨ରୁ ବିଭିନ୍ନ ସମୟରେ ମୋଟ ୨୨ଲକ୍ଷ ୨୭ ହଜାର ଟଙ୍କା ଠକେଇ କରି ନେଇଯାଇଥିଲେ । ପୀଡିତ ଅନଲାଇନ ଜରିଆରେ ଟଙ୍କା ପ୍ରଦାନ କରିଥିଲେ । ଏହାସହ ଏକ ସ୍କୁଟି ଏବଂ ଆଇ ଫୋନ ମଧ ଅଭିଯୁକ୍ତ ନେଇଥିଲେ । ପୀଡିତ ପରିବାରର ଝିଅ ଅଲିଶା ମୁଣ୍ଡାଙ୍କୁ ଏମ୍ସରେ ନର୍ସ ଚାକିରୀ ଏବଂ ତାଙ୍କ ଭାଇ ରାହୁଲ ମୁଣ୍ଡାଙ୍କୁ ଟ୍ରେନର ଲୋକୋ ପାଇଲଟ ଚାକିରୀରେ ନିଯୁକ୍ତି ପ୍ରଦାନ ପାଇଁ ଅଭିଯୁକ୍ତ ପ୍ରତିଶୃତି ଦେଇଥିଲେ । ତେବେ ଚାକିରୀ ନପାଇବାରୁ ଗତ ବର୍ଷ ଜୁଲାଇରୁ ଟଙ୍କା ମାଗି ଚାଲିଥିବା ବେଳେ ଅଭିଯୁକ୍ତ ଦିନ ଗଡ଼ାଇ ଚାଲିଥିଲେ । ଏହାକୁ ନେଇ ପୀଡିତା ଅଲିଶା ଏବଂ ରାହୁଲଙ୍କ ମାଁ ଗୀତାଞ୍ଜଳି ମୁଣ୍ଡା ଟିଟିଲାଗଡ଼ ଥାନାର ଦ୍ୱାରସ୍ଥ ହୋଇଥିଲେ । ଏନେଇ ବଲାଙ୍ଗିର ଏସପିଙ୍କ ନିର୍ଦ୍ଦେଶରେ ଟିଟିଲାଗଡ଼ ଥାନା ଆଇଆଇସି ବିଶ୍ୱଜିତ ମନବୋଧଙ୍କ ନେତୃତ୍ୱରେ ତଦନ୍ତ ଆରମ୍ଭ ସହ ଅଭିଯୁକ୍ତଙ୍କୁ କାବୁ କରିଥିଲେ । ଶନିବାର ସନ୍ଧ୍ୟାରେ ଟିଟିଲାଗଡ଼ ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡ଼ିପିଓ ଅଙ୍କିତା କୁମ୍ଭାର ଏବଂ ଆଇଆଇସି ବିଶ୍ୱଜିତ ମନବୋଧ ବିଶଦ ସୂଚନା ଦେଇଥିଲେ । ଅଭିଯୁକ୍ତ ସୁରେଶଙ୍କୁ ପୁଲିସ ଆଜି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି । ଅଭିଯୁକ୍ତର ବ୍ୟାଙ୍କ ଆକାଉଣ୍ଟ ଏବଂ ଅନ୍ୟ କାହାରି ସମ୍ପୃକ୍ତି ନେଇ ପୁଲିସ ଅଧିକ ତଦନ୍ତ ଜାରି ରଖିଛି ।

# ବିଧାନସଭା ସମ୍ମୁଖରେ ଧାରଣା ପାଇଁ କାଗଜ କଳ ଶ୍ରମିକଙ୍କ ପ୍ରସ୍ତୁତି ବୈଠକ

ଜୟପୁର,୨୬/୦୮ (ନି.ପ୍ର): ଜୟପୁର ଯାଦବ ଭବନ ଠାରେ ଆଜି ଦିନ :୧୧.୦୦ ସମୟରେ ସେବା କାଗଜ କଳ ଶ୍ରମିକ ମାନଙ୍କ ଏକ ବୈଠକ ପ୍ରଥମ ୟୁନିଅନର ସଭାପତି ତଥା ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ଆବାହକ ପ୍ରମୋଦ କୁମାର ମହାନ୍ତି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରକାଶ ଯୋଗ୍ୟ ଯେ ଗତ ଜୁଲାଇ ୨୦ ରୁ କାରଖାନା ଉତ୍ପାଦନ ବନ୍ଦ ରହିଛି , କେବେ ଉତ୍ପାଦନ ଆରମ୍ଭ ହେବ ତା'ର କୌଣସି ସଠିକ୍ ସୂଚନା ମିଳି ପାରୁ ନାହିଁ । ଅନ୍ୟ ଦିଗରେ ଶ୍ରମିକ ମାନଙ୍କୁ ଦୀର୍ଘ ଛଅ ମାସ ହେଲା ଦରମା ମିଳି ନାହିଁ । ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ପି ଏଫ୍ ର ଦୁଇଟି ଏକାଉଂଟ ମିଶେଇ ପେନସନ୍ ଓ ସମୁଦାୟ ପି ଏଫ୍ ଜମା ଉଠାଣ ପାଇଁ ଚାଲିଥିବା ପ୍ରକ୍ରିୟା ମଧ ପ୍ରାୟ ବନ୍ଦ ରହିଛି । ୫୦ ଜଣ ଅବସରପ୍ରାପ୍ତ ଶ୍ରମିକ ଙ୍କ ଗ୍ରାଚ୍ୟୁଇଟି ପ୍ରାପ୍ୟ ଦେବା ପାଇଁ ଶ୍ରମ କମିଶନର ଅର୍ଡର୍ କରିଥିଲେ ମଧ ଆଇନ୍ ଅଦାଲତରେ ବିଳମ୍ବିତ କରିବା ଯୋଜନା ଆରମ୍ଭ କରିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଜୟପୁର ର ଏକ ମାତ୍ର ବୃହତ୍ ଶିଳ୍ପ ସେବା କାଗଜ କଳ କୁ ପୁର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ଏବଂ ଶ୍ରମିକଙ୍କ ସମସ୍ୟା ସମାଧାନ ପାଇଁ ରାଜ୍ୟ ସରକାର ତୁରନ୍ତ କମ୍ପାନୀ ଉଚ୍ଚ କର୍ତ୍ତୃପକ୍ଷ ଓ ସମ୍ପୃକ୍ତ ସଂଗଠନ ମାନଙ୍କ ବୈଠକ ଡକେଇବା ପାଇଁ ନିବେଦନ କରିବା ପାଇଁ ଆଗାମୀ ୨୮ ଓ ୨୯ ଦୁଇ ଦିନ ବିଧାନ ସଭା ସମ୍ମୁଖରେ ଧାରଣା ଦିଆଯିବ ।

# ବସ୍ତାର ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ ପାଳିତ

ବସ୍ତା, ୨୭/୮ (ନି.ପ୍ର): ବସ୍ତା ଅଞ୍ଚଳର ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମି ଆନନ୍ଦ ଉଲ୍ଲାସରେ ପାଳିତ ହେଉଥିବାବେଳେ ଇଡିଦା ଗ୍ରାମରେ ପ୍ରହରାଜ ପରିବାରରେ ଥିବା ବିରେନ୍ଦ୍ର ପ୍ରହରାଜ ଙ୍କରଘୁନାଥ ମନ୍ଦିରରେ ଶ୍ରୀକୃର୍ଷ୍ଣଙ୍କ ଜନ୍ମ ଦିନ ପାଳିତ ହୋଇ ଯାଇଅଛି । ଦୁଇଶହରୁ ଅଧିକ ଭକ୍ତ ସମାଗମ ହୋଇଥିଲା । ଯଜ୍ଞ ପୂଜାର୍ଚ୍ଚନା ନାମ ସଂକିର୍ତ୍ତନରେ ଉକ୍ତ ପରିବେଶ ଭକ୍ତି ଭାବନାରେ ଭକ୍ତ ମାନେ ଭାବ ବିଭୋର ହୋଇଥିଲେ । ସେହିପରି ମଥାନୀ ପଞ୍ଚାୟତ ସାନଖୁଡି ଶମ୍ଭୁନାଥ ପାତ୍ର ଓ ଶିବଗଡିଆ ଗ୍ରାମର ସମ୍ଭୁନାଥ ବେହେରାଙ୍କ ବାସଭବନରେ ଜନ୍ମାଷ୍ଟମୀ ପୂଜାର୍ଚ୍ଚନା ପ୍ରସାଦ ସେବନର ବ୍ୟବସ୍ଥା ହୋଇଅଛି।



# ସାମାଜିକ ସୁରକ୍ଷାରୁ ବଂଚିତ ଡ଼ାଙ୍ଗରଚୁଆର ତୁଳସୀ ଓ ଚମ୍ପା

ଉଦଳା , ୨୭/୮ (ନି.ପ୍ର): କପ୍ତିପଦା ବ୍ଲକ ଦେବଳା ପଂଚାୟତ ଅନ୍ତର୍ଗତ ଡ଼ାଙ୍ଗରଚୁଆ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ତୁଳସି ହୋ ଓ ଚମ୍ପା ହୋ ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ଟଙ୍କା ପାଇବାରୁ ବଂଚିତ ଅଛନ୍ତି । ଖବର ନେବାରୁ ଜଣାଯାଇଛି ତୁଳସି ହୋଙ୍କ ସ୍ୱାମୀ କାରୁ ହୋ ଙ୍କର ଆଜକୁ ଗୋଟିଏ ବର୍ଷ ପୁର୍ବେ ଦେହାନ୍ତ ହୋଇ ଯାଇଛି । ଫଳରେ ତୁଳସି ଗୋଟିଏ ବର୍ଷ ଧରି ବିଧବା ଜୀବନ ବିତାଇବା ସହିତ ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଛନ୍ତି । ସେହିପରି ଚମ୍ପା ହୋଙ୍କର ବୟସ ୬୫ ବର୍ଷ ଛୁଇଁଲାଣି । ସେ ବର୍ତମାନ ଭଲ ଭାବରେ ଚାଲବୁଲ କରିପାରୁ ନାହାଁନ୍ତି । ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ଟଙ୍କା ପାଇବା ପାଇଁ ଏ ଦୁହେଁ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ବାରମ୍ବାର ହୋଇ ମଧ କୌଣସି ସୁଫଳ ପାଇନଥିବାର ଜଣାଇଛନ୍ତି । ବିଭାଗୀୟ କତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଜନ୍ମାଷ୍ଟମୀରେ ରାଧାକୃଷ୍ଣ ବେଶ ଓ ଦହିହାଣ୍ଡି ଭଙ୍ଗା ପ୍ରତିଯୋଗିତା

ଖଇରା, ୨୭/୮ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକର ବିଭିନ୍ନ ବିଦ୍ୟାଳୟରେ ପବିତ୍ର ଜନ୍ମାଷ୍ଟମୀ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପାଳିତ ହୋଇ ଯାଇଛି ।ବିଭିନ୍ନ ସରସ୍ୱତୀ ଶିଶୁ ମନ୍ଦିର ଓ ଶିଶୁ ବିଦ୍ୟା ମନ୍ଦିର ରେ ପିଲାମାନେ ରାଧାକୃଷ୍ଣ ବେଶରେ ବଜାର ପରିକ୍ରମା କରିଥିବା ବେଳେ ପିଲାମାନଙ୍କ ମଧ୍ୟରେ ଦହିହାଣ୍ଡି ଭଙ୍ଗା ପ୍ରତିଯୋଗିତା ବେଶ ଚିତ୍ତାକର୍ଷକ ଥିଲା । ସାରଡାଙ୍ଗ ପଞ୍ଚାୟତ ଅଲିପୁରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ପରିଚାଳନା କମିଟି ସଭାପତି ନିରଞ୍ଜନ ସାମଲ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପ୍ରଧାନଆଚାର୍ଯ୍ୟ ଜୟନ୍ତୀ ମାଝୀ ସ୍ୱାଗତ ଭାଷଣ,ସିଆରସିସି ଲମ୍ବୋଦର ନନ୍ଦ ମୁଖ୍ୟଅତିଥି,ଡା ଉପେନ୍ଦ୍ର ପ୍ରସାଦ ଖଟୁଆ ମୁଖ୍ୟବକ୍ତା ଭାବେ ଓ କୈବଲ୍ୟ ମାଝୀ ଭାଗବତ ପାଠ କରିଥିଲେ । ଖଇରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରାଧାକୃଷ୍ଣ ବେଶରେ ଆସିଥିବା ୬୫ଜଣ ପିଲାଙ୍କୁ ବନ୍ଦାପନା କରାଯିବା ସହ ବଣପାରିଆ ସ୍ଥିତ ପ୍ରଜ୍ଞାପୀଠରେ ମୁକ୍ତିକାନ୍ତ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ପ୍ରଧାନାଚାର୍ଯ୍ୟ କୈଳାସ ଚନ୍ଦ୍ର ସାହୁ,ଗୁରୁମା ପୁଷ୍ପାଞ୍ଜଳୀ ସାମଲ,ବନ୍ଦନା ପ୍ରଧାନ,ସାବିତ୍ରୀ ପଣ୍ଡା,କ୍ରିଷ୍ଣାରାଣୀ ହାତୀ,ଦିପାଞ୍ଜଳୀ ବେହେରା ଗୁରୁଜୀ ଷ୍ଟାଲିନ ରାଉତ,କାର୍ତ୍ତୀକ ମୁଦୁଲି,ପୂର୍ଣ୍ଣଚନ୍ଦ୍ର ସାହୁ,ପୀୟୁସ ରାଉତ,ଭରତ ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ । ଏହାଛଡା ନଟାପଡା ଛକସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଜନ୍ମାଷ୍ଟମୀ ପାଳନ ଅବସରରେ ସାବିତ୍ରୀ ବେହେରା ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ରାଧାକୃଷ୍ଣ ବେଶରେ ସଜ୍ଜିତ ପିଲାମାନେ ଅଭିଭାବକ ସହ ଖଇରା ପୁରୁଷୋତ୍ତମପୁରସ୍ଥିତ ରାଧାକୃଷ୍ଣ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ । ଗୁରୁଜୀ ବଳରାମ ଲେଙ୍କା,ପ୍ରଭାକର ଓଝା,ଶୁକଦେବ ପରିଡା,ପଙ୍କଜ ମହାନ୍ତି,ଗୁରୁମା ଅହଲ୍ୟା ପାଣି,ସବିତା ମହାନ୍ତି,ଦିପ୍ତି ପାଣି,ମିତା ପାତ୍ର,ମୋନଲିସା ଶିଅଳ,କବିତା ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଦହିହାଣ୍ଡି ଭଙ୍ଗା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।




# ମାନସିଂ ବଜାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ

ବାଲେଶ୍ୱର , ୨୭/୮ (ନି.ପ୍ର): ମାନସିଂ ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଜନ୍ମାଷ୍ଟମୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀ ରାଧାକୃଷ୍ଣ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ମାନୀତ ଅତିଥି ଭାବେ ପରିଚାଳନା କମିଟିର ଉପସଭାପତି ଶ୍ରୀମତୀ ସୁଶ୍ରୀ ସଙ୍ଗୀତା ଦାଶ, ମଡର୍ଣ୍ଣ ପର୍ବ୍ଲକ ସ୍କୁଲର ବରିଷ୍ଠ ଶିକ୍ଷକ ଶ୍ରୀ ଅନନ୍ତ କୁମାର ଗାନ୍ଧୀ, ନୃତ୍ୟଶିଳ୍ପୀ ଶ୍ରୀମତୀ ଗାୟତ୍ରୀ ରଥ, ଉପଦେଷ୍ଟା ଗୌରୀଶଂଙ୍କର ପତି ଯୋଗ ଦେଇ ପ୍ରଭୁ କୃଷ୍ଣଙ୍କର ଜନ୍ମ ବୃତ୍ତାନ୍ତ, ନନ୍ଦପୁରକୁ ଗମନ, ମାମୁଁ କଂସାସୁରର ନିଧନ ସହିତ ସମଗ୍ର ସଂସାରକୁ ରକ୍ଷା କରିବା ଦିଗରେ କୃଷ୍ଣଙ୍କର କାର୍ଯ୍ୟ ଏବଂ ରାଧାକୃଷ୍ଣଙ୍କର ଅନାବିଳ ପ୍ରେମକୁ ନେଇ ଲୁଚି ରହିଥିବା ରହସ୍ୟମୟ ଗାଥା ଅତିଥିମାନେ ଉପସ୍ଥାପନା କରିଥିଲେ। ସଂପାଦକ ଗୟାଧର କର କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଭୁ କୃଷ୍ଣଙ୍କର ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହିତ ପୂଜାର୍ଚ୍ଚନା କରାଯାଇଥିଲା। ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀମାନେ ଆଜିର ଦିବସ ଅବସରରେ କୃଷ୍ଣ,ରାଧା, ସୁଦାମା, ଯୋଗମାୟା ଆଦି ବିଭିନ୍ନ ବେଶରେ ଆସିଥିଲେ। ସେମାନଙ୍କୁ ବନ୍ଦାପନା କରାଯିବା ପରେ ନଗର ପରିକ୍ରମା କରାଯାଇଥିଲା। ଏହାପରେ ସେମାନଙ୍କୁ ୪ଟି ବିଭାଗରେ ଭାଗ କରାଯାଇ ପ୍ରତିଯୋଗିତା କରାଯାଇଥିଲା। ୩ଜଣ ବିଚାରକ ମଣ୍ଡଳୀ ଉପସ୍ଥିତ ରହି ଏହାର ମୂଲ୍ୟାଙ୍କନ କରିଥିଲେ।ଏହି କାର୍ଯ୍ୟକ୍ରମକୁ ପ୍ରଧାନ ଆଚାର୍ଯ୍ୟ ଚନ୍ଦନ କୁମାର ସାହୁ, ଗୌରହରୀ ସାହୁ ଗୁରୁଜୀ, ଶ୍ରୀକାନ୍ତ ଗୁରୁଜୀ, ନିରୂପମା, ହରପ୍ରିୟା, କାଜଲ, ସୂଚୀସ୍ମିତା, ସ୍ୱର୍ଣ୍ଣପ୍ରଭା, ଆରତୀ, ମଧୁସ୍ମିତା, ଗୀତାଞ୍ଜଳୀ,ମାନିନୀ ଆଦି ଗୁରୁମାମାନେ ଓ ସେବିକା ପ୍ରଭାସିନୀ ସହଯୋଗ କରିଥିଲେ।



## ବିଳମ୍ବରେ ଅଫିସ ଆସିଲେ କନଷ୍ଟେବଲ: ଗରମ ପାଣି ଫିଙ୍ଗିଲେ ହାବିଲଦାର

ମୟୂରଭଞ୍ଜ, ୨୬/୮ (ନି.ପ୍ର): ଅଗ୍ନିଶମ ବାହିନୀରେ କାର୍ଯ୍ୟରତ କନଷ୍ଟେବଲ ଉପରକୁ ଗରମ ପାଣି ଫିଙ୍ଗିଦେଲେ ହାବିଲଦାର। ଏପରି ଅଘଟଣ ଘଟିଛି ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଅଗ୍ନିଶମ କାର୍ଯ୍ୟାଳୟରେ। କାର୍ଯ୍ୟରତ କନଷ୍ଟେବଲ ଦୁଷ୍ମନ୍ତ ଦେହୁରୀଙ୍କୁ ବାରିପଦା ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଅଭିଯୋଗ ଅନୁସାରେ, ଗତକାଲି ଦୁଷ୍ମନ୍ତ ବିଳମ୍ବରେ ଅଫିସ ଆସିଥିଲେ। କାହିଁକି ଅଫିସ ବିଳମ୍ବରେ ଆସିଲ ବୋଲି ହାବିଲଦାର ନୂତନ ମଲ୍ଲିକ ଦ୍ୱୁଷ୍ମନ୍ତଙ୍କୁ ଗାଳିଗୁଲଜ କରିଥିଲେ। ଏହି କଥାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଉତକ୍ଷିପ୍ତ ହୋଇ ହାବିଲଦାର ଦୁଷ୍ମନ୍ତଙ୍କ ଉପରେ ଗରମ ପାଣି ଫିଙ୍ଗି ଦେଇଥିଲେ। ତାଙ୍କ ଦୁଇ ଜଙ୍ଗ ଓ ଗୋଡରେ ଗରମ ପାଣି ପଡ଼ି ଚମ ଉଠିଯାଇଥିଲା। ସହକର୍ମୀମାନେ ଦୁଷ୍ମନ୍ତଙ୍କୁ ପ୍ରଥମେ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

# ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଜନ୍ମାଷ୍ଟମୀ ପାଇଁ କୃଷ୍ଣ ଓ ରାଧା ବେଶ ପ୍ରତିଯୋଗିତା

ବଡ଼ସାହି , ୨୭/୮ (ନି.ପ୍ର): ଉତ୍କଳ ଶିକ୍ଷା ପରିଷଦ ମାର୍ଗଦର୍ଶନରେ ବାଣୀପୀଠ ଦ୍ୱାରା ପରିଚାଳିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ( ଆବାସିକ) ଓ ବିବେକାନନ୍ଦ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ତରଫରୁ ଜନ୍ମାଷ୍ଟମୀ ମହାସମାରୋହରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଡ଼କ୍ଟର କୁମାର ବାବୁଲିଙ୍କ ସଭାପତିତ୍ୱରେ ଓ କବି କାର୍ତ୍ତିକ ସେଠୀଙ୍କ ସଂଯୋଜନାରେ 'ମହିମାମୟ ଶ୍ରୀକୃଷ୍ଣ' ଶିର୍ଷକ ଅଲୋଚନା ଚକ୍ର ଅନୁଷ୍ଠିତ ହୋଇ ଥିଲା। ଡକ୍ଟର ସୁଇଟି ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ଶିବଶଙ୍କର ଭୂୟାଁ, ଜୁଏଲ ମହାନ୍ତି, ଶାନ୍ତା ପ୍ରଧାନ, ଦେବୀ ବେହେରା, ଜାନକୀ ଆଚାଯ୍ୟ, ମିନତୀ ଘୋଷ ଓ ଜ୍ୟୋତି ଶଙ୍କର ମହାପାତ୍ର କୃଷ୍ଣଙ୍କ ବିଚିତ୍ର ମହିମା ସଂପର୍କରେ ଆଲୋଚନା କରିଥିଲେ। ଏହାପରେ ଗୁରୁମା ସୋନାକ୍ଷି ଦଣ୍ଡପାଟ ଓ ମଳୟ ମଞ୍ଜରୀ ରଥଙ୍କ ପରିଚାଳନାରେ କୃଷ୍ଣ ଓ ରାଧା ବେଶ ସହିତ ଆଧ୍ୟାତ୍ମିକ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପର୍ଯ୍ୟବେକ୍ଷକ ଭାବେ ବୃନ୍ଦାବତୀ ନାଏକ, ନମ୍ରତା ବାରିକ, ପ୍ରିୟଙ୍କା ମହାନ୍ତ ଓ ରଶ୍ମିତା ମହାନ୍ତ ଯୋଗଦାନ କରିଥିଲେ। କୃଷ୍ଣ, ରାଧା ବେଶ ସହିତ ଦେବକୀ, ନନ୍ଦରାଜା, ବସୁଦେବ, ଯଶୋଦା, କଂସ, ବକାସୁର , ଶକଟାସୁର ଓ ପୁତନା ବେଶ ଧାରଣ କରି ନଗର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମକୁ ପ୍ରତ୍ୟକ୍ଷ ଭାବେ ପ୍ରଧାନଆଚାର୍ଯ୍ୟା ସୂର୍ଯ୍ୟକାନ୍ତି ପୁହାଣ ପରିଚାଳନା କରିଥିଲେ। ଶ୍ୱେତଲିନା ମିଶ୍ର, ନିହାରିକା ପାତ୍ର, ବୀଣାପାଣି ବାରିକ, ସବିତା ମହାନ୍ତି ଓ ସୌଭାଗ୍ୟବତୀ ରାଉତ ସହଯୋଗ କରିଥିଲେ। ବିବେକାନନ୍ଦ ଇଂରାଜୀ ମାଧ୍ୟମ ବିଦ୍ୟାଳୟର କୃଷ୍ଣ ବେଶ ପ୍ରତିଯୋଗିତାରେ ଯଥାକ୍ରମେ ଜୟଦୀପ ମହାପାତ୍ର, ରୋନିତ ମହାନ୍ତି ଓ ତୃପ୍ତିକାନ୍ତ ପଲେଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ରାଧାବେଶ ପ୍ରତିଯୋଗିତାରେ କୁମ୍‌କୁମ୍ ରାଉତ, ଧ୍ରିବାଂଶୀ ବାରିକ ଓ ସ୍ମୃତି ସ୍ନିଗ୍ଧା ବେହେରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଓଡ଼ିଆ ମାଧ୍ୟମ ବିଦ୍ୟାଳୟ କୃଷ୍ଣବେଶ ପ୍ରତିଯୋଗିତାରେ ଆଦ୍ୟାଶା ବେହେରା, ରାଜଦୀପ ଦାସ ଓ ତୋଷିତ ମହାନ୍ତ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ରାଧାବେଶରେ ଭାବନା ପ୍ରିୟଦର୍ଶନୀ ଜେନା, ସାଇ ଶ୍ରେୟାଂଶୀ ବେହେରା ଓ ସଙ୍ଗୀତା ବେହେରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶେଷରେ ଗୁରୁଜୀ ଦୀପକ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର...

ଯାହାଙ୍କୁ ବିଭିନ୍ନ ଅନୁଷ୍ଠାନ ସ୍ୱୀକୃତି ପ୍ରଦାନ କରିଛନ୍ତି । କବିତା ସତ୍ୟ ଓ ସାମର୍ଥ୍ୟର ପ୍ରତୀକ ଅଟେ ବୋଲି ଉତ୍ସବର ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ 'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା' ପକ୍ଷରୁ ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରଫେସର ସଂଘମିତ୍ରା ମିଶ୍ର, ଦୟାନିଧି ଦାଶ, ଡ. ଅବନୀ ପ୍ରଧାନ, ଡ. ଶ୍ରୀଧର ସାମଲ, ଡ. ଶ୍ରୀହରି ପଣ୍ଡା, ଶରତ କୁମାର ଦାସ, ଶ୍ରୀନିବାସ ସେଠୀ, ବନମାଳୀ ସେନାପତି, ଚିତ୍ତରଂଜନ ନାହାକ, ସୁବ୍ରତ କୁମାର କର, ସୁମନ୍ତ କୁମାର ସାହୁ, ସୁଧାଂଶୁ ଶେଖର ପୃଷ୍ଟି ଓ ଭବାନୀ ଶଙ୍କର ଆଚାର୍ଯ୍ୟ ପ୍ରମୁଖଙ୍କୁ ନିଜନିଜର କୃତିତ୍ୱ ପାଇଁ ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ବିଜୟ ଉପାଧ୍ୟାୟଙ୍କୁ ବାଲେଶ୍ୱର ବରପୁତ୍ର ସମ୍ମାନ ଅର୍ପଣ କରାଯାଇଥିଲା। ଏହି ଭବ୍ୟ ଉତ୍ସବରେ ଦୁଇ ପର୍ଯ୍ୟାୟରେ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ କବି କବିତା ପାଠ କରିଥିଲେ। କବି ମଧୁସୂଦନ ମିଶ୍ର କବିତା ପାଠୋତ୍ସବରେ ସଂଯୋଜନା କରିଥିବାବେଳେ କବି ଭରତ ଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

### ୯/୧୧ ଭଳି ୩୮ ମହଲା କୋଠାରେ...

ପ୍ରମୁଖ ସହରରେ ୟୁକ୍ରେନ ଡ୍ରୋନ୍ ଆକ୍ରମଣ କରିଥିଲା। ୟୁକ୍ରେନରେ ଡ୍ରୋନ୍ ଆକ୍ରମଣରେ ଜଣେ ମହିଳା ଆହତ ହୋଇଥିଲେ ଏବଂ ଅନେକ ଘର ନଷ୍ଟ ହୋଇଯାଇଥିଲା। ରୁଷିଆ କହିଛି ଯେ ଏହା ବାୟୁ ପ୍ରତିରକ୍ଷା ପ୍ରଣାଳୀ ସହିତ କିଛି ଡ୍ରୋନକୁ ନଷ୍ଟ କରିଦେଇଛି। ରୁଷିଆ ଦାବି କରିଛି ଯେ ସାରତୋଭ ସହରର ଏକ ଆବାସିକ କମ୍ପ୍ଲେକ୍ସ ଏହାର କ୍ଷେପଣାସ୍ତ୍ର ଦ୍ୱାରା ନଷ୍ଟ ହୋଇଥିବା ଡ୍ରୋନର ଆବର୍ଜନା ଦ୍ୱାରା ନଷ୍ଟ ହୋଇଯାଇଛି। ବର୍ତ୍ତମାନ ୟୁକ୍ରେନର ଏହି କାର୍ଯ୍ୟ ଉପରେ ପୁଟିନ ଚୁପ୍ ରହିବେ ନାହିଁ। ବର୍ତ୍ତମାନ ଅନୁମାନ କରାଯାଉଛି ଯେ ୟୁକ୍ରେନ ଦ୍ୱାରା ହୋଇଥିବା ଏହି ଆକ୍ରମଣରେ ରୁଷିଆ ପ୍ରତିକ୍ରିୟା ପ୍ରକାଶ କରିବ। କିଛି ଘଣ୍ଟା ପୂର୍ବରୁ ୟୁକ୍ରେନ ରୁଷିଆ ଉପରେ ଆକ୍ରମଣ କରି ଏହାର ଗୋଟିଏ ସହରକୁ ଦଖଲ କରିଥିଲା। ୟୁକ୍ରେନ ପ୍ରାୟ ଏକ ହଜାର ବର୍ଗ ମିଟର ଜମିକୁ ନିଜ ନିୟନ୍ତ୍ରଣକୁ ନେଇଛି। ରୁଷିଆର ଏଙ୍ଗେଲ୍ସ ଏୟାର ବେସ୍ ରଣନୈତିକ ଦୃଷ୍ଟିକୋଣରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏଙ୍ଗେଲସ୍ ଏୟାର ବେସ୍ ହେଉଛି ରୁଷିଆର ବିସ୍ଫୋରଣକାରୀ ଏୟାରବେସ୍। ଏହି ଏୟରବେସ୍ ଉପରେ ଫେବୃଆରୀ ୨୦୨୨ରେ ମସ୍କୋର ଆକ୍ରମଣ ଆରମ୍ଭ କରିବା ପରଠାରୁ ୟୁକ୍ରେନ ଦ୍ୱାରା ଅନେକ ଥର ଆକ୍ରମଣ କରାଯାଇଥିଲା। ଏହି ଏୟାରବେସ୍ ଉପରେ ଆକ୍ରମଣ କରି ୟୁକ୍ରେନ ପୁଟିନଙ୍କ ଶକ୍ତି ଭଙ୍ଗ କରିବାକୁ ଚେଷ୍ଟା କରୁଛି। ୟୁକ୍ରେନ୍ ଉପରେ ରଷିଆ ଜୋରଦାର ଆକ୍ରମଣ କରିଛି। ରୁଷର ଏକ ଆପାର୍ଟମେଣ୍ଟ ଉପରେ ୟୁକ୍ରେନର ଡ୍ରୋନ ଆକ୍ରମଣର ଜବାବରେ ରୁଷ ଏହି ଆକ୍ରମଣ କରିଥିବା କୁହାଯାଉଛି । ଏହି ଆକ୍ରମଣରେ ରୁଷ ୧୦୦ରୁ ଅଧିକ କ୍ଷେପଣାସ୍ତ୍ର ଓ ପ୍ରାୟ ୧୦୦ 'ସାହିଦ୍' ଡ୍ରୋନ୍ ବ୍ୟବହାର କରାଯାଇଥିବା କୁହାଯାଉଛି । ୟୁକ୍ରେନର ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି ସୋମବାର ତାଙ୍କ ଦେଶ ଉପରେ ରୁଷିଆର ରାତାରାତି ଏବଂ ସକାଳୁ ହୋଇଥିବା ଆକ୍ରମଣକୁ ନିନ୍ଦା କରିଛନ୍ତି। ଜେଲେନସ୍କି ରୁଷିଆର ଆକ୍ରମଣକୁ ଘୃଣ୍ୟ ବୋଲି କହିବା ସହ ବିଭିନ୍ନ ପ୍ରକାରର ୧୦୦ରୁ ଅଧିକ କ୍ଷେପଣାସ୍ତ୍ର ଏବଂ ପ୍ରାୟ ୧୦୦ 'ସାହିଦ୍' ଡ୍ରୋନ୍ ବ୍ୟବହାର କରାଯାଇଥିବା କହିଛନ୍ତି। ୟୁକ୍ରେନର ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି ସୋମବାର ତାଙ୍କ ଦେଶ ଉପରେ ରୁଷିଆର ରାତାରାତି ଏବଂ ସକାଳୁ ହୋଇଥିବା ଆକ୍ରମଣକୁ ନିନ୍ଦା କରିଛନ୍ତି। ଜେଲେନସ୍କି ରୁଷିଆର ଆକ୍ରମଣକୁ ଘୃଣ୍ୟ ବୋଲି କହିବା ସହ ବିଭିନ୍ନ ପ୍ରକାରର ୧୦୦ରୁ ଅଧିକ କ୍ଷେପଣାସ୍ତ୍ର ଏବଂ ପ୍ରାୟ ୧୦୦ 'ସାହିଦ୍' ଡ୍ରୋନ୍ ବ୍ୟବହାର କରାଯାଇଥିବା କହିଛନ୍ତି।

### ଟଙ୍କା ବୁହା ଗାଡ଼ିରୁ ୫୦...

ସୁନା ଆସୁଥିଲା ? ଏତେ ପରିମାଣର ସୁନା, ରୁପା କାହାର ? ସେନେଇ ବର୍ତ୍ତମାନ ଯାଏଁ ସ୍ପଷ୍ଟ ହୋଇପାରିନାହିଁ। ୨ଟି ଗାଡ଼ିରେ ଥିବା ୪ ଜଣଙ୍କୁ ସିଟି-ଜିଏସଟି ଟିମ୍ ଧରି ପଚରାଉଚରା ଚଳାଇଛି।

### ପାଣ୍ଡିଆନଙ୍କ ଶଳା କହି ଲକ୍ଷାଧିକ ...

ହୋଇଯାଇଥିବା ବେଳେ ମାମଲାର ତଦନ୍ତ ଚାଲିଥିବାରୁ କିଛି କହିବାକୁ ମନା କରିଦେଇଛି ମାଲକାନଗିରି ପୁଲିସ। ଚାକିରି ନାଁରେ ରମେଶ ରାଉତ, ସସ୍ମିତା ମାଝୀ ଓ ସେମାନଙ୍କର ଅନ୍ୟ ଜଣେ ସହଯୋଗୀ ଠକେଇ କରିଥିବା ନେଇ ମାଥିଲି ଥାନାରେ ଏକାଧିକ ମାମଲା ରୁଜୁ ହୋଇଛି। କାର୍ତ୍ତିକ ରାୟ ନାମକ ଜଣେ ବ୍ୟକ୍ତିଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ତାଙ୍କ ଠାରୁ ୨୬ ଲକ୍ଷ ୨୦ ହଜାର ଟଙ୍କା ଠକି ନେଇଥିବା ବେଳେ ମାଧବ କୁମାରଙ୍କୁ ପିଇଓ ଚାକିରି କରାଇ ଦେବା ନାଁରେ ୧୦ ଲକ୍ଷ ୧୦ ହଜାର ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଏହି ରାକେଟ କେବଳ ମାଲକାନଗିରିରେ ନୁହେଁ, କୋରାପୁଟରୁ କେନ୍ଦ୍ରାପଡ଼ା ପର୍ଯ୍ୟନ୍ତ ଲମ୍ବିଛି।

### ମମତାଙ୍କ 'ଦୁଷ୍କର୍ମ ପ୍ରସଙ୍ଗ'...

ଚିଠି ଲେଖି ଦୁଷ୍କର୍ମକାରୀଙ୍କୁ ଦଣ୍ଡ ଦେବାକୁ ଗୋଟିଏ କଠୋର କେନ୍ଦ୍ରୀୟ ଆଇନର ପ୍ରଣୟନ କରିବାକୁ କହିଥିଲେ। ଏଥିସହ ଦୈନିକ ଦେଶରେ ୯୦ଟି ଦୁଷ୍କର୍ମ ଘଟଣା ଘଟୁଛି । ଅଧିକାଂଶ ମାମଲାରେ ପୀଡ଼ିତାଙ୍କୁ ହତ୍ୟା କରାଯାଉଛି ବୋଲି ଦିଦି ଚିଠିରେ ଲେଖିଥିଲେ। କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଆଜି ମମତାଙ୍କୁ ଚିଠି ଲେଖି ଏହାର ଜବାବ ଦେଇଛନ୍ତି। କୋଲକାତାରେ ଜଣେ ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଶ୍ରୀମତୀ ଦେବୀ ଶୋକ ପ୍ରକାଶ କରିଛନ୍ତି। ଏହାପରେ ମନ୍ତ୍ରୀ କହିଛନ୍ତି ଯେ ଗତ ମାସରେ ଭାରତୀୟ ନ୍ୟାୟ ସଂହିତା ପ୍ରଣୟନ ହୋଇଛି। ଏଥିରେ ସ୍ୱତନ୍ତ୍ର ଭାବେ ମହିଳା ବିରୋଧୀ ହିଂସା ସମସ୍ୟାକୁ ଦୃଷ୍ଟିରେ ରଖି କଠୋର ଦଣ୍ଡବିଧାନର ବ୍ୟବସ୍ଥା କରାଯାଇଛି। ଫାଷ୍ଟଟ୍ରାକ କୋର୍ଟ ସମ୍ପର୍କରେ ଶ୍ରୀମତୀ ଦେବୀ କହିଛନ୍ତି, କେନ୍ଦ୍ର ପ୍ରୟୋଜିତ ଏପରି କୋର୍ଟ ପ୍ରତିଷ୍ଠା ପାଇଁ ୨୦୧୯ ଅକ୍ଟୋବରରୁ ଯୋଜନା କାର୍ଯ୍ୟକାରୀ ହୋଇଛି। ୩୦.୦୬.୨୦୨୪ ସୁଦ୍ଧା ଦେଶରେ ୭୫୨ଟି ଫାଷ୍ଟଟ୍ରାକ ପ୍ରତିଷ୍ଠା ପାଇଁ ଅନୁମତି ଦିଆଯାଇଛି। ଏହା ମଧ୍ୟରେ ପୋକ୍ସ ମାମଲା ପାଇଁ ସ୍ୱତନ୍ତ୍ର ଭାବେ ୪୦୯ଟି କୋର୍ଟକୁ କାର୍ଯ୍ୟକାରୀ ହେଉଛି। ଫାଷ୍ଟଟ୍ରାକ କୋର୍ଟରେ ୨,୫୩,୦୦୦ କେସ୍‌ର ବିଚାର ଶେଷ ମଧ ହୋଇଛି। କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଅଧୀନରେ ପଶ୍ଚିମବଙ୍ଗ ପାଇଁ ସ୍ୱତନ୍ତ୍ର ଭାବେ ୧୨୩ଟି ଫାଷ୍ଟଟ୍ରାକ କୋର୍ଟକୁ ମଞ୍ଜୁରୀ ଦିଆଯାଇଛି। ଏହା ମଧ୍ୟରେ ପୋକ୍ସ ମାମଲା ପାଇଁ ସ୍ୱତନ୍ତ୍ର ୨୦ଟି କୋର୍ଟ ରହିଛି। ୧୦୩ କୋର୍ଟକୁ ମିଳିତ ଭାବେ ଦୁଷ୍କର୍ମ ଓ ହତ୍ୟା ମାମଲାର ବିଚାର ପାଇଁ କୁହାଯାଇଛି। କିନ୍ତୁ ୨୦୨୩ ଜୁନ ଯାଏ ଏଗୁଡ଼ିକ କାର୍ଯ୍ୟକ୍ଷମ ହୋଇ ନଥିଲା। ପଶ୍ଚିମବଙ୍ଗ ସରକାର ୦୮.୦୬.୨୦୨୩ରେ ଚିଠି ଲେଖି ଯୋଜନାରେ ଭାଗ ନେବାକୁ ରାଜି ହୋଇଥିଲେ। ରାଜ୍ୟରେ ୭ଟି ଫାଷ୍ଟଟ୍ରାକ ଖୋଲିବାକୁ କହିଥିଲେ। ସଂଶୋଧିତ କରାଯାଇ ପଶ୍ଚିମବଙ୍ଗଙ୍କୁ ୧୭ଟି ଫାଷ୍ଟଟ୍ରାକ କୋର୍ଟ ଖୋଲିବାକୁ କୁହାଯାଇଥିଲା। କିନ୍ତୁ ଏହା ମଧ୍ୟରୁ କେବଳ ୬ଟି ସ୍ୱତନ୍ତ୍ର ପୋକ୍ସ କୋର୍ଟ କାର୍ଯ୍ୟକ୍ଷମ ହୋଇପାରିଛି। ରାଜ୍ୟରେ ୪୮,୬୦୦ଟି ଦୁଷ୍କର୍ମ ଓ ପୋକ୍ସ ମାମଲା ପଡ଼ି ରହିଛି।

### ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ହତ୍ୟାର...

ପକ୍ଷରୁ ଭୁବନେଶ୍ୱରରେ ମାରାଥାନ ଦୌଡ଼ର ଆୟୋଜନ କରାଯାଇଥିଲା । ଯେଉଁଥିରେ ଶତାଧିକ ଲୋକ ସାମିଲ ହୋଇଥିଲେ । ସେହିପରି ଶତାଧିକ ସାଧୁସନ୍ଥ ଆଜି ଏକଜୁଟ ହୋଇ ଗଣମାଧ୍ୟମ ଆଗରେ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ପୂର୍ବ ସରକାର ସେମାନଙ୍କ ଦାବି ପ୍ରତି ଗୁରୁତ୍ୱ ଦେଉନଥିଲା । ସ୍ୱାମୀଜୀଙ୍କ ହତ୍ୟା ଯିଏ କରିଛି ଦୋଷୀଙ୍କୁ ତୁରନ୍ତ ଦଣ୍ଡ ଦିଆଯାଉ ବୋଲି ସେମାନେ ଦାବି କରିଛନ୍ତି । ଦୀର୍ଘ ୧୬ବର୍ଷ ପରେ ମଧ ତଦନ୍ତ ରିପୋର୍ଟକୁ ସାର୍ବଜନୀନ କରାଗଲାନି । ଏବେ ବିଜେପି ସରକାର ସ୍ୱାମୀଜୀଙ୍କ ହତ୍ୟାକାରୀଙ୍କୁ ଦଣ୍ଡିତ କରିବ ବୋଲି ସେମାନେ ଆଶାବାଦୀ ଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ୨୦୦୮ ମସିହା ଅଗଷ୍ଟ ୨୩ତାରିଖ ଜନ୍ମାଷ୍ଟମୀ ରାତିରେ କନ୍ଧମାଳର ଜଲେସପଟା ଆଶ୍ରମରେ ୮୪ବର୍ଷୀୟ ସାଧୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଓ ତାଙ୍କର ୪ଜଣ ସହଯୋଗୀଙ୍କୁ ଅଜ୍ଞାତ ବ୍ୟକ୍ତିମାନେ ଗୁଳିକରି ହତ୍ୟା କରିଥିଲେ । ଏହି କାରଣରୁ କନ୍ଧମାଳରେ ସାମ୍ପ୍ରଦାୟିକ ଦଙ୍ଗା ବ୍ୟାପୀ ପ୍ରାୟ ୩୮ଜଣ ଲୋକ ପ୍ରାଣ ହରାଇଥିବାବେଳେ ଶତାଧିକ ଲୋକଙ୍କୁ ବାସହରା ହେବାକୁ ପଡ଼ିଥିଲା । ଜିଲ୍ଲା ପ୍ରଶାସନକୁ ସ୍ଥିତି ସ୍ୱାଭାବିକ କରିବା ପାଇଁ ସେତେବେଳେ ପ୍ରାୟ ୪୦ଦିନ କର୍ଫ୍ୟୁ ଜାରି କରିବାକୁ ପଡ଼ିଥିଲା । ରାଜ୍ୟ କ୍ରାଇମବ୍ରାଂଚ ଏହି ଘଟଣାର ତଦନ୍ତ କରିଥିଲା ଓ ପରେ ସରକାର ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ହତ୍ୟା ଓ କନ୍ଧମାଳ ଦଙ୍ଗା ମାମଲାର ବିଚାରବିଭାଗୀୟ ତଦନ୍ତ ନିର୍ଦ୍ଦେଶ ମଧ ଦେଇଥିଲେ । ଜଷ୍ଟିସ ଶରତ ଚନ୍ଦ୍ର ମହାପାତ୍ର ଓ ପରେ ଜଷ୍ଟିସ ଏଏସ୍ ନାଇଡୁଙ୍କ ଜଣିକିଆ କମିଶନ ନିଜର ତଦନ୍ତ ରିପୋର୍ଟକୁ ୨୦୧୫ ଡିସେମ୍ବର ମାସରେ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲେ । ଯାହାକି ଏବେବି ସରକାରଙ୍କ ପାଖରେ ରହିଛି ଓ ଏହାକୁ ସାର୍ବଜନୀନ କରାଯାଇନଥିବା ଜଣାପଡ଼ିଛି ।

### ଜୀବନ ସଂଗ୍ରାମରେ ଥିବା ବର୍ଷିୟାନ୍ ...

ଅଧ୍ୟକ୍ଷତା କରିଥିଲେ। ଉତ୍କଳ ସମ୍ମିଳନୀର ଜିଲ୍ଲା ସଂପାଦକ କବି ଡ. କାଳିପଦ ପଣ୍ଡା, ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ସଭାପତି ଇଂ. ବନମାଳୀ ନାୟକ, 'ପ୍ରତିଭାଶ୍ରୀ'ର ମୁଖ୍ୟ କବି ପ୍ରଶାନ୍ତ ଦାସ, 'ଧ୍ୱନିପ୍ରତିଧ୍ୱନି' ଦୈନିକ ସମ୍ବାଦପତ୍ରର ପ୍ରତିଷ୍ଠାତା ସୃଷ୍ଟିଧର ପରିଡ଼ା, ବରିଷ୍ଠ ନାଗରିକ ମଞ୍ଚର ଜିଲ୍ଲା ସଂପାଦକ ଦାମୋଦର ନାୟକ, ଡ. କ୍ଷିତୀଶ୍ୱର ଦାଶ, ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶ, 'ସମାଜ' ଉତ୍ତର ଓଡ଼ିଶା ସଂସ୍କରଣର ଡେସ୍କ ଇନ୍‌ଚାର୍ଯ୍ୟ ଶଶିରଞ୍ଜନ ମଲ୍ଲିକ୍ ଓ ଖଇରା ବରିଷ୍ଠ ନାଗରିକ ମଞ୍ଚର ସଂପାଦକ ମୁକ୍ତିକାନ୍ତ ଶତପଥୀ ପ୍ରମୁଖ ଅତିଥି ଓ ବକ୍ତାଭାବେ ଯୋଗଦେଇ ସମାଜରେ ଜନଗଣଙ୍କୁ ସେବା ଯୋଗାଇଆସୁଥିବା ସମାଜର ତଳପାହାଚର ବରିଷ୍ଠ ମଣିଷଙ୍କୁ ଚିହ୍ନଟ କରି ସେମାନଙ୍କର ବଞ୍ଚିରହିବାର ସଂଗ୍ରାମକୁ ସ୍ୱୀକୃତି ପ୍ରଦାନ କରିଥିବାରୁ ସଂଗଠନମାନଙ୍କ ପ୍ରୟାସକୁ ଓ ଖଇରା ବରିଷ୍ଠ ନାଗରିକ ମଞ୍ଚର ସଭାପତି ଶରତ କୁମାର ବିଶ୍ୱାଳଙ୍କ ଅବଦାନକୁ ସାଧୁବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମ ଅନ୍ୟ ସାମାଜିକ ସଂଗଠନମାନଙ୍କୁ ଏକ ନୂତନ ବାର୍ତ୍ତା ଦେବ ବୋଲି ସେମାନେ ଆଶା ପ୍ରକାଶ କରିଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ଶ୍ରୀଶ୍ରୀଜଗନ୍ନାଥଙ୍କ ବିଗ୍ରହରେ ଅତିଥିମାନେ ପୁଷ୍ପପ୍ରଦାନ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ ଓ ସଂଜୟ ପଣ୍ଡା ବେଦ ପାଠ କରିଥିଲେ। କଲ୍ୟାଣୀ ନନ୍ଦ ଓ ତାଙ୍କ ସାଥୀ ବାସନ୍ତୀ ଦେ, ଗୀତା ରାୟ, ପ୍ରଭାତି ପରିଡ଼ା, ପୁଷ୍ପ ଚକ୍ରବର୍ତ୍ତୀ, ଗୀତାଞ୍ଜଳି ଶତପଥୀ, ଅର୍ଚ୍ଚନା କର ଓ ଗୁରୁ ଲକ୍ଷ୍ମୀଧର ଜେନା 'ବନ୍ଦେ ଉତ୍କଳ ଜନନୀ' ସଂଗୀତ ଓ ଜଗନ୍ନାଥାଷ୍ଟକ ଗାନ କରିଥିଲେ। ସାମାଜିକ କର୍ମୀ ଗୌରାଙ୍ଗ ପାଣିଗ୍ରାହୀ ମଞ୍ଚଆହ୍ୱାନ କରିଥିବାବେଳେ ଶରତ କୁମାର ବିଶ୍ୱାଳ ଅତିଥିମାନଙ୍କ ପରିଚୟ ପ୍ରଦାନ କରି ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ସର୍ବଶ୍ରୀ ବସନ୍ତ କୁମାର ନାୟକ, ବୀରେନ୍ଦ୍ର ମହାନ୍ତ, ଦେବେନ୍ଦ୍ର ନାଥ ଚୌଧୁରୀ, ଭବେଶ ପଣ୍ଡା, ପୁରୁଷୋତ୍ତମ ବେହେରା, କ୍ଷେତ୍ରମୋହନ ନାୟକ, ଅନାମ ଚରଣ ପଣ୍ଡା, ଅରୁଣ କୁମାର ସ୍ୱାଇଁ ଓ ଅବନ୍ତୀ ମାଝୀ ପ୍ରମୁଖ ସହାୟତା କରିଥିଲେ। ଅଧ୍ୟାପକ ବସନ୍ତ କୁମାର ଖିଲାର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ମଙ୍ଗଳବାର, ୨୭ ଅଗଷ୍ଟ , ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଏକଲ ଅଭିଯାନର ବନଯାତ୍ରା ପର୍ବ

ଉଦଳା , ୨୪/୮ (ନି.ପ୍ର): ବନବନ୍ଧୁ ପରିଷଦ ଦ୍ୱାରା ପରିଚାଳିତ ଏକଲ ଅଭିଯାନର ବନଯାତ୍ରା ପର୍ବ ଚଳିତ ଅଗଷ୍ଟ ୨୪ ତାରିଖ ଶନିବାର ଓ ୨୫ ତାରିଖ ରବିବାର ୨ ଦିନ ଧରି ଅନୁଷ୍ଠିତ ହୋଇ ଯାଇଛି । ବନବନ୍ଧୁ ପରିଷଦର ଭୁବନେଶ୍ୱର ଚେପ୍ଟରରୁ ଶ୍ରୀରାମ ଅଗ୍ରୱାଲଙ୍କ ନେତୃତ୍ୱରେ ବିକାଶ ଅଗ୍ରୱାଲ, ନିବେଦିତା ଅଗ୍ରୱାଲ, ମଂଜୁଶ୍ରୀ ସାହୁ, ସୁଦର୍ଶନ ସାହୁ, ପ୍ରଦ୍ୟୁମ୍ନ ଗୁୟାଁ, ସୁଶାନ୍ତ ମିଶ୍ର, ଚିନ୍ମୟ ନାୟକ ମୋଟ ୮ ଜଣ ଭାଇ ଭଉଣୀ ଏହି ବନଯାତ୍ରାରେ ଅଂଶ ଗ୍ରହଣ କରିଥିଲେ । ବାରିପଦା ଅଂଚଳ, ଉଦଳା କେନ୍ଦ୍ର ଅଧିନରେ ବିଭିନ୍ନ ସ୍ଥାନରେ ପରିଚାଳିତ ଏକଲ ଅଭିଯାନର ବିଦ୍ୟାଳୟ ଗୁଡ଼ିକ କିପରି ଚାଲିଛି ଓ ଏଠାରେ ସତସଙ୍ଗ କିଭଳି ଅନୁଷ୍ଠିତ ହେଉଛି ଏହା ପରିଦର୍ଶନ କରିଥିଲେ । ଅଂଚଳ ସମିତିର ସଭାପତି ମନୋରଂଜନ ମଲିକ, ସମ୍ପାଦିକା ନମିତା ରାଉତ, ସମ୍ଭାଗ ସଦସ୍ୟ ଗୋପୀନାଥ ଜେନା, ଉଦଳା ଏନଏସି ଅଧକ୍ଷା ପ୍ରମିଳା ପଣ୍ଡା, ଅଂଚଳ ଅଭିଯାନ ପ୍ରମୁଖ ଦୁର୍ଯ୍ୟଧନ ମହାନ୍ତ, ବେଣୁଧର କଂଟାବାଉଁଶିଆ, ଗୀତା ପ୍ରଭାସିନି ପାଢ଼ୀ ପ୍ରମୁଖ ବନଯାତ୍ରା କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସହଯୋଗ କରିଥିଲେ । ବିଭିନ୍ନ ସ୍ଥାନ ପରିଦର୍ଶନ କରିବା ସମୟରେ ଏ ଅଂଚଳର ମାହାତ୍ମ୍ୟ, ସ୍ୱାଧିନତା ଆନ୍ଦୋଳନରେ ଏଠାକାର ଭୂମିକା କିପରି ଥିଲା ଇତ୍ୟାଦି ବିଷୟରେ ବନଯାତ୍ରାରେ ଅଂଶଗ୍ରହଣ କରିଥିବା ଭାଇ ଭଉଣୀ ମାନେ ବିସ୍ତୃତ ତଥ୍ୟ



ସଂଗ୍ରହ କରିଥିଲେ । ଯାହାକି ତାଙ୍କୁ ଖୁବ୍ ଆନନ୍ଦ ଦେଇଥିଲା ବୋଲି ଶେଷରେ ତାଙ୍କ ନିଜ ନିଜର ଅନୁଭବ କଥନ ସମୟରେ ବ୍ୟକ୍ତ କରିଥିଲେ। ସୁକେଶ ବେହେରା ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସୁବ୍ରତ କୁମାର ମହାନ୍ତି କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

# ୨ଭାଇଙ୍କୁ ମାଡିମାରି ସୁନାଗହଣା ଲୁଟିନେଲେ ଦୁର୍ବୃତ୍ତ

ଖଇରା, ୨୬/୮ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ତରାଙ୍ଗ ଗ୍ରାମର ୨ଭାଇ ଭଦ୍ରକରୁ ଘରକୁ ଫେରୁଥିବା ବେଳେ ୪ଜଣ ଦୁବୃତ୍ତ ମାଡମାରି ପିନ୍ଧା ଗହଣା ଓ ମୋବାଇଲ ଲୁଟି ନେଇଥିବା ନେଇ ଖଇରା ଥାନାରେ ଅଭିଯୋଗ ହୋଇଛି । ଗ୍ରାମର ଗଦାଧର ବେହେରା ଖଇରା ଥାନାରେ ଦେଇଥିବା ଲିଖିତ ଅଭିଯୋଗ ଅନୁଯାୟୀ ତାଙ୍କ ପୁଅ ରାକେଶ ଓ ପୁତୁରା ସୁଦର୍ଶନ ରବିବାର ରାତିରେ ବାଇକ ଯୋଗେ ଭଦ୍ରକ ରୁ ଘରକୁ ଫେରୁଥିବା ବେଳେ ବକ୍ରେଶ୍ୱର ପୋଲ ନିକଟରେ ୪ଜଣ ବ୍ୟକ୍ତି ୨ଟି ଗାଡିରେ ଆସି ନିସ୍ତୁକ ମାଡ ମାରି ଚେନ,ମୁଦି ଓ ମୋବାଇଲ ଛାଡଇନେଇଥିଲେ । ରାକେଶକୁ ଖଇରା ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି । ଆଇଆଇସି ଗୟାଧର ବେହେରାଙ୍କୁ ପଚାରିବାରେ ପୁର୍ବଶତ୍ରୁତାକୁ ନେଇ ଏହି ଘଟଣା ଘଟିଥିବା ସନ୍ଦେହ କରାଯାଉଛି । ଅଭିଯୁକ୍ତ ମାନଙ୍କୁ ଗିରଫ ପରେ ସତ୍ୟାସତ୍ୟ ଜଣାପଡିବ ବୋଲି କହିଛନ୍ତି ।



ଓଡ଼ିଶାର ସ୍ୱନାମଧନ୍ୟ ଦୈନିକ ସମ୍ବାଦପତ୍ର 'ଧ୍ୱନି ପ୍ରତିଧ୍ୱନି' ର ୩୫ ତମ ବାର୍ଷିକ ଉତ୍ସବ ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀ ଓ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା । ଧ୍ୱନି ପ୍ରତିଧ୍ୱନିର ଚଲାପଥ କୁସୁମିତ ହେଉ ଏହାହିଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

ବସନ୍ତ କୁମାର ରାଉତ

ନିଶାମଣି ସରକାରୀ ଉଚ୍ଚ ବିଦ୍ୟାଳୟ, ପ୍ରତାପପୁର

ସିଆରସିସି -କଉମାରୀ କ୍ଲଷ୍ଟର

ଦୈନିକ ଖବରକାଗଜ ଧ୍ୱନି ପ୍ରତିଧ୍ୱନିର ବାର୍ଷିକ ଉତ୍ସବ ପାଳନ ଅବସରରେ ବାଲିଆପାଳ ବ୍ଲକର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇବା ସହିତ ବାଲିଆପାଳ ବ୍ଲକ ଅଞ୍ଚଳରେ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟରେ ସହଯୋଗ କାମନା କରୁଛି ।

ସୁନିଲ୍ କୁମାର ଦାସ

କନିଷ୍ଠ ଯନ୍ତ୍ରୀ ପୂର୍ତ୍ତ ବିଭାଗ ବାଲିଆପାଳ

# କରୁଣାସିକ୍ତ ଭାବନା କର୍ମକୁ ସତ୍‌କର୍ମ କରିଥାଏ

## ପ୍ରତିଭାବାନ ସଂଗୀତ ନିର୍ଦ୍ଦେଶକ ବିଜୟ ବେହେରାଙ୍କୁ 'କରୁଣା ସମ୍ମାନ : ୨୦୨୪'

ବାଲେଶ୍ୱର, ୨୪/୮ (ନି.ପ୍ର): ଗ୍ରାମାଞ୍ଚଳର ଜଣେ କରୁଣା ନାମକ ଦୃଷ୍ଟିହୀନ ସଂଗୀତ ଶିଳ୍ପୀର ସ୍ମୃତି ଓ ସମ୍ମାନାର୍ଥେ ୧୫ବର୍ଷ ପୂର୍ବେ ପ୍ରତିଷ୍ଠା ହୋଇଥିବା ଶ୍ରଦ୍ଧା ଓ ଦୃଷ୍ଟିହୀନଙ୍କୁ ମାନସିକ ଆନନ୍ଦ ପ୍ରଦାନ ପାଇଁ ନୀରବ ପ୍ରୟାସ କରୁଥିବା ସମ୍ବେଦନଶୀଳତାର ମଧୁର ମୂର୍ଚ୍ଛନା 'କରୁଣା'ର ଉତ୍ସବ 'ସମ୍ବେଦନା' ଆତିଥ୍ୟ ସମ୍ମିଳନୀ କକ୍ଷରେ ଏକ ଭାବମୟ ପରିବେଶ ଭିତରେ ଅନୁଷ୍ଠିତ ହୋଇଯାଇଅଛି । 'କରୁଣା'ର ପ୍ରତିଷ୍ଠାତା କବି ପ୍ରଶାନ୍ତ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବକୁ ପ୍ରତିଭାବାନ ଦୃଷ୍ଟିହୀନ ସଂଗୀତ ନିର୍ଦ୍ଦେଶକ ବିଜୟ ବେହେରା ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟିତ କରିଥିଲେ। ୧୨ବର୍ଷ ପୂର୍ବେ ପ୍ରଥମ ବର୍ଷ 'କରୁଣା' ଉତ୍ସବରେ ପରିବେଶିତ ହୋଇଥିବା କୃଷ୍ଣଭକ୍ତି ସଂଗୀତର ଏକ ପ୍ରଯୋଜିତ କ୍ୟାସେଟ୍‌କୁ ଦୃଷ୍ଟିହୀନ କଣ୍ଠଶିଳ୍ପୀ ଗୌରାଙ୍ଗ ପାତ୍ର ଉନ୍ମୋଚିତ



କରିଥିଲେ। 'କରୁଣା' ପରିବାର ସଦସ୍ୟ ରତିକାନ୍ତ ପଣ୍ଡା ଏହି କୃଷ୍ଣ ସଂଗୀତକୁ ନିର୍ଦ୍ଦେଶନା ଦେଇଥିବାବେଳେ ମଞ୍ଚରେ ଦୃଷ୍ଟିହୀନ ଶିଳ୍ପୀ ଗୌରାଙ୍ଗ ପାତ୍ର, କୁମାର ବିଶ୍ୱଜିତ୍ ଓ ଶ୍ୱେତାଲିସା ଶୁଭଦର୍ଶିନୀ କୃଷ୍ଣ ସଂଗୀତ ପରିବେଷଣ କରିଥିଲେ। ପ୍ରତି 'କରୁଣା' ଉତ୍ସବରେ ରାଜ୍ୟର ଜଣେ ଦୃଷ୍ଟିହୀନ ପ୍ରତିଭାବାନ ବ୍ୟକ୍ତିତ୍ୱଙ୍କୁ କରୁଣା ସମ୍ମାନ ପ୍ରଦାନ କରାଯାଏ। ଚଳିତବର୍ଷ ସଂଗୀତ ନିର୍ଦ୍ଦେଶକ ବିଜୟ ବେହେରାଙ୍କୁ 'କରୁଣା ସମ୍ମାନ-୨୦୨୪' ପ୍ରଦାନ କରାଯାଇଥିଲା। ସମ୍ମାନ ଗ୍ରହଣ କରି ଶ୍ରୀ ବେହେରା ଅନୁଭବର କଥା ରଖିବା ସହ ଏକ ସଂଗୀତ ପରିବେଷଣ କରିଥିଲେ। ଶ୍ରଦ୍ଧା, ସମ୍ବେଦନଶୀଳତା ଓ କରୁଣା ଜୀବନକୁ ବିକଶିତ କରେ। ଏହି କରୁଣା ଭାବରେ ଭାବମୟ ହୋଇଥିବା କେନ୍ଦ୍ରୀୟ ବିଦ୍ୟାଳୟର ୬ଷ୍ଠ ଶ୍ରେଣୀର ଛାତ୍ରୀ ଏସ୍.ଏନ୍. ଲିପ୍‌ସାଙ୍କୁ 'କରୁଣା ଆଶୀଷ-୨୦୨୪' ଅତିଥିମାନେ ପ୍ରଦାନ କରି ତା'ର ସୁନ୍ଦର ଭବିଷ୍ୟତର କାମନା କରିଥିଲେ। ପ୍ରାରମ୍ଭରେ ଆବାହକ ବିପ୍ଳବ ଦାସ ମହାପାତ୍ର, ସଂଯୋଜକ ପାର୍ଥସାରଥୀ ସାହୁ ଓ ରାଜେଶ ଗିରି ପ୍ରଥମ କଥା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶ୍ରୀକୃଷ୍ଣଙ୍କୁ ସମର୍ପିତ ଉଦ୍‌ଘାଟନୀ ସମବେତ ସଂଗୀତକୁ 'ସ୍ୱରାଗିଣୀ' ଅନୁଷ୍ଠାନର ଶିଳ୍ପୀଗଣ ମୋନାଲିସା ମହାନ୍ତିଙ୍କ ପରିଚାଳନାରେ ଗାନ କରିଥିଲେ। ଉତ୍ସବରେ ଅତିଥିଭାବେ କୃଷ୍ଣପ୍ରେମୀ ଗାୟତ୍ରୀ ଆଚାର୍ଯ୍ୟ, ସୁଜାତା ଦାସ ଓ ଅମରଜିତ୍ ଦାସ ଯୋଗଦାନ କରି ବକ୍ତବ୍ୟ ରଖିଥିଲେ ଯେ କରୁଣାସିକ୍ତ ଭାବନା ପ୍ରତି କର୍ମକୁ ସତ୍‌କର୍ମ କରିଥାଏ ଓ ଭାବ, ଭକ୍ତି ମନରେ ପରମଦିବ୍ୟତା ଜନ୍ମ ଦେଇଥାଏ। ସ୍ୱତନ୍ତ୍ର ଅତିଥିଭାବେ ଆଇନଜୀବୀ ପର୍ଶୁରାମ ପ୍ରଧାନ ଓ ସୁଲଗ୍ନା ଶିକ୍ଷା ସମୂହ ଅନୁଷ୍ଠାନର ଚେୟାରମ୍ୟାନ୍ ଘନଶ୍ୟାମ ବିଶ୍ୱାଳ ଓ ଶଶିରଞ୍ଜନ ମଲ୍ଲିକ ଯୋଗଦେଇ ଶ୍ରଦ୍ଧା ଓ ପ୍ରେମଭାବ ଦିବ୍ୟାଙ୍ଗର ମନରେ ଶକ୍ତି ସଂଚାରଣ କରେ ବୋଲି କହିଥିଲେ। ସଦସ୍ୟା ରଶ୍ମି ସ୍ୱାଇଁ ଓ ରୋଜାଲିନ୍ ଶତପଥୀ ପରିଚୟ ଓ ମାନପତ୍ର ପଠନ କରିଥିବାବେଳେ ପାର୍ଥସାରଥୀ ସାହୁ, ପ୍ରତିମା ତ୍ରିପାଠୀ ଓ ସରସ୍ୱତୀ ଭୋଇ ସମ୍ବର୍ଦ୍ଧନା ଉତ୍ସବକୁ ପରିଚାଳନା କରିଥିଲେ। ପ୍ରେୟସୀ ମହାପାତ୍ର, ରଞ୍ଜନା ଘୋଷ, ରଶ୍ମିତା ଆଚାର୍ଯ୍ୟ ଓ ନନ୍ଦିତା ନାୟକ କୃଷ୍ଣବନ୍ଦନାରେ ସହଯୋଗ କରିଥିଲେ। 'ନୃତ୍ୟାୟନ'ର ପ୍ରତିଷ୍ଠାତା ଗୁରୁ ପ୍ରଦୀପ ବେହେରାଙ୍କ ପରିଚାଳନାରେ ଶିଳ୍ପୀଗଣ ଏକ ସୁନ୍ଦର କୃଷ୍ଣନୃତ୍ୟ ପରିବେଷଣ କରିଥିଲେ। ମଧୁସୂଦନ ମିଶ୍ର, ଜୀବନଜ୍ୟୋତି ସ୍ୱାଇଁ, ଶୁଭ୍ରାଂଶୁ ପଣ୍ଡା, ସଞ୍ଜୀବ ନାୟକ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅଜୟ ଗୁହ ଧନ୍ୟବାଦ ଅର୍ପଣ କରିଥିଲେ।

# ଜାତୀୟ ସେବା ଯୋଜନା ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ବାଲିଆପାଳ ୨୬/୮( ନି ପ୍ର ): ଜାମଶୂଳୀ ସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜ ଜାତୀୟ ସେବା ଯୋଜନା ପକ୍ଷରୁ ରବିବାର ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରୋଗ୍ରାମ ଅଫିସର ଅଧ୍ୟାପକ ନଗେନ୍ଦ୍ର ନାଥ ପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଅଭିଯାନରେ କଲେଜର ବରିଷ୍ଠ ଅଧ୍ୟାପକ ଡ଼ଃ ସୁକାନ୍ତ କୁମାର ଗିରି,ଓଡିଶା ରକ୍ତ ଦାତା ସଂଗଠନ ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ, ଫକୀର ମୋହନ ବିଶ୍ୱ ବିଦ୍ୟାଳୟର ଜିଲ୍ଲା ପ୍ରୋଗ୍ରାମ ଅଫିସର ପ୍ରାଧ୍ୟାପକ ଗୌରାଙ୍ଗ ପଣ୍ଡା, ବିଶ୍ୱ ବିଦ୍ୟାଳୟର ଏନ ଏସ ଏସ ର ସେକ୍ସନ ଅଫିସର ତାପସ କୁମାର ପାତ୍ର ପ୍ରମୁଖ ଯୋଗ ଦେଇ ବୃକ୍ଷ ରୋପଣ ର



ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ଏନ ଏସ ଏସ ମହିଳା ୟୁନିଟର ପ୍ରୋଗ୍ରାମ ଅଫିସର ମିତା ରାଣୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।ପରେ ପରେ କଲେଜ ପରିସରରେ ବଉଳ, ନଡ଼ିଆ, ନିମ୍ବ ଗଛ ଚାରା ରୋପଣ କରାଯାଇଥିଲା।

DSPL-81

ଡେଙ୍ଗୁ ପ୍ରତିରୋଧ ଓ ନିୟନ୍ତ୍ରଣ

ସଚେତନତା ଅଭିଯାନ

୧ ଅଗଷ୍ଟ - ୩୦ ସେପ୍ଟେମ୍ବର ୨୦୨୪





- ବର୍ଷାଦିନେ ଡେଙ୍ଗୁ ରୋଗର ପ୍ରାଦୁର୍ଭାବ ଅଧିକ । ଡେଙ୍ଗୁ ରୋଗର ବାହକ ଏଡିସ୍ ମଶା ଘର ମଧ୍ୟରେ ବା ଘର ନିକଟରେ କୌଣସି ସ୍ଥାନରେ ଜମିଥିବା ପରିଷ୍କାର ତଥା ସ୍ୱଚ୍ଛ ପାଣିରେ ଡିମ୍ବ ଦିଏ ।
- ଏହି ମଶା ସକାଳ ଓ ସନ୍ଧ୍ୟା ସମୟ ଏବଂ ଦିନ ବେଳେ ମଧ୍ୟ କାମୁଡିଥାଏ ।
- ଡେଙ୍ଗୁ ପ୍ରତିରୋଧ ପାଇଁ ଘରେ ଥିବା ବିଭିନ୍ନ ପାତ୍ର ଏବଂ ଫୁଲକୁଣ୍ଡ ଆଦିରେ କିମ୍ବା ଘର ଚାରିପାଖରେ ଜମି ରହୁଥିବା ପାଣିକୁ ଅନ୍ତତଃ ୨/୩ ଦିନରେ ନିଷ୍କାସନ କରିଦିଅନ୍ତୁ ।
- ଦିନ ହେଉ ବା ରାତି, ଶୋଇବା ବେଳେ ମଶାରି ବ୍ୟବହାର କରନ୍ତୁ ।
- ଜ୍ୱର, ଗଣ୍ଠିବିନ୍ଧା, ଆଖିରେ ଯନ୍ତ୍ରଣା ହେଲେ ତୁରନ୍ତ ଡେଙ୍ଗୁ ପରୀକ୍ଷା କରି ଚିକିତ୍ସା କରନ୍ତୁ ।

ସରକାରୀ ଡାକ୍ତରଖାନାରେ ଡେଙ୍ଗୁ ରୋଗୀଙ୍କ ପାଇଁ ପରୀକ୍ଷା ଓ ଚିକିତ୍ସା ବିନାଦେୟରେ ଉପଲବ୍ଧ ।

facebook.com/HFWOdisha http://www.health.odisha.gov.in/ @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

OIPR: 10003/13/0064/2425

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀଙ୍କ ଦ୍ୱାରା ଜନ୍ମାଷ୍ଟମୀ ପାଳିତ

ନୀଳଗିରି, ୨୪/୮ (ନି.ପ୍ର): ପବିତ୍ର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ କୁ ସାରା ଭାରତବର୍ଷରେ ସନାତନ ହିନ୍ଦୁ ସଂସ୍କୃତିର ମହାନ ପର୍ବ ଭାବରେ ପାଳିତ ହେଉଥିବାବେଳେ ବାଲେଶ୍ୱର ଜିଲ୍ଲା ନୀଳଗିରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର କୁନି କୁନି ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଏକ ନିଆରା ଢଙ୍ଗରେ ଜନ୍ମାଷ୍ଟମୀ କୁ ପାଳନ କରାଯାଇଛି । ସକାଳ ୮ ଘଟିକା ସମୟରେ ବିଦ୍ୟାର୍ଥୀ ମାନେ କୃଷ୍ଣ, ବଳରାମ, ରାଧା, ସୁଦାମା, ବାସୁଦେବ, ଦେବକୀ, ଯଶୋଦା, ଗୋପ ବାସି ରୂପରେ ସଜେଇହୋଇ ଜଗନ୍ନାଥ ମନ୍ଦିର ପରିକ୍ରମା କରିବାପରେ ନୀଳଗିରି ବଜାର ପରିକ୍ରମା କରିଥିଲେ । ପରିକ୍ରମା



ସମୟରେ ବିଭିନ୍ନ ଛକ ରେ ପିଲା ମାନଙ୍କୁ ସ୍ୱାଗତ କରାଯିବା ସହିତ ପୂଜାର୍ଚ୍ଚନା ମଧ କରାଯାଇଥିଲା । ଯେମିତି ପ୍ରତ୍ୟକ୍ଷ ଭାବେ ପ୍ରଭୁ କୃଷ୍ଣ ବଳରାମ ଙ୍କୁ ସମସ୍ତେ ଦେଖିପାରୁଛନ୍ତି । ଏଭଳି କାର୍ଯ୍ୟକ୍ରମରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାମନ୍ଦିରର ପ୍ରଧାନ ଗୁରୁଜୀ ଜୟକୃଷ୍ଣ ବାରିକ, ସମସ୍ତ ସହକାରୀ ଗୁରୁଜୀ, ଗୁରୁ ମା, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ପଦାଧିକାରୀ, ଅଭିଭାବକ କାର୍ଯ୍ୟକ୍ରମ ରେ ସାମିଲ ଥିଲେ ।

# ଜାତୀୟ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅନ୍ତର୍ଗତ ଠିକା କର୍ମଚାରୀ ସଂଘର ବୈଠକ



ବାରିପଦା , ୨୪/୮ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ବାରିପଦା ଠାରେ ଓଡ଼ିଶା ପରିବର୍ତ୍ତୀତ ଜାତୀୟ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମର ଠିକା କର୍ମଚାରୀ ସଂଘ ତରଫରୁ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଏସଟିଏସ ମାନଙ୍କର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯାଇ, ପ୍ରଧାନ ମନ୍ତ୍ରୀ ୨୦୨୫ ସୁଦ୍ଧା ଟିବି ମୁକ୍ତ ଭାରତ ନିମନ୍ତେ ଘୋଷଣା କରିଥିଲେ ମଧ ଯକ୍ଷ୍ମା କାର୍ଯ୍ୟକ୍ରମରେ ୨୦୦୪ ମସିହାରୁ ଅଦ୍ୟାବଧି ଦୀର୍ଘ ୨୦ ବର୍ଷ ଧରି ବିନା ରିସ୍କ ଏଲାଉନ୍ସରେ କାର୍ଯ୍ୟ କରିଆସୁଥିଲେ ମଧ ଏସଟିଏସ ମାନେ ଅଦ୍ୟାବଧି ନିୟମିତ ହୋଇପାରି ନାହାନ୍ତି ଏବଂ ଯକ୍ଷ୍ମା ଭଳି ଏକ ମାରାତ୍ମକ ବାୟୁ ବାହିତ ରୋଗରେ ନିଃସ୍ୱାର୍ଥପର ଭାବରେ କାର୍ଯ୍ୟ କରିଆସୁଛନ୍ତି. ଏସଟିଏସ ମାନେ ଏହି କାର୍ଯ୍ୟକ୍ରମରେ କାର୍ଯ୍ୟ କରି ଯକ୍ଷ୍ମା ରୋଗରେ ପୀଡିତ ହେବା ସହିତ ମୃତ୍ୟୁବରଣ କରିବାର ଦୃଷ୍ଟାନ୍ତ ମଧ ରହିଛି । ତେବେ ୨୦୦୪ ରୁ ୨୦୧୪ ମସିହା ପର୍ଯ୍ୟନ୍ତ ବିନା କୌଣସି ଚୁକ୍ତିନାମା ଏବଂ ବୀନା କୌଣସି ଦିନ ବିରତିରେ କାର୍ଯ୍ୟ କରିଆସୁଥିଲେ ମଧ ସରକାରୀ ଯୋଜନା ଅନୁଯାଇ ସେମାନଙ୍କୁ ନିୟମିତ ନକରି ୨୦୧୪ ମସିହା ପରଠାରୁ ଏନଏଚଏମ ଓଡିଶାର ନିର୍ଦ୍ଦେଶକ୍ରମେ ଚୁକ୍ତିନାମା ଏବଂ ଏକ ଦିନର ବିରତି ପରି କୁପ୍ରଥା ଅତି ଦୁର୍ଭାଗ୍ୟ ଜନକ ବୋଲି ସଭାପତି ଜୟ ପ୍ରକାଶ ବେହେରା କହିଥିଲେ। ବୈଠକରେ ରାଜ୍ୟର ୨୫ଟି ଜିଲ୍ଲା ଅଂଶଗ୍ରହଣ କରିଥିବା ବେଳେ, ଏସଟିଏସ ମାନଙ୍କର ସର୍ବସମ୍ମତି କ୍ରମେ ରାଜ୍ୟ ସଂଘର ନୂତନ କର୍ମକର୍ତା ନିର୍ବାଚିତ କରାଯାଇ ସଭାପତି ଭାବରେ ଜୟ ପ୍ରକାଶ ବେହେରା, ଉପସଭାପତି ପୁଷ୍ପିତା ପଟ୍ଟନାୟକ, ସନ୍ତୋଷ କୁମାର ପଣ୍ଡା ଓ ବିଶ୍ୱଜିତ ବାରିକ, ସମ୍ପାଦକ ଶେଷଦେବ ନାୟକ, ସହ ସମ୍ପାଦକ ଜ୍ଞାନ ରଞ୍ଜନ ଲେଙ୍କା ଓ ଜ୍ୟୋତିର୍ମୟୀ ମହାପାତ୍ର, କୋଷଧକ୍ଷ ପ୍ରିୟରଞ୍ଜନ ପଣ୍ଡା, ସଂଯୋଜକ ସସ୍ମିତା ଜେନା, ଚନ୍ଦ୍ରଶେଖର ମିଶ୍ର ଓ ପ୍ରିୟବ୍ରତ ତ୍ରିପାଠୀ, ଉପଦେଷ୍ଟା ମନୋରଞ୍ଜନ ଗୋଚ୍ଛି, ଶତ୍ରୁଘ୍ନ ସାହୁ, ଆମୋଦ ଚନ୍ଦ୍ର ଗୋଲାପ, ସନ୍ତୋଷ କୁମାର ଭୋଇ, ସୁରେଶ କୁମାର ସାହୁ, ବସନ୍ତ କୁମାର ସାହୁ, ସତ୍ୟଜିତ ଜ୍ୟୋତି, ଅଜିତ କୁମାର ବେହେରା ଓ ଚିନ୍ମୟ କୁମାର ମହନ୍ତଙ୍କୁ ନିର୍ବାଚିତ କରାଯାଇଥିବାର ଜଣାଯାଇଛି. ସଂଘ ପକ୍ଷରୁ ଉପରୋକ୍ତ ଦାବି ଗୁଡିକ ବାବଦରେ ମୁଖ୍ୟ ମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ତଥା ବିଧାନ ସଭାର ସମସ୍ତ ସଦସ୍ୟ ମାନଙ୍କୁ ଲିଖିତ ଆକାରରେ ଜଣାଇ ଥିଲେ ମଧ ଦାବୀ ପୂରଣ ହୋଇ ନଥିବାରୁ ତୁରନ୍ତ ଦାବୀ ପୂରଣ ନହେଲେ ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo